# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଅକ୍ଟୋବର ୪/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Rayagada, Sunday, October 4/2020 | ★

୧୦ମ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବିପର୍ଯ୍ୟୟ ସୃଷ୍ଟି କଲେ ଅଲ୍ଟମେର୍**

ଫ୍ରେଞ୍ଚ ଓପନ୍ ଟେନିସ ତୃତୀୟ ରାଉଣ୍ଡରେ ଇଟାଲୀର ମାଟେଓ ବେରେଟିନିଙ୍କୁ ପରାସ୍ତ କରି ଜର୍ମାନୀ କ୍ୱାଲିଫାୟର ଡାନିଏଲ ଅଲ୍ଟମେର୍ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

୧୨

୦୨

**ପୁଅଙ୍କୁ ଦିଆଯାଉ ଉତ୍ତମ ସଂସ୍କାର**

ଅନୁଷ୍କା ଶର୍ମା ହାଥରସ୍ ବଳାତ୍କାର ବିରୋଧରେ ମୁହଁ ଖୋଲିଛନ୍ତି । ଅଭିଭାବକମାନେ ପୁଅମାନଙ୍କୁ ସଂସ୍କାର ଶିଖାଇବା ଜରୁରୀ ।








# ବିଧାନସଭାରେ ହାଥ୍‌ରସ ଝଡ଼

## କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ପ୍ରଧାନମନ୍ତ୍ରୀ, ୟୁପି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି
- ଗୃହ ସମୟ ବରବାଦ ହୋଇଛି: ଭାଜପା
- କୋଭିଡ୍ ସମୟରେ ଆଲୋଚନା ନ କରି ହଟ୍ଟଗୋଳ କରିବା ଉଚିତ ନୁହେଁ: ଶାସକ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଉତ୍ତରପ୍ରଦେଶ ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ବିଧାନସଭା ହୁଲସ୍ଥୁଲ। ଶନିବାର କଂଗ୍ରେସ ସଭ୍ୟମାନେ ଏହି ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହୋ ହଲ୍ଲା କରିଛନ୍ତି । ଏଥିସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମାଡ଼ ମରାଯିବା ଓ ପ୍ରିୟଙ୍କାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନକୁ ବିରୋଧ କରି କଂଗ୍ରେସ ସଭ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ଏହାର ପ୍ରତିବାଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ନାରାବାଜି ଦେଇଥିଲେ। କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଫଳରେ ପ୍ରଥମ ପର୍ଯ୍ୟାୟ ଗୃହ କାର୍ଯ୍ୟ ବରବାଦ ହୋଇଥିଲା।

ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ହାଥ୍‌ରସ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ରାହୁଲ ଗାନ୍ଧୀଙ୍କୁ ପୋଲିସ ମାଡ଼ ମାରିବା ଓ ଠେଲିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପ୍ରଧାନମନ୍ତ୍ରୀ ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଗଣତନ୍ତ୍ର ହତ୍ୟାକାରୀ ବୋଲି ସେ କହିଥିଲେ। ☞ପୃଷ୍ଠା-୯



## ପୀଡ଼ିତାଙ୍କ ପରିବାରକୁ ଭେଟିଲେ ରାହୁଲ, ପ୍ରିୟଙ୍କା

**ହାଥ୍‌ରସ୍ ଗଣବଳାତ୍କାର ମାମଲାର ସିବିଆଇ ତଦନ୍ତ ସୁପାରିସ**

- ନ୍ୟାୟ ଦେବାକୁ ଲଢ଼େଇ ଜାରି ରହିବ: ପ୍ରିୟଙ୍କା

ହାଥରସ୍/ନୂଆଦିଲ୍ଲୀ, ୩।୧୦ (ପି.ଟି.)

ଉତ୍ତରପ୍ରଦେଶ ହାଥରସ୍ ଗଣବଳାତ୍କାର ପୀଡ଼ିତାଙ୍କ ପରିବାରକୁ ଶନିବାର ସନ୍ଧ୍ୟାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ଭଉଣୀ ତଥା ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭେଟିଛନ୍ତି। ☞ପୃଷ୍ଠା-୯

## ପ୍ରଦୀପ ମହାରଥୀ ଗୁରୁତର



- ପରିବାର ସହ କଥା ହେଲେ ମୁଖ୍ୟମନ୍ତ୍ରୀ
- ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଡାକ୍ତରଙ୍କୁ ପରାମର୍ଶ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇପଡ଼ିଛି। ସେ ଗତ ୧୪ ତାରିଖରେ କରୋନା ସଂକ୍ରମିତ ଥିବା ଜଣାପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସମ୍ ଅଲଟିମେଟ ମେଡିକେୟାରରେ ଭର୍ତ୍ତି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମହାରଥୀଙ୍କ ପରିବାର ସଦସ୍ୟଙ୍କ ସହ ଟେଲିଫୋନ ଯୋଗେ ସ୍ୱାସ୍ଥ୍ୟ କଥା ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ମହାରଥୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶୀଘ୍ର ଆରୋଗ୍ୟ ପାଇଁ ସମସ୍ତ ପ୍ରକାର ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମହାରଥୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଅନୁରୋଧ କରିଛନ୍ତି।

## ଯାଞ୍ଚ ହେବ କୋଭିଡ୍ ହସ୍ପିଟାଲ ସ୍ଥିତି

**କୋଭିଡ୍ ପରିଚାଳନା ନେଇ ବାଚସ୍ପତିଙ୍କ ରୁଲିଂ**

- ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ବିଧାନସଭାରେ କୋଭିଡ୍ ପରିଚାଳନା ଅବ୍ୟବସ୍ଥା ପ୍ରସଙ୍ଗ ବାରମ୍ବାର ଉଠିବା ପରେ ଶନିବାର ଏନେଇ ବାଚସ୍ପତି ରୁଲିଂ ଦେଇଛନ୍ତି। ଏଣିକି କୋଭିଡ୍ ହସ୍ପିଟାଲଗୁଡ଼ିକର ସ୍ଥିତି ଯାଞ୍ଚ କରାଯିବ। ହସ୍ପିଟାଲଗୁଡ଼ିକରେ କିଭଳି କୋଭିଡ୍ ପରିଚାଳନା ହେଉଛି ତାହାର ତଦାରଖ ପାଇଁ ବିଭାଗୀୟ ମନ୍ତ୍ରୀ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ସ୍ଥିତି ପରଖିବେ। ଉଭୟ ଘରୋଇ ଓ ସରକାରୀ ହସ୍ପିଟାଲକୁ ଯାଞ୍ଚ କରିବାକୁ ବାଚସ୍ପତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ କରୋନା ପରିଚାଳନାରେ ଅବ୍ୟବସ୍ଥା ଓ ବିଭିନ୍ନ ହସ୍ପିଟାଲରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ଥିବା ଭାଜପା ଓ କଂଗ୍ରେସ ପକ୍ଷରୁ ବିଧାନସଭା ଆରମ୍ଭରୁ ଅଭିଯୋଗ ହୋଇଆସୁଛି। ଶନିବାର ଏ ପ୍ରସଙ୍ଗ ପୁଣିଥରେ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଥିଲେ, ରାଜ୍ୟରେ କୋଭିଡ୍-୧୯ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଉଛି। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସ୍ୱେଚ୍ଛାଚାରୀ କ୍ଷମତା**

**ଆଜିର ମନ୍ତବ୍ୟ**

"ହାଥ୍‌ରସ ପୀଡ଼ିତା ପରିବାରକୁ ସିଆର୍‌ପିଏଫ୍ ସୁରକ୍ଷା ଯୋଗାଇ ଦେବାକୁ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛି।

-ପ୍ରିୟଙ୍କା ଚତୁର୍ବେଦୀ, ଶିବସେନା ମୁଖପାତ୍ର




# ସୁଧ ଉପରେ ଲାଗିବନି ସୁଧ

**ମୋରାଟୋରିୟମ**

- ୨ କୋଟି ପର୍ଯ୍ୟନ୍ତ ଋଣରେ ଲାଗୁ ହେବ
- ସତ୍ୟପାଠ ଦେଇ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର
- ଏମ୍‌ଏସ୍‌ଏମ୍‌ଇକୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ,୩।୧୦

ଋଣ ନେଇଥିବା ବ୍ୟକ୍ତିବିଶେଷ ଏବଂ ଏମ୍‌ଏସ୍‌ଏମ୍‌ଇକୁ କେନ୍ଦ୍ର ସରକାର ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ଋଣ, ଶିକ୍ଷା ଋଣ, ବାସଗୃହ ଋଣ, କଞ୍ଜ୍ୟୁମର ଡ୍ୟୁରେବଲ ଋଣ, କ୍ରେଡିଟ କାର୍ଡ ଦେୟ, ଗାଡି ଋଣ, ବ୍ୟକ୍ତିଗତ ଏବଂ ବୃତ୍ତିଗତ ଋଣ ଭଳି ଋଣ କ୍ଷେତ୍ରରେ ଲାଗିବନି ସୁଧ ଉପରେ ସୁଧ (ଚକ୍ରବୃଦ୍ଧି ସୁଧ)। ୨ କୋଟି ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତି ବିଶେଷ ଏବଂ ସଂସ୍ଥା ଏହାର ଲାଭ ଉଠାଇପାରିବେ। ଏନେଇ କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ଶନିବାର ସୁପ୍ରିମ୍‌କୋର୍ଟ ଜଣାଇଛନ୍ତି। କୋଭିଡ୍-୧୯ ଯୋଗୁ ଋଣ କିସ୍ତି ପଇଠ ଲାଗି ସରକାର ମୋରାଟୋରିୟମ ସୁବିଧା ଘୋଷଣା କରିଥିଲେ। କିନ୍ତୁ ଏହି ସମୟରେ ବ୍ୟାଙ୍କଗୁଡ଼ିକ ସୁଧ ଉପରେ ସୁଧ ଲାଗୁ କରିବା ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିବା ବେଳେ ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରୁଛନ୍ତି। ଶନିବାର ଶୁଣାଣି ବେଳେ ସରକାର ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଏ ପ୍ରସଙ୍ଗରେ ନିଜର ପକ୍ଷ ସ୍ପଷ୍ଟ କରିଛନ୍ତି। ମୋରାଟୋରିୟମ ଅବଧିର ୬ ମାସରେ ସୁଧ ଉପରେ ସୁଧ ଛାଡ କରିବା ଲାଗି ପ୍ରସ୍ତୁତ ଥିବା ସରକାର କହିଛନ୍ତି।

୨ କୋଟିରୁ ଅଧିକ ଋଣ ରହିଥିଲେ ଏହି ସୁବିଧାର ଲାଭ ମିଳିବ ନାହିଁ। ମାର୍ଚ୍ଚଠାରୁ ଅଗଷ୍ଟ ପର୍ଯ୍ୟନ୍ତ ବକେୟା ରାଶି ପଇଠ କରିଥିବା ଲୋକମାନେ ମଧ୍ୟ ଏହାର ଲାଭ ପାଇବେ। କର୍ପୋରେଟକୁ ଏହି ସୁବିଧାଠାରୁ ଦୂରରେ ରଖାଯାଇଛି। ସରକାର ସର୍ବୋଚ୍ଚ ☞ପୃଷ୍ଠା-୯

# ଲଘୁଚାପ: ୭ ଯାଏ ବର୍ଷା



- ଲଗାଣବର୍ଷା ଯୋଗୁ ଜନଜୀବନ ପ୍ରଭାବିତ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏଥିସହିତ ଛତିଶଗଡ଼ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଶନିବାର ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଲାଗିରହିଛି। କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଯାଜପୁର, ଅନୁଗୋଳ, ଢେଙ୍କାନାଳ ଜିଲାରେ ଦୁହାକୁ ଦୁହା ବର୍ଷା ଲାଗିରହିଛି। ଲଗାଣବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, ଗଞ୍ଜାମ, ଅନୁଗୋଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଗଜପତି, ରାୟଗଡ଼ା, ବୌଦ୍ଧ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୪ ତାରିଖ ସକାଳୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ଗଞ୍ଜାମ, କୋରାପୁଟ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର, ବୌଦ୍ଧ, ଅନୁଗୋଳ, କଟକ, ଦେବଗଡ଼, ଗଜପତି ଏବଂ ସୁବର୍ଣ୍ଣପୁର ଜିଲାରେ ☞ପୃଷ୍ଠା-୯

# ଅଟଳ ଟନେଲ ଲୋକାର୍ପିତ

- ବିଶ୍ୱର ସର୍ବବୃହତ୍ ରାଜପଥ ଟନେଲ
- ୨୦୦୨ରେ ଶିଳାନ୍ୟାସ କରିଥିଲେ ବାଜପେୟୀ
- ୩ ହଜାର ୩ ଶହ କୋଟି ବ୍ୟୟରେ ୯.୨ କି.ମି. ସୁଡଙ୍ଗ
- ଦୂରତା ହ୍ରାସ ପାଇଲା ୪୬ କି.ମି.
- ଯାତ୍ରା ସମୟ କମିଲା ୪ରୁ ୫ ଘଣ୍ଟା
- ରହିଛି ଇଲେକ୍ଟ୍ରୋ-ମେକାନିକାଲ ସୁରକ୍ଷା ବ୍ୟବସ୍ଥା
- ପ୍ରତି ୨୫ ମିଟରରେ ପ୍ରସ୍ଥାନ ସଙ୍କେତ

ରୋହତଙ୍ଗ (ହିମାଚଳ ପ୍ରଦେଶ), ୩।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଦୀର୍ଘତମ ରାଜପଥ ସୁଡଙ୍ଗ ଅଟଳ ଟନେଲକୁ ଶନିବାର ରୋହତଙ୍ଗଠାରେ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ୯.୨ କିଲୋମିଟର ଲମ୍ୱ ଏହି ସୁଡଙ୍ଗ ପଥ ମନାଲି ଓ ଲାହୁଲ-ସ୍ପିତି ଉପତ୍ୟକାକୁ ବର୍ଷସାରା ସଂଯୋଗ କରିବ। ପ୍ରବଳ ତୁଷାରପାତ ଯୋଗୁ ଏହି ଉପତ୍ୟକା ବର୍ଷକରେ ପ୍ରାୟ ୬ ମାସ ବାହ୍ୟଜଗତରୁ ବିଚ୍ଛିନ୍ନ ରହୁଥିଲା। ହିମାଳୟର ପୀର-ପଞ୍ଜାଲ ପର୍ବତମାଳାର ସମୁଦ୍ରପତ୍ତନଠାରୁ ୧୦ ହଜାର ଫୁଟ୍ ଉଚ୍ଚତାରେ ଏହି ଅତ୍ୟାଧୁନିକ ସୁଡଙ୍ଗ ପଥ ନିର୍ମାଣ କରାଯାଇଛି। ଏହା ଫଳରେ ମନାଲିରୁ ଲେହ ମଧ୍ୟରେ ଦୂରତା ୪୬ କି.ମି. ହ୍ରାସ ପାଇବା ସହ ଯାତ୍ରା ସମୟ ୪ରୁ ୫ ଘଣ୍ଟା କମିବ। ଅତ୍ୟାଧୁନିକ ଅଗ୍ନିନିର୍ବାପକ ନିୟନ୍ତ୍ରଣ ପଦ୍ଧତି ସହ ଇଲେକ୍ଟ୍ରୋ ମେକାନିକାଲ ସୁରକ୍ଷା ବ୍ୟବସ୍ଥା ଏହି ସୁଡଙ୍ଗରେ କରାଯାଇଛି।

୩ ହଜାର ୩ ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଟନେଲ ଦେଶର ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ବର୍ଡର ରୋଡ୍ ଅର୍ଗାନାଇଜେଶନ (ବିଆରଓ) ଓ ଅନ୍ୟ ☞ପୃଷ୍ଠା-୯






ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅଟଳ ଟନେଲର ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

**ଗଲୱାନ ଶହୀଦଙ୍କ ପାଇଁ ସ୍ମୃତି ସ୍ମାରକୀ**

ଗଲୱାନ ଉପତ୍ୟକାରେ ଜୁନ୍ ୧୫ରେ ସଂଘର୍ଷରେ ୨୦ ଜଣ ଭାରତୀୟ ଯବାନ ଶହୀଦ୍ ହୋଇଥିଲେ। ସେମାନଙ୍କ ସ୍ମୃତିରେ ଏକ ଶହୀଦ ସ୍ମାରକୀ ନିର୍ମାଣ କରାଯାଇଛି। ଏଥିରେ ସମସ୍ତ ଶହୀଦ୍ ଯବାନଙ୍କ ନାମ ଏବଂ ସେମାନଙ୍କର ରେଜିମେଣ୍ଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହା ଲଦାଖର ଦୁର୍ବୁକ୍-ଶ୍ୟୋକ୍-ଦୌଲତ୍ ବେଗ୍ ଓଲ୍ଡି ନିକଟରେ ଥିବା କେଏମ୍-୧୨୦ ପୋଷ୍ଟଠାରେ ନିର୍ମିତ ହୋଇଛି।

**ହାଥ୍ରସ ଗଣବଳାତ୍କାର ଓ ହତ୍ୟା ଘଟଣା**

# ଦେଶବ୍ୟାପୀ ବିକ୍ଷୋଭ, ପ୍ରତିବାଦ

**ନୂଆଦିଲ୍ଲୀ,୩।୧୦:** ଉତ୍ତରପ୍ରଦେଶର ହାଥ୍ରସରେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ, ପ୍ରତିବାଦ ଜାରି ରହିଛି।

### କୋଲକାତା ରାଲିରେ ଭାଜପା ବିରୋଧରେ ବର୍ଷିଲେ ମମତା

ଶନିବାର କୋଲକାତାରେ ଘଟଣାକୁ ନେଇ ଟିଏମ୍‌ସି ପକ୍ଷରୁ ବିକ୍ଷୋଭ ରାଲି କରାଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସମର୍ଥକମାନେ କୋଲକାତାର ବିର୍ଲା ପ୍ଲାନେଟାରିୟମ୍‌ଠାରୁ ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରି ପ୍ରତିବାଦ କରିଥିଲେ। ମମତା ଭାଜପା ଓ ଯୋଗୀ ସରକାରଙ୍କୁ ସମାଲୋଚନା କରିବା ସହ ଦଳିତ ଭାଇ ଭଉଣୀଙ୍କ ସହ ଆମେ ଅଛୁ ବୋଲି କହିଛନ୍ତି। ଏକଚ୍ଛତ୍ରବାଦ ବିରୋଧରେ ସ୍ୱର ଉଠାଯିବ ବୋଲି ରାଲିକୁ ସମ୍ବୋଧନ କରି ମମତା ପ୍ରକାଶ କରିଛନ୍ତି।

### ମାୟାବତୀଙ୍କ ସିବିଆଇ ତଦନ୍ତ ଦାବି

ହାଥ୍ରସ ଗଣବଳାତ୍କାର ଓ ହତ୍ୟା ଘଟଣାରେ ବିଏସ୍‌ପି ଅଧ୍ୟକ୍ଷ ମାୟାବତୀ ସିବିଆଇ ତଦନ୍ତ ଲାଗି ଶନିବାର ଦାବି କରିଛନ୍ତି। ଏହା ପୂର୍ବରୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବିଦାକରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରିକରିବା ଲାଗି ସେ ଦାବି କରିଥିଲେ। ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ଲୋକମାନେ ସନ୍ତୁଷ୍ଟ ନ ଥିବାରୁ ଏହାର ତଦନ୍ତ ସିବିଆଇ କିମ୍ବା ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଗଲେ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ ଟୁଇଟ୍ କରି କହିଛନ୍ତି।

### ସ୍ମୃତି ଇରାନିଙ୍କ ଗାଡ଼ି ଅଟକାଇ କଂଗ୍ରେସର ବିକ୍ଷୋଭ

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ବାରାଣସୀ ଯିବା ବାଟରେ କଂଗ୍ରେସ କର୍ମକର୍ତ୍ତାମାନେ ତାଙ୍କ ଗାଡ଼ି ଅଟକାଇ ବିକ୍ଷୋଭ କରିଛନ୍ତି। ହାଥ୍ରାସ ଗଣବଳାତ୍କାର ଓ ହତ୍ୟା ମାମଲାକୁ ନେଇ ସେମାନେ ସରକାରୀ ବିରୋଧୀ ସ୍ଲୋଗାନ ଦେବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଓ ମହିଳାଙ୍କୁ ସୁରକ୍ଷା ଦେବା ଲାଗି ଦାବି କରିଛନ୍ତି।

### ପୁଣି ଯୁବତୀଙ୍କୁ ବଳାତ୍କାର

ଉତ୍ତରପ୍ରଦେଶର ବାଲିଆ ଅନ୍ତର୍ଗତ ସିକନ୍ଦରପୁର ଥାନା ଅଞ୍ଚଳରେ ଜଣେ ଯୁବତୀ (୧୫)ଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଶନିବାର ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୀଡ଼ିତାଙ୍କୁ ରସ୍‌ରା ବସ୍‌ଷ୍ଟାଣ୍ଡ ନିକଟରୁ ଉଦ୍ଧାର କରାଯାଇ ଜିଲା ହସ୍ପିଟାଲକୁ ପଠାଯାଇଛି। ଏହି ଘଟଣାରେ ୨୩ ବର୍ଷୀୟ ଆସିଫ୍‌ଙ୍କୁ ଗିରଫ କରାଯାଇଥିବା ସିକନ୍ଦରପୁର ଏସ୍‌ଏଚ୍‌ଓ ଅମରଜିତ୍ ଯାଦବ ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ପ୍ରକାଶ।



ହାଥ୍ରସ ପୀଡ଼ିତା ପରିବାରକୁ ଭେଟିବାକୁ ଯିବା ଲାଗି ଦିଲ୍ଲୀ-ନଏଡା ସୀମାରେ ରାହୁଲ ଗାନ୍ଧୀଙ୍କ ସହ ଥିବା କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ଘଉଡ଼ାଯାଉଛି।

# ଆର୍ମି ହସ୍ପିଟାଲରେ ଟ୍ରମ୍ପ



- ସୁସ୍ଥ ଥିବା ଟୁଇଟ୍ କରି ଜଣାଇଲେ
- ହସ୍ପିଟାଲରେ କରିବେ ସରକାରୀ କାର୍ଯ୍ୟ
- ଭର୍ଚୁଆଲ ହେବ ତାଙ୍କ ନିର୍ବାଚନ ପ୍ରଚାର

**ୱାଶିଂଟନ,୩।୧୦**

କୋଭିଡ୍‌ରେ ସଂକ୍ରମିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶୁକ୍ରବାର ସନ୍ଧ୍ୟାରେ ୱାଶିଂଟନ ବାହାରେ ଥିବା ୱାଲ୍ଟର ରିଡ୍ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ପରୀକ୍ଷଣାତ୍ମକ କୋଭିଡ୍ ଚିକିତ୍ସା କରାଯାଉଥିବାବେଳେ ସେ ସୁସ୍ଥ ଥିବା ନେଇ ୧୮ ସେକେଣ୍ଡର ଭିଡିଓ ରେକର୍ଡିଂ ଟୁଇଟ୍ କରି ଜଣାଇଛନ୍ତି। କରୋନା ପଜିଟିଭ ଥିବା ତାଙ୍କ ସ୍ତ୍ରୀ ମେଲାନିଆ ମଧ୍ୟ ଭଲ ଥିବା ସେ ଜଣାଇଛନ୍ତି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେଲି ମ୍ୟାକନା କହିଛନ୍ତି ଯେ, ମେଡିକାଲ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଟ୍ରମ୍ପ ଆର୍ମି ହସ୍ପିଟାଲରେ କିଛିଦିନ ସରକାରୀ କାର୍ଯ୍ୟ କରିବେ। ୭୪ ବର୍ଷୀୟ ଟ୍ରମ୍ପଙ୍କଠାରେ କରୋନାର ସାମାନ୍ୟ ଲକ୍ଷଣ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଯେଭଳି ଗୁରୁତର ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଇ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। କରୋନା ମାମଲାଗୁଡ଼ିକୁ ଦେଖିଲେ, ବୟସ ଓ ମେଦବହୁଳତା ଯୋଗୁ ଟ୍ରମ୍ପ 'ଅଧିକ ବିପଦ ବର୍ଗ'ରେ ଅଛନ୍ତି। ଅନ୍ୟପକ୍ଷରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଟ୍ରମ୍ପଙ୍କ ପାଇଁ ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହେବା ଆଗରେ ଏକପ୍ରକାର ସଙ୍କଟ ଭାବେ ଉଭା ହୋଇଛି। ନଭେମ୍ବର ୩ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବିଡେନ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଏଭଳିସ୍ଥଳେ ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାର ଗୁରୁତର ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଟ୍ରମ୍ପଙ୍କ କ୍ୟାମ୍ପେନ ମ୍ୟାନେଜର କହିଛନ୍ତି ଯେ, ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ପ୍ରାୟତଃ ସ୍ଥଗିତ ରହିବ କିମ୍ବା ଭର୍ଚୁଆଲ ହେବ। ସେହିପରି ମେଲାନିଆଙ୍କ ସହ ଜଡ଼ିତ କେତେକ କାର୍ଯ୍ୟକ୍ରମ ମଧ୍ୟ ସ୍ଥଗିତ ରଖାଯାଇଛି। ଏଥିରୁ ଅକ୍ଟୋବର ୧୫ରେ ଟ୍ରମ୍ପ-ବିଡେନଙ୍କ ମଧ୍ୟରେ ଦ୍ୱିତୀୟ ବିତର୍କ କାର୍ଯ୍ୟକ୍ରମ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଉପରାଷ୍ଟ୍ରପତି ମାଇକ ପେନ୍ସ ନିର୍ବାଚନ ପ୍ରଚାର ଜାରି ରଖିବେ ବୋଲି ଜଣାପଡ଼ିଛି। କାରଣ ତାଙ୍କର କୋଭିଡ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ରହିଛି।

# ସୁଶାନ୍ତଙ୍କୁ ହତ୍ୟା କରାଯାଇ ନାହିଁ: ଏମ୍ସ

- ସିବିଆଇକୁ ରିପୋର୍ଟ ଦେଲା ଡାକ୍ତରୀ ପ୍ୟାନେଲ
- ସୋସିଆଲ ମିଡିଆରେ ନ୍ୟାୟ ମାଗିଲେ ଶ୍ୱେତା

**ନୂଆଦିଲ୍ଲୀ, ୩।୧୦**



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଦିଲ୍ଲୀସ୍ଥିତ ଅଲ୍‌ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଏକ ଡାକ୍ତରୀ ପ୍ୟାନେଲ ସିବିଆଇକୁ ରିପୋର୍ଟ ପ୍ରଦାନ କରିଛି। ସୁଶାନ୍ତଙ୍କୁ ଗଳାଚିପି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ରିପୋର୍ଟରେ ଏହାକୁ ଖାରଜ କରାଯାଇଛି। ଫାଶୀ ଲଗାଇବା ପରେ ଶ୍ୱାସରୁଦ୍ଧ ହୋଇ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ସ୍ପଷ୍ଟ କରାଯାଇଛି, ଯାହା ଏହି ବଲିଉଡ୍ ଷ୍ଟାରଙ୍କ ଆତ୍ମହତ୍ୟାକୁ ଅଧିକ ଦୃଢ଼ୀଭୂତ କରିଛି। ଅନ୍ୟପଟେ ଏମ୍ସର ଏହି ରିପୋର୍ଟ ପରେ ସୁଶାନ୍ତଙ୍କ ଭଉଣୀ ଶ୍ୱେତା ସିଂ କୀର୍ତ୍ତି ଭାଇଙ୍କୁ ନ୍ୟାୟ ଦେବାକୁ ସୋସିଆଲ ମିଡିଆରେ ଗୁହାରି କରିଛନ୍ତି।

ଜୁନ୍ ୧୪ରେ ଏହି ୩୪ ବର୍ଷୀୟ ସିନେ ତାରକାଙ୍କ ମୃତଦେହ ମୁମ୍ବାଇସ୍ଥିତ ବାସଭବନରୁ ଉଦ୍ଧାର କରାଯାଇଥିଲା। ଏହାପରେ ବ୍ୟବଚ୍ଛେଦ ରିପୋର୍ଟରୁ ସତ୍ୟାସତ୍ୟ ଜାଣିବାକୁ ଦିଲ୍ଲୀ ଏମ୍ସର ସହାୟତା ନେଇଥିଲା ସିବିଆଇ। ଏମ୍ସ ପକ୍ଷରୁ ଯାଞ୍ଚ ଶେଷ ହେବା ସହ ଏ ସମ୍ପର୍କିତ ଫାଇଲ ବନ୍ଦ କରିଦିଆଯାଇଛି। ମୁମ୍ବାଇର କୁପର ହସ୍ପିଟାଲ ବ୍ୟବଚ୍ଛେଦ ରିପୋର୍ଟ ଉପରେ ସହମତି ଜାହିର କରିଛନ୍ତି ଏମ୍ସ ଡାକ୍ତରୀଦଳ। ଏହାର ଆଧାରରେ ପରବର୍ତ୍ତୀ ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆତ୍ମହତ୍ୟା ଉପରେ ଫୋକସ କରି ସିବିଆଇ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ାଇବା ଏକ ପ୍ରକାର ସ୍ପଷ୍ଟ ହୋଇଛି।

# ଆର୍‌ଜେଡି ୧୪୪ ଆସନରେ ଲଢ଼ିବ

**ବିହାର ନିର୍ବାଚନ**

- ତେଜସ୍ୱୀ ଯାଦବ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ
- ବିହାରରେ ସାନଭାଇ ଭୂମିକା ନେଲା କଂଗ୍ରେସ

**ପାଟନା,୩।୧୦**

ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ଏକାକୀ ୧୪୪ ଆସନରେ ଲଢ଼ିବ। ବିରୋଧୀ ମହାମେଣ୍ଟରୁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ୨୪୩ ଆସନରୁ କଂଗ୍ରେସ ୭୦, ବାମଦଳ ୨୯ ଆସନରେ ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି। ଜେଏମ୍‌ଏମ୍ ଆର୍‌ଜେଡି କୋଟାରୁ କେତୋଟି ଆସନ ନେବ ବୋଲି ପ୍ରକାଶ କରାଯାଇଛି। ଗୁରୁବାରଠାରୁ ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବାବେଳେ ଶନିବାର ମହାମେଣ୍ଟରେ ଆସନ ବୁଝାମଣା ସମ୍ପର୍କରେ ଘୋଷଣା କରାଯାଇଛି।

ଅକ୍ଟୋବର ୮ ପ୍ରଥମ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଆସନ ଭାଗବଣ୍ଟାକୁ ନେଇ ଅସନ୍ତୋଷ ପ୍ରକାଶକରିବା ସହ ଛୋଟ ଦଳ 'ଭିଆଇପି ପାର୍ଟି'ର ନେତା ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟ ଭୋଟ ୨୮ତାରିଖରେ ହେବାକୁ ଥିବାବେଳେ ୭୧ ଆସନରେ ମତଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ନଭେମ୍ବର ୩ ଓ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ନଭେମ୍ବର ୭ରେ କରାଯିବ। ଫଳାଫଳ ନଭେମ୍ବର ୧୦ରେ ପ୍ରକାଶ ପାଇବ।

ଏନ୍‌ଡିଏ ପକ୍ଷରୁ ଏପର୍ଯ୍ୟନ୍ତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ନ ଥିବାବେଳେ ଖୁବ୍‌ଶୀଘ୍ର ଏହିକାର୍ଯ୍ୟ ଶେଷ କରାଯିବ ବୋଲି କୁହାଯାଇଛି। କୃଷି ଆଇନ, ପ୍ରବାସୀ ଶ୍ରମିକ, କରୋନା ପରିଚାଳନା, ବନ୍ୟାରେ ବିଫଳତା ଆଦିକୁ ବିରୋଧୀ ମହାମେଣ୍ଟ ପ୍ରସଙ୍ଗ କରି ଜନମତ ଲୋଡୁଥିବା ଜଣାପଡ଼ିଛି।

### ଆର୍‌ଜେଡିରେ ବିହାର ବିଏସ୍‌ପି ଅଧ୍ୟକ୍ଷ



ତେଜସ୍ୱୀ ଯାଦବ ଭାରତ ବିନ୍ଦ୍

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜ୍ୟର ବିଏସ୍‌ପି ଅଧ୍ୟକ୍ଷ ଭାରତ ବିନ୍ଦ୍ ଦଳ ଛାଡ଼ି ଶନିବାର ଆର୍‌ଜେଡିରେ ଯୋଗଦେଇଛନ୍ତି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ତାଙ୍କୁ ସ୍ୱାଗତକରିବା ସହ ଦଳୀୟ ସଦସ୍ୟତା ପ୍ରଦାନ କରିଛନ୍ତି। ଟୁଇଟରରେ ସେ ବିନ୍ଦ୍‌ଙ୍କ ଫଟୋ ଜାରିକରି ଯୁବ ବିରୋଧୀ ଏନ୍‌ଡିଏକୁ ବିଦାକରିବା ଲାଗି ଆର୍‌ଜେଡିରେ ସେ ଯୋଗଦେଇଥିବା ଯାଦବ ଉଲ୍ଲେଖ କରିଛନ୍ତି। ଆର୍‌ଏଲ୍‌ଏସ୍‌ପି ନେତା ଉପେନ୍ଦ୍ର କୁଶ୍‌ୱାହଙ୍କ ନେତୃତ୍ୱରେ ଗଠିତ ୩ ଦଳିଆ ମେଣ୍ଟରେ ବିଏସ୍‌ପି ସାମିଲ ହୋଇଛି। ଏହି ମେଣ୍ଟ ଏନ୍‌ଡିଏ ଓ ବିହାର ମହାମେଣ୍ଟ ବିରୋଧରେ ଲଢୁଛି। ପ୍ରକାଶଯୋଗ୍ୟ, ୨୦୧୦ରେ ଲାଲୁପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ଆର୍‌ଜେଡିକୁ ବିଏସ୍‌ପିର ୩ ବିଧାୟକ ଚାଲିଯାଇଥିଲେ।

## ଫୁର୍‌ସତ୍

# ଭ୍ୟାକେଶନ୍‌ର ନୂଆ ଟ୍ରେଣ୍ଡ ୱାର୍କେସନ

**ଡେରାଡୁନ୍(ଉତ୍ତରାଖଣ୍ଡ):** କରୋନା ପରିସ୍ଥିତିରେ ଅଧିକାଂଶ ଲୋକ ଘରେ ରହି କାମ କରୁଛନ୍ତି। ହେଲେ ଦୀର୍ଘଦିନ ଧରି ଚାରିକାନ୍ଥ ମଧ୍ୟରେ ରହି ସମସ୍ତେ ବୋର୍ ହୋଇଗଲେଣି। ଏଭଳି ପରିସ୍ଥିତିରେ ଯଦି ପାହାଡ଼ିଆ ଅଞ୍ଚଳର ଶାନ୍ତ, ସବୁଜ ଓ ମନୋରମ ପରିବେଶ ତଥା କୌଣସି ହିଲ୍‌ଷ୍ଟେଶନରେ କାମ କରିବାକୁ ସୁଯୋଗ ମିଳେ, କିଏ ବା ପସନ୍ଦ ନ କରିବ। ଉତ୍ତରାଖଣ୍ଡ ପର୍ଯ୍ୟଟନ ବିଭାଗ ସାମାଜିକ ଦୂରତା ପାଳନ ସହ ଏଭଳି 'ୱାର୍କେସନ' ସୁବିଧା ଯୋଗାଇ ଦେଉଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ପାହାଡ଼ ଉପରେ ନିର୍ମିତ କିଛି 'ହୋମ୍ ଷ୍ଟେସ୍'ର ତାଲିକା ପ୍ରସ୍ତୁତ କରିଛି। ସେଠାକୁ ଯାଇ ଲୋକେ ପ୍ରାକୃତିକ ପରିବେଶ ମଧ୍ୟରେ ଆନନ୍ଦର ସହ କାମ କରିପାରିବେ। ଉତ୍ତରାଖଣ୍ଡ ପର୍ଯ୍ୟଟନ ବିଭାଗର ସଚିବ ଦିଲୀପ ଜାବଲ୍‌କରଙ୍କ କହିବା ହେଲା ୱାର୍କେସନ ହେଉଛି ଭ୍ୟାକେସନ୍(ଛୁଟି)ର ନୂଆ ଟ୍ରେଣ୍ଡ। ଲୋକେ ଘରେ ବସି କାମ କରିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ମଧ୍ୟ ଛୁଟି ଆବଶ୍ୟକ। ତେଣୁ କିଛିଦିନ ଏଭଳି ସ୍ଥାନରେ ରହି ଖୁସିର ସହ କାମ କରିପାରିବେ ବୋଲି ସେ କହିଛନ୍ତି। ରାଜ୍ୟର ଜିମ୍ କରବେଟ୍, ଲାନ୍ସଡାଉନ୍, ମସୌରି, କାଉସାନି, ଡେରାଡୁନ୍, ନୈନିତାଲ, ଆଲ୍‌ମୋରା ଆଦି ସ୍ଥାନରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଭଳି ବିଭିନ୍ନ ହୋଟେଲ, ରିସୋର୍ଟ ଏବଂ ହୋମ୍ ଷ୍ଟେସ୍‌ରେ ରହିପାରିବେ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତଙ୍କୁ ସୁହାଇଲା ଭଳି ପ୍ୟାକେଜ୍‌ର ଅଫର ମଧ୍ୟ ରହିଛି। ଏଠାରେ ଜଣେ ଟ୍ରେକିଂ, ବାଇକିଂ, ବାର୍ଡ ୱାଚିଂ, ଷ୍ଟାରଗାଜିଂ ଭଳି ସୁବିଧାର ମଧ୍ୟ ଲାଭ ଉଠାଇପାରିବେ ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ବିଭାଗ ପକ୍ଷରୁ ଶୀଘ୍ର ଟୁରିଷ୍ଟ ଇନ୍‌ସେଣ୍ଟିଭ କୁପନ ଯୋଜନା ମଧ୍ୟ ଆରମ୍ଭ କରାଯିବ। ଏଥିରେ ପର୍ଯ୍ୟଟକଙ୍କୁ ସର୍ବନିମ୍ନ ୩ ଦିନର ହୋଟେଲ/ହୋମ୍ ଷ୍ଟେସ୍ ବୁକିଂ ଉପରେ ୩ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ମଧ୍ୟ ରହିବ ବୋଲି ଜଣାପଡ଼ିଛି।



ଉତ୍ତରାଖଣ୍ଡ ପର୍ଯ୍ୟଟନ ବିଭାଗର ୱାର୍କ ଫ୍ରମ୍ ହିଲ୍‌ଷ୍ଟେଶନ ସୁବିଧା

# 'ପୁଅମାନେ ସଂସ୍କାରୀ ହେବା ଜରୁରୀ'



ଅନୁଷ୍କା ଶର୍ମା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବେ ଖୁବ ଚର୍ଚ୍ଚାରେ। ସେ ବଲିଉଡ୍‌ରେ ଜଣେ ସଫଳ ଅଭିନେତ୍ରୀ ହୋଇଥିବାବେଳେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ଆଉ କିଛିଦିନ ପରେ ସେ ମା' ହେବାକୁ ଯାଉଥିବା ଖବର ଜଣାପଡ଼ିବା ପରେ ସେ ସୋସିଆଲ ମିଡିଆରେ ଆସିଯାଉଛନ୍ତି ଚର୍ଚ୍ଚାକୁ। ଏବେ ସାରା ଦେଶରେ ହାଥ୍ରସ ଗଣବଳାତ୍କର ମାମଲାକୁ ନେଇ ଆଲୋଚନା ସମାଲୋଚନା ଚାଲିଥିବାବେଳେ ଏହାକୁ ନେଇ ନିଜର ମତ ରଖିଛନ୍ତି ଅନୁଷ୍କା। ଇନ୍‌ଷ୍ଟା ମାଧ୍ୟମରେ ସେ କହିଛନ୍ତି, ଦିନକୁ ଦିନ ଦେଶରେ ବଳାତ୍କାର ମାମଲା ବଢ଼ିବାରେ ଲାଗିଛି। କେବେ ସେହି ସମୟ ଆସିବ ଯେତେବେଳେ ଦେଶରେ ଜଣେ ଯୁବତୀ ବା ନାରୀ ନିଜକୁ ସୁରକ୍ଷିତ ମଣିବ। ନିଜର ରାଗ ଦେଖାଇ ଅନୁଷ୍କା ସମାଜକୁ ସୁଧାରିବା ପାଇଁ ନିଜର ମତ ଶେୟାର କରିଛନ୍ତି । ଝିଅ-ପୁଅ ମଧ୍ୟରେ ଥିବା ପାର୍ଥକ୍ୟକୁ କମାଇବାକୁ ସେ ଲେଖିଛନ୍ତି। ପ୍ରଥମେ ମା'ମାନେ ପୁଅକୁ ସଂସ୍କାର ଶିଖାଇବା ଦରକାର। ଆମ ସମାଜରେ ପୁଅମାନଙ୍କର ଏକ ବିଶେଷ ଅଧିକାର ରହିଛି। କିନ୍ତୁ ଏମିତି କାହିଁକି। ଗୋଟିଏ ଝିଅକୁ କାହିଁକି ବିଶେଷ ଅଧିକାର ଦିଆ ନ ଯିବ। ଝିଅକୁ ଏବେ ପର୍ଯ୍ୟନ୍ତ ସମାଜରେ ଭିନ୍ନ ନଜରରେ ଦେଖାଯାଉଛି। ଝିଅମାନଙ୍କୁ ସମ୍ମାନ ଦେବା ଲାଗି ଅଭିଭାବକମାନେ ପୁଅଙ୍କୁ ଶିଷ୍ଟାଚାର ଶିଖାନ୍ତୁ ବୋଲି ଅନୁଷ୍କା ଲେଖିଛନ୍ତି। କେବଳ ବିଶେଷ ଅଧିକାର ଦେଇ ପୁଅମାନଙ୍କୁ ବିଗାଡ଼ି ଦିଅନ୍ତୁ ନାହିଁ।

# ଫାୟାର ଫାଇଟରଙ୍କ ସହ କଣ୍ଢେଇ





**ନୂଆଦିଲ୍ଲୀ:** ପିଲାମାନେ ସାଧାରଣତଃ ଖେଳନା ପ୍ରିୟ। ଖେଳନାଟିଏ ପାଇଲେ ସେମାନେ ସବୁ ଦୁଃଖ ଭୁଲି ଯାଆନ୍ତି। ବୋଧହୁଏ ସେଥିପାଇଁ ଏଇ ଖେଳନା ଦେଇ ସେମାନେ ସବୁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି। ଠିକ୍ ଏମିତି କିଛି କାମ କରି ଏବେ ଢେର୍ ଚର୍ଚ୍ଚିତ ହୋଇଛନ୍ତି ଆମେରିକାର ଏକ ୫ ବର୍ଷର ବାଳକ କାର୍ଭର।

ଆମେରିକା ଓରେଗାଓଁ ଅଞ୍ଚଳର ଏହି ୫ ବର୍ଷର ବାଳକଟି ଅଗ୍ନିଶ୍ରମ ବିଭାଗର କର୍ମଚାରୀଙ୍କୁ ଏକ କଣ୍ଢେଇ ଉପହାର ଦେଇ ସେମାନଙ୍କ କଷ୍ଟ ଲାଘବ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଥରେ ସେ ଏକ ଖେଳନା ଦୋକାନକୁ ଯାଇଥିବାବେଳେ ସେଠାରେ ଥିବା ଏକ କୁନି ବେବି କଣ୍ଢେଇ (ବେବି ଯୋଦ୍ଧା) ସାଙ୍ଗରେ କିଣି ଆଣିଥିଲେ। ଏହା ପରେ ସେ ଜେଜେମା'ଙ୍କ ସହିତ ଯାଇ ଫାୟାର ଫାଇଟରମାନଙ୍କ ପାଇଁ ଥିବା ଡୋନେସନ୍ ସେଣ୍ଟରରେ ସେହି ବେବି ଯୋଦ୍ଧାକୁ ଦାନ କରିଥିଲେ। ଏହି କଣ୍ଢେଇ ସହିତ କାର୍ଭର ଫାୟାର ଫାଇଟରମାନଙ୍କ ପାଇଁ ଏକ ଚିଠି ଲେଖିଥିଲେ। ଚିଠିରେ କହିଥିଲେ କି ଫାୟାର ଫାଇଟରମାନେ ମାସ ମାସ ଧରି ଘର ପରିବାରଠାରୁ ଦୂରରେ ଏକା ରହି ଯେଉଁ ଏକୁଟିଆପଣ ଅନୁଭବ କରୁଛନ୍ତି ତାକୁ ଏହି ବେବି ଯୋଦ୍ଧା ହିଁ ଦୂର କରିପାରିବ।

କୁନି ବାଳକଟିର ଏଭଳି ଉପହାର ଆଉ ଭାବପ୍ରବଣ ସୂଚନା ସତରେ ପ୍ରଭାବ ପକାଇ ପାରିଥିଲା। କାରଣ କାର୍ଭର ଦେଇଥିବା ଉପହାରକୁ ନେଇ ଫାୟାର ଫାଇଟରମାନେ ସବୁସ୍ଥାନକୁ ଯିବା ସହ ସେମାନଙ୍କ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଅଧିକାଂଶ ଫାୟାର ଫାଇଟର ବେବି ଯୋଦ୍ଧା ସହିତ ରହି ଅନେକାଂଶରେ ଏକୁଟିଆପଣରୁ ମୁକ୍ତ ରହିବା ସହିତ ଖୁସି ଅନୁଭବ କରିଥିବା କଥା ବି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହା ପରେ 'ବେବି ଯୋଦ୍ଧା ଫାଇଟ୍‌ସ ଫାୟାର' ନାମରେ ଫେସ୍‌ବୁକ୍‌ରେ ଏକ ସ୍ୱତନ୍ତ୍ର ପେଜ୍‌ରେ ଫାୟାର ଫାଇଟରମାନେ ନିଜ ନିଜ ଅନୁଭୂତି ଶେୟାର କରିବା ଆରମ୍ଭ କରିଛନ୍ତି, ଯାହା ଏବେ ଭାଇରାଲ ହେବାରେ ଲାଗିଛି। ଏତେ ଛୋଟ ବାଳକର ଏଭଳି ଏକ କ୍ଷୁଦ୍ର ପ୍ରୟାସ ଯେମିତି ମିରାକଲ୍ କରିଦେଇଛି ବୋଲି ସମସ୍ତେ ମତ ଦେଇଛନ୍ତି। ଏମିତି କି ଫାୟାର ଫାଇଟରମାନେ ସେମାନଙ୍କର ଟୁର୍ ସମୟରେ ବେବି ଯୋଦ୍ଧାକୁ ସାଙ୍ଗରେ ନେଇ ଯିବା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି।

# ୫୮ ବର୍ଷ ପରେ ୱେଡିଙ୍ଗ୍ ଫଟୋ ଶୁଟ୍

**ଥିରୁଭାନନ୍ତପୁରମ୍:** ପ୍ରି ୱେଡିଙ୍ଗ୍ ଆଉ ୱେଡିଙ୍ଗ୍ ଫଟୋ ଶୁଟ୍ କରିବା ଆଜିକାଲି ଆଧୁନିକ ଲାଇଫ୍ ଷ୍ଟାଇଲ୍‌ର ଏକ ଫ୍ୟାଶନ୍ ହୋଇଯାଇଛି। ସେଥିପାଇଁ ଭଲ ଡେଷ୍ଟିନେସନ୍‌କୁ ଯାଇ ଫଟୋ ଶୁଟ୍ କରି କପଲ୍‌ମାନେ ନିଜ ରୋମାଣ୍ଟିକ୍ ଜୀବନ ଆରମ୍ଭ କରିଥାନ୍ତି। କିନ୍ତୁ ବିବାହର ୫୮ ବର୍ଷ ପରେ ବି ୱେଡିଙ୍ଗ୍ ଫଟୋ ଶୁଟ୍ କରିଛନ୍ତି କେରଳର ଏକ ଦମ୍ପତି।

କେରଳର ଇଡ୍ଡୁକି ଜିଲାର ଚିନ୍ନାମା ଓ କୋଚୁକୁଟି ବିବାହର ୫୮ ବର୍ଷ ପରେ ୱେଡିଙ୍ଗ୍ ଫଟୋ ଶୁଟ୍ କରି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚିତ କପଲ୍ ହୋଇ ପାରିଛନ୍ତି। ଚିନ୍ନାମା ଓ କୋଚୁକୁଟିଙ୍କ ବିବାହ ଦିନର କୌଣସି ଫଟୋ ନ ଥିଲା। ସେଥିପାଇଁ ସେମାନେ ତାଙ୍କ ନାତି ନାତୁଣୀମାନଙ୍କୁ ସେହି ଅଭୁଲା ମୁହୂର୍ତ୍ତର ଫଟୋ ଦେଖାଇ ପାରି ନ ଥିଲେ। ସେମାନଙ୍କର ଏହି ଅଭାବ ପୂରଣ କରିବା ପାଇଁ ତାଙ୍କର ଜଣେ ନାତି ଏକ ସୁନ୍ଦର ଡେଷ୍ଟିନେସନରେ ସ୍ୱତନ୍ତ୍ର ଭାବରେ କରାଇଛନ୍ତି ୱେଡିଙ୍ଗ୍ ଫଟୋ ଶୁଟ୍। ଉଭୟଙ୍କୁ ସୁନ୍ଦର ଭାବରେ ବର ବଧୂ ବେଶରେ ସଜାଇ ଜଣେ ଫଟୋଗ୍ରାଫରଙ୍କୁ ଡାକି ୱେଡିଙ୍ଗ୍ ଫଟୋ ଶୁଟ୍ କରାଇଥିଲେ ଏବଂ ପରେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସୋସିଆଲ ମିଡିଆରେ ଏବେ ଏହି କପଲଙ୍କର ୱେଡିଙ୍ଗ୍ ଫଟୋ ଶୁଟ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ୱେଡିଙ୍ଗ୍ ଫଟୋ ଶୁଟ୍ ନିମନ୍ତେ ବୃଦ୍ଧ ଦମ୍ପତିଙ୍କ ଉତ୍ସାହକୁ ଲୋକେ ପ୍ରଶଂସା କରିଛନ୍ତି।



# ରେଷ୍ଟୁରାଣ୍ଟର ନାଁ ସୋନୁ ସୁଦ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ୍ ଏବେ ଲୋକଙ୍କୁ ନିରନ୍ତର ସାହାଯ୍ୟ ସହଯୋଗ କରିଆସୁଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି। ନିକଟରେ ସୋନୁ କରୋନା ମହାମାରୀ ସମୟରେ ଅସହାୟ ଲୋକଙ୍କୁ ସାହାଯ୍ୟ କରି 'ଏଡିଜି ସ୍ପେଶାଲ ହ୍ୟୁମାନିଟାରୀ ଆକ୍ସନ ଆୱାର୍ଡ' ପାଇଛନ୍ତି। ଏପରିକି ଲୋକମାନେ ସୋନୁଙ୍କୁ ଭଗବାନ ଭାବରେ ସମ୍ବୋଧନ କରୁଛନ୍ତି। ଆହୁରି ମଧ୍ୟ ଅନେକ ପ୍ରଶଂସକ ନିଜ ନିଜ ଢଙ୍ଗରେ ସୋନୁଙ୍କୁ ପ୍ରଶଂସା କରିବାକୁ ଆଦୌ କୁଣ୍ଠାବୋଧ କରୁନାହାନ୍ତି। ବର୍ତ୍ତମାନ ଜଣେ ବ୍ୟକ୍ତି ତାଙ୍କ ରେଷ୍ଟୁରାଣ୍ଟର ନାମ ସୋନୁ ସୁଦ ରଖିଛନ୍ତି। ଏହି ବ୍ୟକ୍ତିଙ୍କ କାର୍ଯ୍ୟରେ ସୋନୁ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସୋନୁଙ୍କୁ ଟ୍ୟାଗ୍ କରି ଜଣେ ୟୁଜର ଲେଖିଛନ୍ତି: 'ବେଗମ୍‌ପେଟ୍ ହାଇଦ୍ରାବାଦର ଅନିଲ କୁମାରଙ୍କୁ ଭେଟ। ସେ ଚାଇନିଜ୍ ନାମ ହଟାଇ ସୋନୁ ସୁଦ ସାର୍‌ଙ୍କ ନାମ ଏବଂ ଫଟୋ ରଖିଛନ୍ତି। ସେ ମୋତେ କହିଥିଲେ ଯେ, ମୁଁ ଭଗବାନଙ୍କୁ କେବେ ବିଶ୍ୱାସ କରେ ନାହିଁ। କିନ୍ତୁ ପ୍ରକୃତ ଭଗବାନଙ୍କୁ ଦେଖିଛନ୍ତି। ସେ ହେଉଛନ୍ତି ସୋନୁ ସୁଦ। ୟୁଜରଙ୍କ ଏହି ଟୁଇଟ୍‌ରେ ସୋନୁ ଲେଖିଛନ୍ତି, କ'ଣ ଏଠାରେ ମୋତେ ଟ୍ରିଟ୍ ମିଳିବ ? ସୋନୁଙ୍କ ଏହି ଟୁଇଟ୍ ଦେଖି ପ୍ରଶଂସକମାନେ ବେଶ୍ ମଜାଳିଆ କମେଣ୍ଟ ସବୁ ଦେଇଛନ୍ତି।



# ଫାଭିପିରାଭିର୍ ପାଇଁ ଏସ୍‌ଓପି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ମହାମାରୀ ରୂପ ଧାରଣ କରିଛି। ଆଂଶିକ ଲକ୍ଷଣ ଥିବା ଅଧିକାଂଶ ସଂକ୍ରମିତଙ୍କୁ ନିଜ ଘରେ ସଙ୍ଗରୋଧରେ ରହିବାକୁ ଅନୁମତି ଦିଆଯାଇଛି। ତେବେ ଏହି ରୋଗୀମାନଙ୍କୁ ରୋଗ ପ୍ରତିରୋଧ ପାଇଁ ଫାଭିପିରାଭିର୍ ଟାବ୍‌ଲେଟ ଖାଇବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁମତି ଦେଇଛି। ତେବେ ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀମାନେ ଏହି ଟାବ୍‌ଲେଟ ବ୍ୟବହାର କରିପାରିବେ। ଘରେ ସଙ୍ଗରୋଧରେ ରହିଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ଟାବ୍‌ଲେଟ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ତେବେ ଟାବ୍‌ଲେଟ କିପରି ଯୋଗାଇ ଦିଆଯିବ ଓ ବ୍ୟବହାର କରାଯିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରାଯାଇଛି। ଏସ୍‌ଓପିକୁ କଡ଼ାକଡ଼ି ପାଳନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଦିଆଯାଇଛି। ଘରେ ରହିଥିବା ରୋଗୀଙ୍କ ପାଖରେ ଯେପରି ପର୍ଯ୍ୟାପ୍ତ ପରିମାଣର ଫାଭିପିରାଭିର୍ ଟାବ୍‌ଲେଟ ପହଞ୍ଚିବ




**ରୋଗୀଙ୍କ ନିକଟରେ ଟାବ୍‌ଲେଟ ପହଞ୍ଚାଇବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ**

ସେ ନେଇ ନିଶ୍ଚିତ କରିବାକୁ କୁହାଯାଇଛି।

କୋଭିଡ୍ ସଂକ୍ରମଣର ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଲାଗି ସେଣ୍ଟ୍ରାଲ ଡ୍ରଗ୍‌ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ଉକ୍ତ ଟାବ୍‌ଲେଟକୁ କୋଭିଡ୍ ରୋଗୀଙ୍କ ବ୍ୟବହାର ପାଇଁ ଅନୁମୋଦନ କରିଛନ୍ତି। ଏହି ଟାବ୍‌ଲେଟକୁ ରାପିଡ ରେସପନ୍ସ ଟିମ୍(ଆର୍‌ଆର୍‌ଟି) ଡାକ୍ତରଙ୍କ ପରାମର୍ଶ ନେଇ ଗୃହ ସଙ୍ଗରୋଧରେ ଆଂଶିକ ଲକ୍ଷଣ ଥିବା କୋଭିଡ୍ ରୋଗୀଙ୍କୁ ଯୋଗାଇବେ। ଏହି ଟିମ୍ ରୋଗୀ କିପରି ଔଷଧ ଖାଇବେ ପରାମର୍ଶ ଦେବେ। ପାର୍ଶ୍ୱ ପ୍ରତିକ୍ରିୟା, ସାବଧାନତା ଏବଂ କାର୍ଯ୍ୟ ସମ୍ପର୍କରେ ରୋଗୀଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ବୁଝାଇବେ। ରାପିଡ ରେସପନ୍ସ ଟିମ୍ ଫାଭିପିରାଭିର୍‌କୁ ୫ ଦିନ ପର୍ଯ୍ୟନ୍ତ ଖାଇବାକୁ ପରାମର୍ଶ ଦେବା ସହ ଟାବ୍‌ଲେଟ ଖାଇବା ନେଇ ଥିବା ସୂଚନାପତ୍ର ମଧ୍ୟ ପ୍ରଦାନ କରିବେ। ଯଦି ପାର୍ଶ୍ୱପ୍ରତିକ୍ରିୟା ହେଲା ତେବେ କାହାକୁ ଜଣାଇବେ ସେ ନେଇ ଟିମ୍ ସଦସ୍ୟମାନେ ଅବଗତ କରାଇବେ। ଯଦି ଔଷଧ ଖାଇବା ପରେ ରୋଗୀ ଗୁରୁତର ହେଲେ ଉକ୍ତ ଟିମ୍ ତାଙ୍କୁ କୋଭିଡ୍ ହାସ୍ପିଟାଲ ନେବା ପାଇଁ ସହଯୋଗ କରିବେ। ରୋଗୀଙ୍କୁ ନିୟମିତ ନଜର ରଖାଯିବା ସହ ଟେଲିଫୋନ କିମ୍ବା ଅନ୍‌ଲାଇନରେ ଯୋଗାଯୋଗ କରିବାକୁ କୁହାଯାଇଛି। ସେଥିପାଇଁ ପ୍ରତ୍ୟେକ ଜିଲାରେ ଏକ ସ୍ୱତନ୍ତ୍ର ଟେଲିଫୋନ ନମ୍ବର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଆର୍‌ଆର୍‌ଟିର ତାଲିମ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ କୁହାଯାଇଛି।

ଟାବ୍‌ଲେଟ କିପରି ଗ୍ରହଣ କରିବେ ସେ ନେଇ ମଧ୍ୟ ଏସ୍‌ଓପିରେ ରୋଗୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁ ରୋଗୀମାନଙ୍କର ଫାଭିପିରାଭିର୍ ଟାବ୍‌ଲେଟ ଆବଶ୍ୟକ ହେବ ସେମାନେ ଲିଖିତ ଆକାରରେ ଆର୍‌ଆର୍‌ଟିକୁ ଜଣାଇବେ। ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ନ ଖାଇବାକୁ ପରାମର୍ଶ ଦିଆଯାଇଛି। ଏହି ଟାବ୍‌ଲେଟର ପାର୍ଶ୍ୱ ପ୍ରତିକ୍ରିୟା ଥିବାରୁ ରୋଗୀମାନେ ଡାକ୍ତରଙ୍କ ବିନା ପରାମର୍ଶରେ ନ ଖାଇବାକୁ କୁହାଯାଇଛି।




ଅବଦୁଲ କଲାମ ଦ୍ୱୀପରୁ ଉତ୍କ୍ଷେପିତ କ୍ଷେପଣାସ୍ତ୍ର ଶୌର୍ଯ୍ୟ।

## ‘ଶୌର୍ଯ୍ୟ’ର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୩।୧୦

ଭାରତ – ଚାଇନା ମଧ୍ୟରେ ଉତ୍ତେଜନା ପରିସ୍ଥିତି ଲାଗି ରହିଥିବାବେଳେ ଭାରତ ଶନିବାର ଅତ୍ୟାଧୁନିକ ଉଚ୍ଚକ୍ଷମତା ସମ୍ପନ୍ନ କ୍ଷେପଣାସ୍ତ୍ର ପରୀକ୍ଷଣ କରି ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଶତ୍ରୁପକ୍ଷକୁ ଏହା ମୁହଁତୋଡ ଜବାବ ଦେବ ବୋଲି କୁହାଯାଉଛି। ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ ଅଧୀନ ଅବଦୁଲ କଲାମ ଦ୍ୱୀପର ୪ ନମ୍ବର ଲଞ୍ଚ୍‌ପ୍ୟାଡରୁ ଶନିବାର ମଧ୍ୟାହ୍ନ ୧୨ଟା ୧୦ ମିନିଟ୍‌ରେ କ୍ଷେପଣାସ୍ତ୍ର ‘ଶୌର୍ଯ୍ୟ’ ନୂଆଭର୍ସନ୍‌ର ଉତ୍କ୍ଷେପଣ କରାଯାଇଥିଲା। ଏହି ପରୀକ୍ଷଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି।

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ‘ଶୌର୍ଯ୍ୟ’ ୮୦୦ରୁ ୧ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ୨ଟନ ଓଜନର ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ଏହି କ୍ଷେପଣାସ୍ତ୍ରର ଓଜନ ୬.୨ଟନ, ଲମ୍ବ ୧୦ ମିଟର ଓ ମୋଟେଇ ୭୪ ସେ.ମି. ରହିଛି। ଉଲ୍ଲେଖଯୋଗ୍ୟ, ଏହି କ୍ଷେପଣାସ୍ତ୍ର କେ–୧୫ କ୍ଷେପଣାସ୍ତ୍ରର ଭୂ–ସଂସ୍କରଣ ବୋଲି ସୂଚୀତ କରାଯାଇଛି।

## ରାଜ୍ୟରେ ପଜିଟିଭ୍ ହାର ୬.୬୭%

- ଆଉ ୩,୦୫୩ ଚିହ୍ନଟ, ୧୭ ମୃତ
- ୨,୨୯,୩୮୭ ଛୁଇଁଲା ସଂକ୍ରମିତ ସଂଖ୍ୟା
- ପ୍ରାଣ ହରାଇଲେଣି ୮୯୨

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ରାଜ୍ୟରେ କିଛିଦିନ ହେବ କମ୍ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ୩,୦୫୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୨,୨୯,୩୮୭ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରେ ୩୨ ପ୍ରତିଶତ ମହିଳା ଓ ୬୮ ପ୍ରତିଶତ ପୁରୁଷ ଅଛନ୍ତି। ତେବେ ଯୁବପିଢ଼ୀ ସର୍ବାଧିକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ମୋଟ ୧,୨୧,୩୬୧ଜଣ ସଂକ୍ରମିତ ହୋଇଥିବାବେଳେ ୦ରୁ ୧୪ବର୍ଷ ବୟସ ମଧ୍ୟରେ ୧୧,୮୬୧ଜଣ, ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ୭୩,୪୫୭ଜଣ ଏବଂ ୬୦ବର୍ଷ ଉପରେ ୨୨,୭୦୮ଜଣ ରହିଛନ୍ତି। ବର୍ତ୍ତମାନସୁଦ୍ଧା ୩୩,୯୫,୨୬୫ ନମୁନା ପରୀକ୍ଷା ହୋଇଥିବାବେଳେ ପଜିଟିଭ୍ ହାର ୬.୬୭% ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

ସେପଟେ ଦୈନିକ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟରେ ପୁଣି ୧୭ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୮୯୨ରେ ପହଞ୍ଚିଛି। ଗଞ୍ଜାମ ଜିଲାରେ ସର୍ବାଧିକ ୨୨୧ଜଣଙ୍କ ମୃତ୍ୟୁ ଘଟିଛି। ଏହାତଳକୁ ୧୪୬ଜଣ ମୃତକଙ୍କ ସହ ଦ୍ୱିତୀୟରେ ଖୋର୍ଦ୍ଧା ଜିଲା ରହିଥିବାବେଳେ ତୃତୀୟ ସ୍ଥାନରେ ଥିବା କଟକ ଜିଲାରେ ୭୪ଜଣ ମରିଛନ୍ତି। ଅନ୍ୟପକ୍ଷରେ ପ୍ରତିଦିନ ଭଳି ଶନିବାର ମଧ୍ୟ ଆଉ ୪,୦୬୬ ଆକ୍ରାନ୍ତ ସୁସ୍ଥ ହେବାପରେ ଆରୋଗ୍ୟ ସଂଖ୍ୟା ୧,୯୮,୧୯୪କୁ ବୃଦ୍ଧି ପାଇଛି।




## ସିଭିଲ୍ ସର୍ଭିସ ପରୀକ୍ଷାର୍ଥୀଙ୍କୁ ସେବା ଯୋଗାଇବ ‘ମୋ ବସ୍’

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ୍ ସର୍ଭିସେସ୍ ପରୀକ୍ଷାର ପ୍ରିଲିମ ରବିବାର ଅନୁଷ୍ଠିତ ହେବ। ବର୍ତ୍ତମାନ ସୁଦ୍ଧା କରୋନା ମହାମାରୀ ଯୋଗୁ ଯାତାୟାତ ସ୍ଥିତି ସ୍ୱାଭାବିକ ହୋଇପାରିନି। ତେଣୁ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ସୁବିଧାରେ ଯିବା ପାଇଁ କଟକ ଓ ଭୁବନେଶ୍ୱରରେ ‘ମୋ ବସ୍’ ସେବା ଯୋଗାଇ ଦେବାକୁ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସୂଚନା ଦିଆଯାଇଛି। ରୁଟ୍ ନଂ. ୧୬ ଓ ୧୮ରେ ମୋ ବସ୍ ଚଳାଚଳ କରିବ। ଭୁବନେଶ୍ୱରରେ ସକାଳ ୬ଟାରୁ ସାଢେ ୬ଟା ପର୍ଯ୍ୟନ୍ତ ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଓ କଟକରେ ଅପରାହ୍ନ ୪ଟା ୫୦ରୁ ୫ଟା ୩୫ ଯାଏ ପ୍ରତି ୧୫ ମିନିଟ ବ୍ୟବଧାନରେ ବସ୍ ମିଳିବ। ୧୬ ନମ୍ବର ରୁଟ୍‌ରେ ବସ୍‌ଗୁଡ଼ିକ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାହାରି ଜାତୀୟ ରାଜପଥ ଦେଇ କଟକ ବିଜୁପଟ୍ଟନାୟକ ପାର୍କ ଯାଏ ଯିବ। ସେହିପରି ୧୮ ନମ୍ବର ରୁଟ୍‌ରେ ବସ୍‌ଗୁଡ଼ିକ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍‌ରୁ ବାହାରି ଜୟଦେବ ବିହାର ଦେଇ ନନ୍ଦନକାନନ, ବାରଙ୍ଗ, ତ୍ରିଶୁଳିଆ ବ୍ରିଜ୍, ହାଇକୋର୍ଟ ରୋଡ୍, ବାଦାମବାଡି ବସ୍‌ଷ୍ଟାଣ୍ଡ, ଲିଙ୍କ ରୋଡ୍, ଜଗତପୁରରେ ପହଞ୍ଚିବ। ସେହି ରୁଟ୍ ଦେଇ ବସ୍‌ଗୁଡିକ ଫେରିବ। ଏହାଦ୍ୱାରା ଅନେକ ପରୀକ୍ଷାର୍ଥୀ ଲାଭାନ୍ୱିତ ହୋଇପାରିବେ ବୋଲି କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଆଇପିଏସ୍ ଅରୁଣ ବୋଥ୍ରା ଆଶା ପ୍ରକାଶ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଭବାନୀ ଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଭ୍ରାନ୍ତିକର ତଥ୍ୟ ପ୍ରକାଶ କରନାହିଁ

## ଗଣମାଧ୍ୟମକୁ ବାଚସ୍ପତିଙ୍କ ତାଗିଦ୍

ଭୁବନେଶ୍ୱର,୩।୧୦(ବ୍ୟୁରୋ) ବିଧାନସଭାରେ ବିଧାୟକମାନେ ଉଠାଉଥିବା ପ୍ରସଙ୍ଗ ଏବଂ ସେମାନଙ୍କ କଥାକୁ ଗଣମାଧ୍ୟମରେ ବିଭ୍ରାନ୍ତିକର କରି ପ୍ରକାଶ ନ କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ବିଧାନସଭା ମୌସୁମୀ ଅଧିବେଶନର ୪ର୍ଥ ଦିବସରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଣିଥିବା ସ୍ୱାଧିକାର ଭଙ୍ଗ ନୋଟିସ ପ୍ରସଙ୍ଗରେ ରୁଲିଂ ଦେଇ ବାଚସ୍ପତି ଏହି ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାରେ ଯାହା ଆଲୋଚନା ହେଉଛି ତାହାକୁ ବିଭ୍ରାନ୍ତ କରି ଏକ ଗଣମାଧ୍ୟମ ସଂସ୍ଥା ପ୍ରକାଶ କରିଥିବା ମିଶ୍ର ଅଭିଯୋଗ କରିଥିଲେ। ବଲାଙ୍ଗୀର ଜିଲାରେ କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ପ୍ରସଙ୍ଗ ସେ ବାରମ୍ବାର ଉଠାଇଥିଲେ ମଧ୍ୟ ଜଣେ ଖବରଦାତା ଉଦ୍ଦେଶ୍ୟମୂଳକଭାବେ ତାହାର ଓଲଟା ଖବର ପ୍ରକାଶ କରିଛନ୍ତି। ଗୃହରେ ସେ କୋଭିଡ୍ ପ୍ରସଙ୍ଗ ନ ଉଠାଇ ଅନ୍ୟ ପ୍ରସଙ୍ଗ କଥା ଉଠାଉଥିବା ସମ୍ପୃକ୍ତ ଖବରଦାତା ଜଣକ ନିଜ ଖବରକାଗଜରେ ଲେଖିଛନ୍ତି। ତେବେ ବିଧାନସଭାକୁ ନ ଆସି ମଧ୍ୟ ସମ୍ପୃକ୍ତ ଖବରଦାତା କିପରି ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଲେଖୁଛନ୍ତି। ଏହାଦ୍ୱାରା ଗୃହର ସ୍ୱାଧିକାର ଭଙ୍ଗ ହୋଇଥିବା ମିଶ୍ର କହିଥିଲେ। ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ତାଗିଦ୍ କରି ବାଚସ୍ପତି କହିଥିଲେ, ଗୃହକୁ ଆସୁଥିବା ଖବରଦାତାମାନେ ଠିକ୍ ଖବର ପ୍ରସାରଣ କରନ୍ତୁ। ବାହାରେ ଥିବା ଖବରଦାତା ଗୃହ ବିବରଣୀ ପ୍ରକାଶ କରିବାରୁ ନିବୃତ ରହିବାକୁ ବାଚସ୍ପତି କହିଥିଲେ। ନଚେତ୍ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଛନ୍ତି।

## ଭୁବନେଶ୍ୱରରେ ସୁସ୍ଥ ସଂଖ୍ୟା ୧୯,୨୫୫

■ ପୁଣି ୩୨୯ ନୂଆ ପଜିଟିଭ୍, ୩୪୧ ସୁସ୍ଥ

ଭୁବନେଶ୍ୱର,୩।୧୦(ବ୍ୟୁରୋ)- ଭୁବନେଶ୍ୱରରୁ ଶନିବାର ୩୨୯ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହେବା ସହ ୩୪୧ଜଣ ସୁସ୍ଥ ହୋଇଛନ୍ତି। ନୂତନ ଚିହ୍ନଟଙ୍କ ମଧ୍ୟରେ ୧୧୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରୁ ଥିବାବେଳେ ୨୧୯ଜଣ ସ୍ଥାନୀୟ ଅଞ୍ଚଳରୁ ରହିଛନ୍ତି। ଫଳରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨,୮୭୬ ଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୧୯,୨୫୫କୁ ବୃଦ୍ଧିପାଇଛି। ବଡ଼ କଥା ହେଲା ଅକ୍ଟୋବରର ମାତ୍ର ୩ ଦିନରେ ୧୦୦୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୯୮୧ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦେଇଥିବା ତଥ୍ୟ ଅନୁଯାୟୀ, କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ସମସ୍ତ ପଜିଟିଭ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ମୁଖ୍ୟତଃ ଚନ୍ଦ୍ରଶେଖରପୁରରୁ ୧୪ଜଣ, ନୟାପଲ୍ଲୀ ଓ ପଟିଆରୁ ୧୨ଜଣ ଲେଖାଏ, ମଞ୍ଚେଶ୍ୱରରୁ ୧୧ ଜଣ, ଡୁମୁଡୁମା ଓ ପୁରୁଣା ଭୁବନେଶ୍ୱରରୁ ୯ଜଣ ଲେଖାଏ, ଶୈଳଶ୍ରୀ ବିହାର ଓ ଝାରପଡ଼ାରୁ ୮ଜଣ ଲେଖାଏ, ପଟିଆ, ଚନ୍ଦ୍ରଶେଖରପୁର ଓ ବରମୁଣ୍ଡାରୁ ୭ଜଣ ଲେଖାଏ, ଆଚାର୍ଯ୍ୟ ବିହାର ଓ ୟୁନିଟ-୪ରୁ ୬ଜଣ, ମଞ୍ଚେଶ୍ୱରରୁ ୫ ଜଣ, ପୋଖରୀପୁଟ, ନୟାପଲ୍ଲୀ, ବମିଖାଲ ଓ ଭୀମପୁରରୁ ୪ଜଣ, ସାମନ୍ତରାପୁର ଓ ଶୈଳଶ୍ରୀ ବିହାରରୁ ୩ ଜଣ ଲେଖାଏ ରହିଛନ୍ତି। ଏବେ ଭୁବନେଶ୍ୱରରେ ୩,୫୦୨ ଜଣ ସକ୍ରିୟ ସଂକ୍ରମିତ ରହିଥିବାବେଳେ ୧୦୦ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୩।୧୦(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଛି। ଏନେଇ ତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୩୪/୨୦) ରୁଜୁ କରିବା ସହ ଅଭିଯୁକ୍ତ ପାନ ଦୋକାନୀଙ୍କୁ ଗିରଫ ପରେ ନୋଟିସ ଦେଇ ଛାଡ଼ି ଦେଇଛି। ନାବାଳିକାଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ୮ବର୍ଷର ଝିଅ ଘରପାଖ ଦୋକାନକୁ ପାନ ଆଣିବାକୁ ଯାଇଥିଲେ। ଏହି ସମୟରେ ଦୋକାନୀ ରତ୍ନାକର ନାୟକ ଝିଅକୁ ଏକୁଟିଆ ପାଇ ଅସଦାଚରଣ କରିଥିଲେ। ଝିଅ ଫେରିବାରେ ବିଳମ୍ବ ହେବାରୁ ସେ ଖୋଜି ଖୋଜି ଦୋକାନ ନିକଟରେ ପହଞ୍ଚି ଏକଥା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡ଼ା କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ ପରେ ନୋଟିସ କରି ଛାଡ଼ି ଦିଆଯାଇଛି। ସୋମବାର ସମ୍ପୃକ୍ତ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ। ଏହାପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଯେଉଁ କାମ କରନ୍ତୁନା କାହିଁକି, ଅବଶ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡିବ। କର୍ମକ୍ଷେତ୍ରରେ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ସଭାସମିତି,ମନୋରଞ୍ଜନ,ସଙ୍ଗୀତ ଚର୍ଚ୍ଚା, କଳା, ସାହିତ୍ୟ ସବୁ ଦିଗରୁ ଖୁସୀ ମନେଇବେ। ଅନାବଶ୍ୟକ ଭାବରେ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

**ବୃଷ** ଆଜି ନୂତନ ବାଣିଜ୍ୟାରମ୍ଭ,ଆଲୋଚନା,ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ କାମ ହାସଲ ପାଇଁ ଖୋରାକ ଯୋଗାଇବ । କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ ।

**ମିଥୁନ** ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣପାଲଟିଯାଇପାରେ। ଫେରିଯାଇଥିବା ବନ୍ଧୁ ଘରକୁ ପୁଣି ଲେଉଟିଆସିବେ, ଯଦ୍ଦ୍ୱାରା ଆପଣ ଖୁସୀ ହେବେ ନାହିଁ। ବାକିଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଭଲ ନ ହୋଇପାରେ।

**କର୍କଟ** ଉପକୃତ ବ୍ୟକ୍ତିମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ** ସ୍ୱାସ୍ଥ୍ୟ ପ୍ରତି ଜଗି ରଖି ନ ଚଳିଲେ ଅସୁବିଧାର ସମ୍ମୁଖୀନ ହେବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହୋଇପାରନ୍ତି। ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡିବ ।

**କନ୍ୟା** ବନ୍ଧୁଙ୍କ ଜରିଆରେ ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ । ବିଶେଷ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଟୁ କଥା କହିପାରନ୍ତି।

**ତୁଳା** ବନ୍ଧୁମାନଙ୍କୁ କର୍ମକ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଟଙ୍କା ଯୋଗାଡ କରିବାରେ ସକ୍ଷମ ହେବେ। ଅତି ନିକଟରେ ରହି ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହନ୍ତୁ, ଯାହା କି ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ ।

**ବିଛା** କିଛି ନୂଆଁ କାମ ଆରମ୍ଭ କରିବା ସକାଶେ ମନ ବଳିବ ଏବଂ ଏଥିପାଇଁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇଯିବେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । କଠିନଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ଧନୁ** ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉପରିସ୍ଥଙ୍କ ସହାୟତାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଶା ପୂରଣ ହେବା ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡିପାରନ୍ତି। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, କଳା ଓ ସାହିତ୍ୟାଦିରେ ପ୍ରଶଂସିତ ହେବେ।

**ମକର** ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇ ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁଁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ଆଲୋଚନା କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** ନିଜର ଅବହେଳା ଓ କାଳକ୍ଷେପଣ ନୀତି ଯୋଗୁଁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ।

**ମୀନ** ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି,ଏଣୁ ସତର୍କ ରହିବା ଭଲ ।

ଆଜି ଆଶ୍ୱିନ ମଳ କୃଷ୍ଣ ତୃତୀୟା ରବିବାର, ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ରାଶି ନକ୍ଷତ୍ର-ଦିବା ଘ.୧୧.୫୨ମି.ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.0୬.୨୮ମି. ଗତେ ଘ.୦୮.୫୦ମି. ମଧ୍ୟେ, ଘ.୧୧.୫୮ମି. ଗତେ ଘ.୦୩.୦୭ମି. ମଧ୍ୟେ, ରାତ୍ରି ଘ.୦୭.୫୫ମି. ଗତେ ଘ.୦୯.୩୩ମି. ମଧ୍ୟେ,ଘ.୧୧.୫୯ମି. ଗତେ ଘ.୦୧.୩୭ମି.ମଧ୍ୟେ, ରାତ୍ରି ଘ.୦୨.୨୬ମି.ଗତେ ଘ.୦୫.୪୨ମି.ମଧ୍ୟେ ଅମୃତବେଳା। ଦିବା ଘ.୦୩.୫୪ମି.ଗତେ ଘ.୦୪.୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୦୦ମି.ଗତେ ଘ.୦୫.୨୮ମି.ମଧ୍ୟେ ରାହୁକାଳ।

# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

ବ୍ରାହ୍ମଣ ବରପାତ୍ର 29/ 17/8/ 5.10"/ MBA Garment business ପାଇଁ graduate କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68257

୪୫ବୟସ୍କ ସରକାରୀ ସମବାୟ ବ୍ୟାଙ୍କରେ ଚାକିରି କରୁଥିବା ବ୍ରାହ୍ମଣ ପାତ୍ରପାଇଁ ୩୫ ରୁ ୪୨ବର୍ଷ ବୟସର ଚାକିରି କରୁଥିବା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। ଶୀଘ୍ର ବିବାହ। ଯୋଗାଯୋଗ- 9437044833. D-69920

Suitable bride for a good-looking Khandayat boy, 5'4", 1984, MBA & MCA, Software Engineer at WIPRO. Contact: 9937358497. D-69921

**GROOM WANTED**

**Govt. Job** କରୁଥିବା **age-35** କରଣ ଜାତିର **divorcee** ଝିଅ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। **Contact: 7327034058.** D-69446

Age-32 divorcee secretariatରେ ଥିବା ସୁନ୍ଦର ଗୁଡିଆ ଜାତିର ଝିଅଙ୍କପାଇଁ ଯେକୌଣସି ଜାତିର ପୁଅ ଦରକାର। Contact: 7077999816. D-18484


real estate

**SALE**

ଘରବାରି ବାଉଣ୍ଡରୀ ଚାଲୁଥିବା କୁକୁଡ଼ା ଫାର୍ମ 30,000 ସମସ୍ତ ଫାର୍ମ ସରଞ୍ଜାମ ଅଫିସ ଦୁଇ ମହଲା ଘର ୩୦୦୦ବର୍ଗ ଫୁଟ ଲେବର କଲୋନୀ, ବୋରୱେଲ, କୂଅ, ଦାନାମିଲ ଇତ୍ୟାଦି ବିକ୍ରିହେବ। ରେଲୱେ ଷ୍ଟେସନ ୬ କି.ମି। ନୟାଗଡ ୮କିମି। ମୂଲ୍ୟ- ୩୯୫୦୦୦୦୦। Mob: 7008554016, 6370200298. D-18447

Property for Sale: Spacious 2700 sqft Flat in prime location in Buddha Nagar area near Bhubaneswar Rly Station. It has modern facilities with 3 AC Bed Rooms with attached toilets, Geysers, Large Drawing cum Library room, Dining hall, modular Kitchen, Puja room, store room, 5 Balconies, large Parking area, extra bath room, Lift, Security, Generator facility, 24 hrs. water supply etc. Contact: 7064072115/ 9776300008. D-18466

Ready to move Duplex in Prime location at Gudiapokhari, Bhubaneswar. Contact: 7327043914. D-69772

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

Residential House-1BHK and 3BHK with parking near Cosmopolies, Khandagiri for rent. Contact: 9437151019/ 9437489455. D-18432

Booking open for 3BHK duplex with layout plan near ITER College, Jagamara, Bhubaneswar. 9861616986. D-67569

**Plot for immediate sale 2400sft corner BDA plot at Sum Hospital & 2200sft plot at Rasulgarh (200meters from NH) & 12500sft Mancheswar (IDCO plot), Bhubaneswar. Buyers Contact: DEEPAK- 9937329999.** D-69922

Vastu based residential land/ duplex for sale in Bhubaneswar periphery reserved for NRIS, Ministers, MLAs, MPs. Contact: 9439238642, (9439238642) No Broker. D-69764

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

4/5 BHK Duplex with Gated Community at Balianta. Construction-2200 @ 65lakhs/ 2600 @ 75lakhs. MPlanets: 9938219397/ 9861022055. D-18468

Residential/ Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Infosis II ପାଖରେ layout approved plot 680/- Patia, Pahala, Arugul, Jharpadaରେ plot available. 7978124465. D-69552

**Gharabari plots at Atala, Balianta, Bhingarpur & Bagalpur immediate possession & registration. Contact: 9437147826, 9658894066.** D-18299

**Ready to move 2/3BHK flat for sale near Airport. It provided best amenities basic price @3000/- per sft. Puja Offer 100/- per sft. 9938569014, 9861433014.** D-18276

ଡମଣା ଶ୍ରୀବିହାର କଲୋନୀରେ sqft- 2200/-ରେ ବାସଉପଯୋଗୀ plot କିଣନ୍ତୁ। immediate ଘର କରନ୍ତୁ। 9337530382, 9776846520. D-69178

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

ଛତାବର 200' roadside Nakhara Synergy College ପାଖରେ ଗୃହୋପଯୋଗୀ ଜାଗା। 1500sqft.କୁ 9,75,000/- 9437306208. D-69349

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft- 199/- plot ବିକ୍ରିହେବ। 9337285332, 6372047313.** D-69176

**PURCHASE**

ଭୁବନେଶ୍ୱରରେ ପୂର୍ବାଭିମୁଖୀ ଫ୍ଲାଟ୍/ ଡୁପ୍ଲେକ୍ସ, ନିକଟବର୍ତ୍ତୀ ଅଞ୍ଚଳରେ ପିଚୁରାସ୍ତା କଡ଼ରେ ଚାଷଜମି ଆବଶ୍ୟକ। ମାଲିକ ଯୋଗାଯୋଗ କରନ୍ତୁ। 6370446556. ଦଲାଲ୍ ନିଷ୍ପ୍ରୟୋଜନ। D-69763

**GENERAL**

**SALE**

**Restaurant for sale! Fully furnished airconditioned multicuisine restaurant at Kalpana Square, Bhubaneswar with space for mini parties & Huge Parking. Contact: 9337100570, 7873000570.** D-69445

**PURCHASE**

ପ୍ରିଣ୍ଟିଙ୍ଗ ପ୍ରେସ୍ ଆବଶ୍ୟକ। Offset printing press required. Chandrasekharpur, Bhubaneswar. 9437008388. D-68383


to-let

3BHK ready to move with covered garage Power backup at Damyanti Apartment, Nayapalli to rent, contact- 8908458351. D-53658

2BHK Study for Rent (Vipul-Gardens) partly furnished with 2 Ac's. Rent: 15,000/, Society Charges. 7894271476. D-63985

House on rent for Office/IT/ Coaching Centre/ Godown at Nayapalli (Near NH) and Chandrasekharpur, Bhubaneswar. 7608809520, 9437193060, 9338226625. D-18439

To-Let at Goutam Nagar, Kharvel Nagar, Bomikhal, Cuttack-road, Janpath near UCO Bank. Please Contact: 9437033691. D-68380

**2700Sqft House with 5 Rooms, Drawing cum Dining and Car Parking at Goutam Nagar, Bhubaneswar, Suitable for Office / Company Accommodation. Contact - 9937232740, 9820809089.** D-18475

House to-let on Acharya Vihar main road facing for Office purpose. Contact: 9777059192. D-67570


healthcare

Herbal full body massage smart lady therapist- 9437453813. D-69923

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Herbal full body massage by smart / expert therapist. Contact: 8338067247. D-69765

Get refreshment body massage by expert therapist contact for. 9556978408. D-69766

Get good massage for your health the best therapy SPA Station. 7655024727, 8118079281. D-69555

Newly open full body massage SPA in Bhubaneswar. Contact: 7205058838. D-69770

Rejuvenate and Ayurvedic full body massage by smart therapist. 9348123330. D-69771

Swarna SPA newly open positively health benefits with expert therapist. 7873794731. D-69767

Refresh your mind and soul with best therapy at Orchid Salon/ Spa, 9937287222. D-69550

Newly open SPA centre smart therapist full body massage: 8114970372. D-59964

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962


business

A reputed take away restaurant specializing in variety snacks/meals requires franchisees. Low investment. High returns.#8337068899. D-18481

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୪୯,୫୬,୧୫୫ | ୧୦,୩୪,୯୩୧ | ୨,୫୯,୮୪,୧୧୭ |
| ଭାରତ | ୬୫,୦୯,୯୧୬ | ୧,୦୧,୨୧୧ | ୫୪,୬୬,୩୪୪ |
| ଓଡ଼ିଶା | ୨,୨୯,୩୮୭ | ୮୯୨(+୫୩) | ୧,୯୮,୧୯୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ପ୍ଲାଜ୍ମା ଦାନକଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**କଟକ ଅଫିସ, ୩।୧୦:** କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍‌ପିଟାଲରେ ପହଞ୍ଚି ପ୍ଲାଜ୍ମା ଦାନ କରିଛନ୍ତି। ଏହି ସମୟରେ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ଦତ୍ତେଶ୍ୱର ହୋତା ଓ ପ୍ଲାଜ୍ମା ଥେରାପି ନୋଡାଲ ଅଫିସର ଡାକ୍ତର ସ୍ମିତା ମହାପାତ୍ର ଉପସ୍ଥିତ ଥିଲେ। କରୋନାରୁ ସୁସ୍ଥ ହେବା ପରେ ଅନ୍ୟ କୋଭିଡ୍ ରୋଗୀଙ୍କ ଉଦ୍ଦେଶ୍ୟରେ ସେ ପ୍ଲାଜ୍ମା ଦାନ କରିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଗୁରୁତର କରୋନା ରୋଗୀଙ୍କ କ୍ଷେତ୍ରରେ ପ୍ଲାଜ୍ମା ଥେରାପି ଦ୍ୱାରା ଫାଇଦା ମିଳିଛି। ଏବେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯିବା ଆବଶ୍ୟକ। ତେଣୁ କରୋନାରୁ ସୁସ୍ଥ ହୋଇଥିବା ଲୋକେ ସ୍ୱେଚ୍ଛାକୃତ ଭାବେ ଏଥିଲାଗି ଆଗେଇ ଆସିବାକୁ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏ ନେଇ ନୋଡାଲ ଅଫିସର ଡାକ୍ତର ମହାପାତ୍ର କହିଛନ୍ତି ଯେ, ଗତ ଜୁଲାଇ ୧୫ରୁ ଏପର୍ଯ୍ୟନ୍ତ ଡାକ୍ତର, ପୋଲିସ, ସେନା କର୍ମଚାରୀ ଏବଂ ଅନ୍ୟମାନଙ୍କୁ ମିଶାଇ ପ୍ରାୟ ୪୮୨ ଜଣ ଏସ୍‌ସିବିରେ ପ୍ଲାଜ୍ମା ଦାନ କରିସାରିଛନ୍ତି। ଏବେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପ୍ଲାଜ୍ମା ଦାନ ପରେ ଦାତାଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ଚୌଦ୍ୱାର ଜେଲ୍‌ର କଏଦୀ ମୃତ

**ଚୌଦ୍ୱାର,୩।୧୦(ଡି.ଏନ୍.ଏ.):** ଚୌଦ୍ୱାର ଜେଲ୍‌ର ଜଣେ ଆଜୀବନ କଏଦୀଙ୍କର ଶୁକ୍ରବାର ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ବଡ଼ସାହି ଗ୍ରାମର ଜିତେନ୍ଦ୍ର ସାହୁ(୪୭)। ଢେଙ୍କାନାଳ ଜେଲରେ ଆଜୀବନ ସଜା କାଟୁଥିବା ଜିତେନ୍ଦ୍ରଙ୍କର ମସ୍ତିଷ୍କଜନିତ ରୋଗ ହେବାରୁ ତାଙ୍କୁ ପ୍ରଥମେ ନରସିଂହପୁର ଜେଲ ଓ ପରେ ତାଙ୍କର ଅଧିକ ଚିକିତ୍ସା ପାଇଁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଚୌଦ୍ୱାର ଜେଲ ତରଫରୁ ଗତ କିଛିଦିନ ତଳେ ତାଙ୍କୁ କଟକ ବଡ଼ ମେଡ଼ିକାଲର ନ୍ୟୁରୋ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ହେଲେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ଜିତେନ୍ଦ୍ରଙ୍କ ମରଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ ଅଫିସ, ୩।୧୦:** ପୁରୀ ସହରରେ ଶନିବାର ଜଣେ ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ପୂର୍ବ ବିବାଦରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଥିବାବେଳେ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ନରେନ୍ଦ୍ରକୋଣ ଅଞ୍ଚଳର ଜଣେ ନାବାଳକ ଅପରାହ୍ଣରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ହାଟଯୋଡ଼ି ଠାକୁରାଣୀ ମନ୍ଦିର ନିକଟରେ ଦୁଇଜଣ ଯୁବକ ପହଞ୍ଚି ତାଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିଥିଲେ। ସେ ତଳେ ପଡ଼ିଯାଇ ଚିତ୍କାର କରିବାରୁ ଯୁବକ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ପରେ ଏ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

## 'ଆରପାରିରେ ରାଜକୃଷ୍ଣ' ପୁସ୍ତକ ଲୋକାର୍ପିତ

**ପୁରୀ ଅଫିସ,୩।୧୦:** ବିଶିଷ୍ଟ ସାରସ୍ୱତ ସାଧକ, ଅନୁବାଦକ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁଗାମୀ ରାଜକୃଷ୍ଣ ମହାନ୍ତିଙ୍କ ଏକାଦଶାହରେ ୱେବ୍ ପ୍ଲାଟ୍‌ଫର୍ମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ଜନ୍ମେଜୟ ଦ୍ୱିବେଦୀ, ଡ. ଦିଲୀପ କୁମାର ସ୍ୱାଇଁ, ସଦାଶିବ ମିଶ୍ର, ଅଜୟ ପ୍ରଧାନ, ଚନ୍ମୟ ବିବେକ, ପ୍ରତିମା ମିଶ୍ର, ସୁଚେତା ମିଶ୍ର, ଶିବସୁନ୍ଦର ମିଶ୍ର, ବିପିନ ବିହାରୀ ଦଳାଇ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମହାନ୍ତି ଛାତ୍ର ଜୀବନରେ ସାଙ୍ଗମାନଙ୍କ ସହ ମିଶି ପୁରୀରେ ନୀଳାଚଳ ସାହିତ୍ୟ ପରିଷଦ ପ୍ରତିଷ୍ଠା କରି ଶତଦଳ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ 'ଆରପାରିରେ ରାଜକୃଷ୍ଣ' ପୁସ୍ତକ ଲୋକାର୍ପିତ ହୋଇଥିଲା।

# ମାଓବାଦୀ ଦମନ ପାଇଁ ନୂଆ ରଣନୀତି

## ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୁରକ୍ଷା ପରାମର୍ଶଦାତା

**ଭୁବନେଶ୍ୱର,୩।୧୦ (ବ୍ୟୁରୋ)**




- ରାଜ୍ୟ ପୋଲିସ ଓ ସିଆର୍‌ପିଏଫ୍ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ
- ୩ ଜିଲାରେ ସିଆର୍‌ପିଏଫ୍ ପୁନଃ ମୁତୟନ ଉପରେ ଗୁରୁତ୍ୱ

ମାଓବାଦୀଙ୍କୁ ନିପାତ କରିବା ପାଇଁ ପ୍ରସ୍ତୁତ ହେଉଛି ନୂଆ ରଣନୀତି। ଏଥିପାଇଁ ଆବଶ୍ୟକ ସମସ୍ତ ସହଯୋଗ କେନ୍ଦ୍ର ସରକାର ଯୋଗାଇ ଦେବେ। ଶନିବାର ଭୁବନେଶ୍ୱରଠାରେ ଓଡ଼ିଶାର ମାଓବାଦୀ ମୁକାବିଲା ରଣନୀତିର ସମୀକ୍ଷା କରିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ସୁରକ୍ଷା ପରାମର୍ଶଦାତା କେ.ବିଜୟ କୁମାର ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ରାଜ୍ୟ ଗୋଇନ୍ଦା ମୁଖ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ତାଙ୍କ ସହ ଓଡ଼ିଶା ଗସ୍ତରେ ଆସିଥିବା ସିଆର୍‌ପିଏଫ୍ ଡିଜି ଏ.ପି. ମାହେଶ୍ୱରୀ ମଧ ଉକ୍ତ ବୈଠକରେ ଯୋଗଦେଇଥିଲେ। ରାଜ୍ୟରେ ବର୍ତ୍ତମାନର ମାଓବାଦୀଙ୍କ ସ୍ଥିତି ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମାଓବାଦୀ ପ୍ରଭାବକୁ ପ୍ରତିହତ କରିବା ପାଇଁ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି, ନୂଆ ରଣକୌଶଳ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ପୁନଃ ମୁତୟନ, ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ପୋଲିସ ବଳ ମଧ୍ୟରେ ଉଚିତ ସମନ୍ୱୟ ରକ୍ଷା ଏବଂ ଏକ୍ଷେତ୍ରରେ ଆବଶ୍ୟକ ସହାୟତା ଓ ସହଯୋଗ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ସହ କେତେକ ନିଷ୍ପତ୍ତି ହୋଇଥିଲା।

ରାଜ୍ୟର ଅତି ମାଓବାଦୀ ପ୍ରବଣ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆର୍‌ପିଏଫ୍) ସହଯୋଗରେ ମାଓବାଦୀ ଦମନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ସିଆର୍‌ପିଏଫ୍‌ର ପୁନଃ ମୁତୟନ ପ୍ରସଙ୍ଗକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଏହି ସବୁ ଜିଲାରେ ମାଓବାଦୀଙ୍କ ଗତିବିଧି ନେଇ ଆଲୋଚନା ହେବା ପରେ ଏଥିଲାଗି କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି ବିଜୟ କୁମାର ସୂଚନା ଦେଇଥିଲେ। ସେ କହିଲେ, ଆନ୍ଧ୍ର ଓ ଓଡ଼ିଶା ପୋଲିସ ମଧ୍ୟରେ ଥିବା ଉତ୍ତମ ସମନ୍ୱୟକୁ କେନ୍ଦ୍ର ସରକାର ପ୍ରଶଂସା କରିଛନ୍ତି। ମାଓବାଦୀ ଦମନ କ୍ଷେତ୍ରରେ ପୂର୍ବରୁ ଦୁଇ ରାଜ୍ୟର ପୋଲିସ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁ ଯଥେଷ୍ଟ ସଫଳତା ମିଳିଛି। ତେଣୁ ଏହି ଢାଞ୍ଚାରେ ସିଆର୍‌ପିଏଫ୍ ସହ ରାଜ୍ୟ ପୋଲିସ ସମନ୍ୱୟ ରକ୍ଷା କରି ଓଡ଼ିଶାରେ ମାଓବାଦୀ ଦମନ କାର୍ଯ୍ୟକୁ ଆଗେଇ ନେବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ଓଡ଼ିଶା ଡିଜିପି ଅଭୟ, ସିଆର୍‌ପିଏଫ୍ ସ୍ପେଶାଲ ଡିଜି କୁଲଦୀପ ସିଂହ, ବିଏସ୍‌ଏଫ ଏଡିଜି ଏସ୍.ଏଲ୍ ଥାଓସେନ୍, ଓଡ଼ିଶା ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଆର୍.କେ. ଶର୍ମା ଓ ଆଇଜି (ଅପରେଶନ୍) ଅମିତାଭ୍ ଠାକୁର ଉପସ୍ଥିତ ରହି ଦୁଇ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ଶନିବାର ଶ୍ରୀମନ୍ଦିର ଓ ପୁରୀ ସହରକୁ କଳାହାଣ୍ଡିଆ ମେଘ ଢାଙ୍କି ରଖିଛି।

# ଏମ୍‌ଏସ୍‌ପି ବନ୍ଦ ପ୍ରଶ୍ନ ଉଠୁନି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରରେ ଏନ୍‌ଡିଏ ସରକାର ଥିବା ପର୍ଯ୍ୟନ୍ତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବନ୍ଦ ହେବା ପ୍ରଶ୍ନ ଉଠୁନାହିଁ। ଏନେଇ ଅପପ୍ରଚାର ହେଉଛି, ଏହା ସମ୍ପୂର୍ଣ୍ଣ ମିଥ୍ୟା। ଓଡ଼ିଶା ଓ ଭାରତରେ ଏମଏସ୍‌ପି ବ୍ୟବସ୍ଥା ପୂର୍ବପରି ଅପରିବର୍ତ୍ତିତ ରହିବ। ମୋଦି ସରକାରରେ ଆସିଥିବା ୩ କୃଷି ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି। ଏହା ଦ୍ୱାରା ଏମ୍‌ଏସ୍‌ପି ବନ୍ଦ ହେବ ବୋଲି ଯେଉଁ ଅପପ୍ରଚାର ହେଉଛି ତାହା ମିଥ୍ୟା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଶନିବାର ନୂତନ କୃଷି ଆଇନ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟର ଚାଷୀଙ୍କ ପାଖରୁ କେନ୍ଦ୍ର ସରକାର ୨୦୦୯ରୁ ୨୦୧୪ ଆର୍ଥିକ ବର୍ଷରେ ୧୪.୨୬ ମିଲିୟନ ମେଟ୍ରିକ ଟନ୍ ଧାନ କିଣିଛନ୍ତି। ୨୦୧୩-୧୪ ବର୍ଷରେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୧୩୧୦ ଟଙ୍କା ଥିଲା। ମାତ୍ର ୨୦୧୪ରୁ ୨୦୨୦ ମଧ୍ୟରେ ୨୨.୮୬ ମିଲିୟନ ମେଟ୍ରିକ୍ ଟନର ଧାନ କିଣାଯାଇଛି। ୨୦୨୦-୨୧ରେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୨୦୧୪-୨୧ ବର୍ଷ ଅଗଷ୍ଟ ସୁଦ୍ଧା ୨୦,୨୭୨.୩୩ ଟନ ଡାଲି କିଣାଯାଇଛି। ଏହାର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୬୨୭୧.୧୧ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏହି ସମୟରେ ରାଜ୍ୟରୁ ଚାଷୀଙ୍କଠାରୁ ୧୨,୯୫୭.୬୩ ଟନ ତୈଳଜାତ ସାମଗ୍ରୀ ଭାରତ ସରକାର କିଣିଛନ୍ତି। ଏହାର ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୪୩୫୧.୮୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ରାଜ୍ୟର ଚାଷୀମାନେ ପୂର୍ବରୁ କେବଳ ଏଗ୍ରିକଲଚ୍ୟୁରାଲ ପ୍ରଡ୍ୟୁସ ମାର୍କେଟ୍ କମିଟି(ଏପିଏମ୍‌ସି) ଅଧିନିୟମ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଥିଲେ। ଏହି ଆଇନ ବଳରେ ଚାଷୀମାନେ ଏପିଏମ୍‌ସି ସହିତ ଖୋଲା ବଜାରରେ ନିଜର ସାମଗ୍ରୀ ବିକ୍ରି କରିପାରିବେ। ଅର୍ଥାତ୍ ନୂତନ କୃଷି ଆଇନ ଦ୍ୱାରା ମଣ୍ଡି ବ୍ୟବସ୍ଥା ବନ୍ଦ ହେବନାହିଁ। ନୂଆ ନିୟମରେ ଚାଷୀ ଓ ବଜାର ମଧ୍ୟରେ ଏକାଧିକ ମଧ୍ୟସ୍ଥି ଏବଂ ଦଲାଲି ବ୍ୟବସ୍ଥାକୁ ହଟାଯାଇ ଚାଷୀଙ୍କୁ ସିଧାସଳଖ ବଜାର ସହ ଯୋଡ଼ାଯାଇଛି। ଏହି ବିଧେୟକ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ସାମଗ୍ରୀର ଠିକ୍ ମୂଲ୍ୟ ଦେବ। ଉପଭୋକ୍ତାଙ୍କୁ ମଧ ଠିକ୍ ମୂଲ୍ୟରେ ସାମଗ୍ରୀ ମିଳିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

ପ୍ରଚାର, ପ୍ରତିଶ୍ରୁତିରେ କେନ୍ଦ୍ର ସରକାର ଚାଲିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ସବୁ ଐତିହାସିକ ପଦକ୍ଷେପ କେନ୍ଦ୍ର ସରକାର ନେଉଛନ୍ତି କହି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି, ଧର୍ମେନ୍ଦ୍ରବାବୁ ଠିକ୍ କହୁଛନ୍ତି, ନୂତନ କୃଷିନୀତି ଏକ ଐତିହାସିକ ବିଲ୍। କାରଣ ବିମୁଦ୍ରୀକରଣ, ଜିଏସ୍‌ଟି ପ୍ରସଙ୍ଗ କିମ୍ବା କରୋନା ମହାମାରୀ ପ୍ରସଙ୍ଗ ହେଉ ପୂର୍ବରୁ ବା ପରେ ଯେଉଁସବୁ ନିଷ୍ପତ୍ତି ନେଇଛନ୍ତି ସବୁ ଐତିହାସିକ। କାରଣ ଏସବୁ ନିଷ୍ପତ୍ତି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ସେହିପରି ପାରିତ କୃଷିବିଲ୍ ଦ୍ୱାରା ଦେଶ ଆହୁରି ବିପର୍ଯ୍ୟସ୍ତ ଆଡ଼କୁ ଠେଲି ହୋଇଯାଇଛି। ତେଣୁ ଏହାସବୁ ଐତିହାସିକ ନିଷ୍ପତ୍ତି। ଯଦି ସରକାର କହୁଛନ୍ତି, ମଣ୍ଡି ରହିବ ଏବଂ ଏମ୍‌ଏସ୍‌ପି ଉଠିବନି ତେବେ ସେଥିରେ କାହିଁକି ନିର୍ଦ୍ଧାରଣ କରିନାହାନ୍ତି ସର୍ବନିମ୍ନ ମୂଲ୍ୟ ତଳକୁ କେହି କିଣିପାରିବେ ନାହିଁ। ଯଦି କେହି କିଣେ ତା'ପ୍ରତି ଦଣ୍ଡବିଧାନ ହେବ ବୋଲି କାହିଁକି ଆଇନ ରହିନାହିଁ କୁହନ୍ତୁ। ଯଦି ଏହି କୃଷି ବିଲ୍‌ରେ ଉକ୍ତ ନିୟମଟି ରଖନ୍ତେ ତେବେ କୃଷକଙ୍କଠାରୁ ସର୍ବନିମ୍ନ ମୂଲ୍ୟଠାରୁ କମ୍‌ରେ କେହି କିଣନ୍ତେ ନାହିଁ। ଏଥିରେ କୃଷକଙ୍କ ଲାଭ ହୁଅନ୍ତା। ଓଡ଼ିଶାରେ ଏବେ ମଧ ୬୦ରୁ ୭୦ଭାଗ କ୍ଷୁଦ୍ର, ଛୋଟଚାଷୀ ମଣ୍ଡିକୁ ଯାଇପାରନ୍ତି ନାହିଁ। ଯଦି ଏହି ନିୟମ କରାଯାଆନ୍ତା ତେବେ ଚାଷୀଙ୍କ ପାଇଁ ସରକାରଙ୍କ ଦରଦ ଥିବା ଜଣାପଡ଼ନ୍ତା ବୋଲି ନିରଞ୍ଜନ କହିଛନ୍ତି।

# କରୋନା ଲାଗି ମୋଟରଯାନ ରାଜସ୍ୱ ୪୨% କମିଛି

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

କରୋନା ସଂକ୍ରମଣ ଯୋଗୁ ରାଜ୍ୟରେ ମୋଟର ଯାନ ରାଜସ୍ୱ ଆଦାୟ ହ୍ରାସ ପାଇଛି। ୨୦୨୦ ଏପ୍ରିଲ ୧ରୁ ଅଗଷ୍ଟ ଶେଷ ସୁଦ୍ଧା ମୋଟର ଯାନ ରାଜସ୍ୱ ବାବଦକୁ ୩୮୨.୭୮ କୋଟି ଟଙ୍କା ଆଦାୟ ହୋଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୬୬୧.୨୯ କୋଟି ଟଙ୍କାର ରାଜସ୍ୱ ମିଳିଥିଲା। ତେଣୁ ଗତବର୍ଷ ତୁଳନାରେ ଚଳିତବର୍ଷ ରାଜସ୍ୱ ଆଦାୟ ୪୨% କମ୍ ହୋଇଥିବା ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପରିବହନ ଟିକସ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ ଏହା କହିଛନ୍ତି।

ଏହି ସମୟ ମଧ୍ୟରେ ମୋଟ ୧,୪୦,୦୬୩ଟି ଗାଡ଼ି ବିକ୍ରି ଓ ପଞ୍ଜୀକୃତ ହୋଇଛି। ସେହିଭଳି ୧୦,୫୩୪ଟି ଡ୍ରାଇଭିଂ ଲାଇସେନ୍ସ ନବୀକରଣ କରାଯାଇଛି। ଗତବର୍ଷ ଅର୍ଥାତ୍ ୨୦୧୯ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଯାନବାହନ ଯାଞ୍ଚରୁ ୩୫କୋଟି ୧୩ଲକ୍ଷ ଟଙ୍କର ରାଜସ୍ୱ ଆଦାୟ ହୋଇଥିଲା। ଚଳିତବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଯାନବାହନ ଯାଞ୍ଚରୁ ୪କୋଟି ୧୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଯାନବାହନ ଯାଞ୍ଚ ବାବଦରେ ମୋଟ ୩୦ କୋଟି ୯୯ଲକ୍ଷ ଟଙ୍କାର ରାଜସ୍ୱ ହ୍ରାସ ପାଇଛି, ଯାହାକି ଗତବର୍ଷଠାରୁ ୮୮.୨୧% କମ୍ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପଞ୍ଜୀକୃତ ହୋଇ ଅନ୍ ରୋଡ୍ ଚାଲୁଥିବା ସମସ୍ତ କିସମର ଗାଡ଼ି ସଂଖ୍ୟା ୭୦.୩୩ଲକ୍ଷ ବୋଲି ତାଙ୍କ ତଥ୍ୟରୁ ଜଣାପଡ଼ିଛି।

## ମୋବାଇଲ୍ ଟେଷ୍ଟିଂରେ ୨୪ଶହ ନମୁନା ପରୀକ୍ଷା

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

ବିଏମ୍‌ସି ପକ୍ଷରୁ ଅସହାୟ ଲୋକଙ୍କ ପାଇଁ କରୋନା ସ୍ୱାବ ସଂଗ୍ରହ ପାଇଁ ମୋବାଇଲ୍ ଟେଷ୍ଟିଂ ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସହରରୁ ୨୪୦୦ ନମୁନା ସଂଗ୍ରହ ହୋଇଥିବାବେଳେ ଏଥିରେ ୭୦୦ଜଣ ବରିଷ୍ଠ ନାଗରିକ, ୭୦ ଜଣ ଗର୍ଭବତୀ ଓ ୨୦୦ ଦିବ୍ୟାଙ୍ଗ ରହିଛନ୍ତି। ବିଏମ୍‌ସି ଅଞ୍ଚଳରେ ନମୁନା ପରୀକ୍ଷଣକୁ ଗୁରୁତ୍ୱ ଦେବା ସହ ଟେଷ୍ଟିଂ ସେଣ୍ଟରକୁ ଯିବା ପାଇଁ ଅକ୍ଷମ ଥିବା ଲୋକଙ୍କୁ ସୁବିଧାକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭ ହୋଇଥିଲା।

# କୋଟିଏ ଟଙ୍କାର ଡ୍ରଗ୍ସ ଜବତ

**ଭୁବନେଶ୍ୱର, ୩।୧୦ (ବ୍ୟୁରୋ)/ ବାଲିଅନ୍ତା (ଡି.ଏନ୍.ଏ.)**



- ନଡ଼ିଆକତା ଭିତରେ ଚାଲାଣ ହେଉଥିଲା ୭୦ ଲକ୍ଷର ଗଞ୍ଜେଇ
- ଆନ୍ଧ୍ରପ୍ରଦେଶରୁ ବିହାର ଚାଲାଣବେଳେ ଧରିଲା ଏନ୍‌ସିବି, ଡ୍ରାଇଭର ଗିରଫ
- କ୍ୟୁଏଟିର ଅପରେଶନ ବାଲେଶ୍ୱର: ମିଳିଲା ୩୦ ଲକ୍ଷର ବ୍ରାଉନସୁଗାର, ୩ ଗିରଫ

ଓଡ଼ିଶା ଏବେ ଡ୍ରଗ୍ସ କାରବାରର ହବ୍ ପାଲଟିଛି। କେତେବେଳେ ରାଜ୍ୟରୁ ବାହାରକୁ ଗଞ୍ଜେଇ ଚୋରା ଚାଲାଣ ହେଉଛି ତ ପୁଣି ଆଉ କେତେବେଳେ ବାହାର ଦେଶରୁ ବ୍ରାଉନସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ରାଜ୍ୟକୁ ଆସୁଛି। ବିଶେଷକରି ରାଜଧାନୀ ଭୁବନେଶ୍ୱର ଦେଇ ଚୋରାଚାଲାଣ ହେଉଛି। ଶୁକ୍ରବାର ଓ ଶନିବାର ଦୁଇଦିନରେ କୋଟିଏ ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ୭୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଥିବାବେଳେ କମିଶନରେଟ ପୋଲିସର କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି।

ଆନ୍ଧ୍ରପ୍ରଦେଶରୁ ବିପୁଳ ପରିମାଣର ଗଞ୍ଜେଇ ଭୁବନେଶ୍ୱର ଦେଇ ବିହାର ଚାଲାଣ ହେଉଥିବାନେଇ ଏନ୍‌ସିବି ନିକଟରେ ଖବର ପହଞ୍ଚିଥିଲା। ଏହି ଚୋରା ଚାଲାଣକୁ ଧରିବା ପାଇଁ ଏନ୍‌ସିବି ଟିମ୍ ଶନିବାର ଖୋର୍ଦ୍ଧା ଗୋଡ଼ିପଡ଼ା ଟୋଲ୍‌ଗେଟ୍‌ରେ ଜଗି ରହି ଯାଞ୍ଚ କରିଥିଲେ। ଏପି୦୫ଏକ୍ସ୫୬୬ ନମ୍ବର ବିଶିଷ୍ଟ ଟ୍ରକ୍‌ଟି ପହଞ୍ଚିବାକ୍ଷଣି ଏନ୍‌ସିବି ଅଧିକାରୀମାନେ ଡ୍ରାଇଭରକୁ କାବୁ କରି ନେଇଥିଲେ। ପରେ ଟ୍ରକ୍‌କୁ ଯାଞ୍ଚ କରିବା ପରେ କତା ବୋଝେଇ ବସ୍ତା ଭିତରୁ ୭୦୦ କେଜିର ଗଞ୍ଜେଇ ମିଳିଥିଲା। ଏହାପରେ ଟ୍ରକ୍ ସହ ଉକ୍ତ ଗଞ୍ଜେଇକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା ଏନ୍‌ସିବି।

ଅନ୍ୟପକ୍ଷରେ ବାଲେଶ୍ୱରରୁ ଭୁବନେଶ୍ୱର ଲମ୍ବିଥିବା ବ୍ରାଉନସୁଗାର ର‌୍ୟାକେଟକୁ ଧରିବା ପାଇଁ କମିଶନରେଟ ପୋଲିସର କୁଇକ୍ ଆକ୍ସନ ଟିମ୍ ସ୍ୱତନ୍ତ୍ର ଅପରେଶନ ଚଳାଇଛି। ଏହି ଅଭିଯାନରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଭେଲୋର ଛକ ଜାତୀୟ ରାଜପଥରୁ ଶୁକ୍ରବାର ୨୦୦ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଥିବାବେଳେ ସମ୍ପୃକ୍ତ ୨ଜଣଙ୍କୁ ଧରିଥିଲା। ପଚରାଉଚରା ପରେ ସେମାନେ ଭୁବନେଶ୍ୱରକୁ ବ୍ରାଉନସୁଗାର ନେଉଥିବା ଜଣାଇଥିଲେ। ଏହାପରେ ଯୋଜନା ମୁତାବକ ଶନିବାର ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବାଲିଅନ୍ତା ଛକରୁ ଜଣଙ୍କୁ ଧରିବା ସହ ତାଙ୍କଠାରୁ ୧୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଦୁଇ ସ୍ଥାନରୁ ଜବତ ବ୍ରାଉନସୁଗାର ମୂଲ୍ୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏହାପରେ ସମସ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଲେଶ୍ୱର ଜିଲା ରାଜପୁର ଅଞ୍ଚଳର ଜଳେଶ୍ୱର ଥାନା ରାଜପୁର ଗ୍ରାମର ସେକ୍ ସଫିରୁଦ୍ଦିନ, ସେକ୍ ରାଜା ଓ ବାଲିଅନ୍ତା ଥାନା ଜଗନ୍ନାଥପୁର ଗ୍ରାମର ବାପି ନାୟକ। ସଫିରୁଦ୍ଦିନ ଓ ରାଜାଙ୍କଠାରୁ ବ୍ରାଉନସୁଗାର ସହ ବାଇକ୍ ଓ ୨ଟି ମୋବାଇଲ୍ ଫୋନ୍ ଜବତ ହୋଇଥିବାବେଳେ ବାପିଙ୍କଠାରୁ ବ୍ରାଉନସୁଗାର ସହ ୫୫ ହଜାର ଟଙ୍କା, ଗୋଟିଏ ବାଇକ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି କ୍ୟୁଏଟି। ଏ ନେଇ ବାଲିଅନ୍ତା ଥାନାରେ ୨୨୮/୨୦ରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି। ଏହି ଚଢ଼ାଉରେ ବାଲିଅନ୍ତା ପୋଲିସ ସହଯୋଗ କରିଥିଲା।

# ଋଣ ବୋଝ ସହି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

**ରୂପ୍‌ସା, ୩।୧୦(ଡି.ଏନ.ଏ.)**

- ବନ୍ଦ କୋଠରିରୁ ମୃତଦେହ ଉଦ୍ଧାର
- କରୋନା ପାଇଁ ୭ମାସ ବନ୍ଦ ଥିଲା ରୋଜଗାର

ଋଣ ବୋଝ ସହି ନ ପାରି ବାଲେଶ୍ୱର ଜିଲା ସଦର ବ୍ଲକ ଆଙ୍କୋ ପଞ୍ଚାୟତ ପୋଡ଼ାଡିହା ଗ୍ରାମର ଏକ ଦମ୍ପତି ଶୁକ୍ରବାର ରାତିରେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ କାଶୀନାଥ ରାଉଳ (୫୩) ଓ କନକ ରାଉଳ (୪୫)। ଶନିବାର ସକାଳେ ତାଙ୍କ ଦୁଇ ପୁଅ କବାଟ ଭାଙ୍ଗି ମା'ବାପାଙ୍କୁ ମୃତଦେହ ଦେଖି ଗ୍ରାମବାସୀ ଓ ପୋଲିସକୁ ଖବର ଦେଇଥିଲେ। ଏଏସ୍‌ଆଇ ନରହରି ମହାଲିକ, କନଷ୍ଟେବଳ କାଳିଚରଣ ପାତ୍ର ପହଞ୍ଚି କୋଠରୀ ଭିତରୁ ମୃତଦେହ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। କାଶୀନାଥ ୩୦ବର୍ଷ ହେଲା ଟ୍ରେନ୍‌ରେ ବୁଲା ବିକାଳି ଭାବେ ଜୀବିକା ନିର୍ବାହ କରୁଥିଲେ। କରୋନା କଟକଣା ଯୋଗୁ ମାର୍ଚ୍ଚ ମାସରୁ ତାଙ୍କର ରୋଜଗାର ବନ୍ଦ ହୋଇଯାଇଥିଲା। ଏମିତି ବି ତାଙ୍କର ଚାଷଜମି ନାହିଁ। ଅଧିକାଂଶ ଦିନ ଉପବାସରେ ଦିନ କଟୁଥିଲା। ୨ ପୁଅ ବାବୁଲା ଓ ହାବୁଲା ମା'ବାପାଙ୍କ ଠାରୁ ଅଲଗା ହୋଇ ନିଜ ପରିବାର ସହ ବସବାସ କରୁଥିଲେ। ଦାରିଦ୍ର୍ୟ ଯୋଗୁ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଲକ୍ଷାଧିକ ଟଙ୍କା ଋଣ କରିବାକୁ କାଶୀନାଥ ବାଧ ହୋଇଥିଲେ। ମାତ୍ର ରୋଜଗାର ନ ଥିବାରୁ ସଂସ୍ଥାର କର୍ମଚାରୀ ଋଣ ଶୁଝିବାକୁ ବିଭିନ୍ନ ସମୟରେ ଜୁଲମ କରିଥିଲେ ହେଁ କାଶୀନାଥ ଓ ପତ୍ନୀ କନକ ନିଜର ଅସାମର୍ଥ୍ୟ ପ୍ରକାଶ କରିଥିଲେ। ଶୁକ୍ରବାର ରାତିରେ ସ୍ତ୍ରୀ, ସ୍ୱାମୀ ଶୋଇବାକୁ ଯାଇଥିଲେ। ଘର ଭିତରପଟୁ କବାଟ ଦେଇ ବିଷ ପିଇ ଆତ୍ମହତ୍ୟା କରିଥିବା ତାଙ୍କ ବଡ଼ପୁଅ ରୂପ୍‌ସା ଥାନାରେ ଅଭିଯୋଗ କରିଛନ୍ତି।

# ଜରିମାନା ଜାଲିଆତିର ତଦନ୍ତ ନିର୍ଦ୍ଦେଶ

**କଟକ ଅଫିସ,୩।୧୦**

'ଜରିମାନାରେ ଜାଲିଆତି' ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି କଟକ ଡିସିପି ପ୍ରତୀକ ସିଂ। ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ସେ ଶନିବାର ଚାଉଳିଆଗଞ୍ଜ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ରେ ଅନୁଗୋଳର ସୁଜିତ କୁମାର ସାହୁ କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ କଟକ ନୂଆବଜାରଠାରେ ପୋଲିସକୁ ୨୦୦ ଟଙ୍କା ଜରିମାନା ଦେଇଥିଲେ। ତାଙ୍କୁ ଦିଆଯାଇଥିବା ଚାଲାଣ (ନଂ- ୨୭୩୫୩୦୬)ରେ ୨୦୦ ଟଙ୍କା ଦର୍ଶାଯାଇଥିଲା। କିନ୍ତୁ ତାଙ୍କଠାରୁ ୧୦୦ ଟଙ୍କା ଜରିମାନା ନିଆଯାଇଛି ବୋଲି କମିଶନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା ଆର୍‌ଟିଆଇ ରିପୋର୍ଟରେ ଉଲ୍ଲେଖ ରହିଛି। ଜରିମାନା ଆଦାୟରେ ପୋଲିସ ଜାଲିଆତି କରୁଛି ବୋଲି ସେ ଅଭିଯୋଗ ଆଣିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା।

ଈଶ୍ୱରଙ୍କର କୃପା ପାଇଁ କେବଳ ପ୍ରାର୍ଥନା କର। କାରଣ, ଯଦି ନ୍ୟାୟର ସମ୍ମୁଖୀନ ହେବାକୁ ପଡେ, ତେବେ ଖୁବ୍ କମ ଲୋକ ନ୍ୟାୟ ସମ୍ମୁଖରେ ଠିଆ ହୋଇ ପାରିବେ। -ଶ୍ରୀମା



# ସ୍ୱେଚ୍ଛାଚାରୀ କ୍ଷମତା

ଆକାର ପଟେଲ

ସବୁ ଦୃଷ୍ଟିକୋଣରୁ ଗଣତନ୍ତ୍ର ରାଷ୍ଟ୍ର ଭାରତରେ ନିର୍ବାଚିତ ସରକାର ମୁଖ୍ୟତଃ କେନ୍ଦ୍ର ସରକାର ସବୁକିଛି। କିନ୍ତୁ ଏଠାରେ ଏହା ବିଚିତ୍ର ମନେହୁଏ। ଭାରତ ଗଣତାନ୍ତ୍ରିକ ଉଦାରଶୀଳ ରାଷ୍ଟ୍ର ନାମରେ ପରିଚିତ। ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ଯେଉଁ ସରକାରରେ ଜଣଙ୍କର ଅଧିକାର,ସ୍ୱାଧୀନତାକୁ ସ୍ୱୀକୃତି ମିଳିବା ସହ ସୁରକ୍ଷିତ ରଖାଯାଏ ଏବଂ ରାଜନୈତିକ କ୍ଷମତାର ପ୍ରୟୋଗ ସାମ୍ବିଧାନିକ ନିୟମ ଦ୍ୱାରା ସୀମିତ ରହେ ତାହାକୁ ଉଦାରବାଦୀ ତଥା ସ୍ୱାଧୀନ ଗଣତନ୍ତ୍ର କୁହାଯାଏ। ହେଲେ ଭାରତରେ ଉଭୟ ସତ ଏବଂ ମିଛ ହୋଇଥାଏ। ରାଜନୈତିକ ଦଳଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି ସରକାରକୁ ନିର୍ବାଚିତ ହୋଇ ଏହାକୁ ପରିଚାଳିତ କରୁଥିବା ଦୃଷ୍ଟିରୁ ଏହାକୁ ଗଣତନ୍ତ୍ର କୁହାଯାଉଛି। କିନ୍ତୁ ଏଠାରେ ନାଗରିକଙ୍କ ଅଧିକାର ଓ ସ୍ୱାଧୀନତା କେବଳ କାଗଜରେ ସୀମିତ, ସାମଗ୍ରିକ କ୍ଷେତ୍ରରେ ଏହାର ବାସ୍ତବତା ହିଁ ନାହିଁ। ଏଠାରେ ରାଜନୈତିକ କ୍ଷମତାକୁ ଆଇନ ରୋକିପାରୁନି। କ୍ଷମତାରେ ଥିବା ବ୍ୟକ୍ତି ମାତ୍ରାଧିକ ଅଧିକାର ପାଇବାକୁ ଇଚ୍ଛା କରୁଥିବା ଯୋଗୁ ରାଜନୈତିକ କ୍ଷମତାର ସୀମା ରହୁନି। ସାମ୍ବିଧାନିକ ଢାଞ୍ଚାରେ ସରକାରରେ ଥିବା ବ୍ୟକ୍ତି ସେମାନଙ୍କ ପଦକୁ ନେଇ ଯେତେବେଳେ ସଦାଚାରୀ ଓ ସଚେତନ ରହିବେ ସେତେବେଳେ ଦେଶରେ ଉଭୟ ଗଣତନ୍ତ୍ର ଓ ଉଦାରତା ହିଁ ପ୍ରକାଶ ପାଇବ। କିନ୍ତୁ ଯଦି ବ୍ୟକ୍ତିମାନେ ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ହୁଅନ୍ତି,ଯେଭଳି ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ତେବେ ଏକ ଗଣତାନ୍ତ୍ରିକ ଦେଶ ବି ଅଗଣତାନ୍ତ୍ରିକ ହୋଇଯିବ। ଭାରତ ସାମ୍ବିଧାନିକ ନିୟମ ଦ୍ୱାରା ପରିଚାଳିତ। ଏଠାରେ ରୁଲ୍ ଅଫ୍ ଲ' (ସବୁ କିଛି ନିୟମ ଦ୍ୱାରା ପରିଚାଳିତ)ରହିଛି। ଆଇନର ଊର୍ଦ୍ଧ୍ୱରେ କେହି ନୁହେଁ। ସ୍ୱେଚ୍ଛାଚାରୀ କ୍ଷମତା ବା ଅଧିକାର ପ୍ରୟୋଗର ଏଠାରେ କୌଣସି ସ୍ଥାନ ନାହିଁ। କିନ୍ତୁ ଏବେ ଯାହା ଘଟୁଛି ସେଥିରେ ଭାରତରେ କିଛି ନିୟମ ନାହିଁ ବୋଲି ଧରିନେବାକୁ ହେବ। ଦେଖିବାକୁ ଗଲେ ଏଠି ସ୍ୱେଚ୍ଛାଚାରୀ କ୍ଷମତା ପ୍ରଦର୍ଶନ କରିବା ଉପରେ ଖୁବ୍ କମ୍ କଟକଣା ରହିଛି। ଏଠି ପାର୍ଲାମେଣ୍ଟ ଭୋଟ ଅଧିକାରକୁ ବି ମନା କରିଦେଇପାରିବ। ଇଣ୍ଡିଆ ଗେଟ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେବାର ଅଧିକାର( ଯାହା ଧାରା ୧୯ରେ ରହିଛି)କୁ ୧୪୪ ଧାରା ବଳରେ ମନା କରାଯାଇପାରେ। ତାରିଖାରୁ ବନ୍ଦ କରି ଏବଂ ଗାଁର କୌଣସି ବ୍ୟକ୍ତିଙ୍କୁ ବାହାରକୁ ଯିବା କିମ୍ବା ବାହାରୁ ଗାଁକୁ ନ ଆସିବା ଲାଗି ମନା କରି ସ୍ୱାଧୀନତାର ଅଧିକାର( ଧାରା ୨୧ରେ)ରୁ ବଞ୍ଚିତ କରାଯାଇପାରେ। କୌଣସି ଗଣତାନ୍ତ୍ରିକ ଦେଶରେ ଏଭଳି କରାଯାଏନି , କିନ୍ତୁ ଭାରତରେ ଏହା ଘଟୁଛି। ସ୍ୱଚ୍ଛାଚାରୀ କ୍ଷମତା ଏଠାରେ ସୀମାତୀତ ଭାବେ ପ୍ରୟୋଗ କରାଯାଇପାରେ, ଯାହା ଏବେ ଲକ୍ଷ୍ୟ କରାଯାଉଛି।

ସମ୍ବିଧାନରେ କୌଣସି ଆଇନକୁ ବଦଳାଯାଇନି କି ବଦଳାଇବାର ଅବଶ୍ୟକତା ପଡିନି। ହେଲେ ଏବେ ଏଭଳି ଆଇନର ଅପବ୍ୟବହାର ରୋକିବାକୁ ବେଶର କ୍ଷମତା ନାହିଁ। ନ୍ୟାୟପାଳିକା ସରକାରଙ୍କ ମାତ୍ରାଧିକ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇପାରିବେ, କିନ୍ତୁ ଭାରତରେ ନ୍ୟାୟବ୍ୟବସ୍ଥା ଶକ୍ତିଶାଳୀ କ୍ଷମତା ଦ୍ୱାରା ବି ନିୟନ୍ତ୍ରିତ, ଯାହା ଅନ୍ୟ ଦେଶରେ ହୁଏ ନାହିଁ। ବିଚାରପତିମାନଙ୍କୁ ପୁରସ୍କାର ସ୍ୱରୂପ ରାଜ୍ୟ ସଭାକୁ ପଠାଯାଉଛି ଏବଂ ସାର୍ବଜନୀନ ଭାବେ ଅବସ୍ଥାପିତ କରାଯାଉଛି। ଏଠାରେ ବ୍ୟକ୍ତିଗତ ସ୍ତରରେ ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ହୋଇ ଭାରତୀୟ ବିଚାରପତିମାନେ ବିଚାର କରିପାରିବେ କିନ୍ତୁ ସେମାନଙ୍କ ସାଥୀ ବିଚାରପତିମାନେ ଏହା ଉପରେ ଆପତ୍ତି ଉଠାଇବେ ନାହିଁ। ଏହା ନ୍ୟାୟ ବ୍ୟବସ୍ଥାର ମୌଳିକ ସିଦ୍ଧାନ୍ତର ଉଲ୍ଲଂଘନ । କେହି ନିଜ ମାମଲାରେ ବିଚାରପତି ହୋଇପାରିବେନି। କିନ୍ତୁ ଭାରତରେ ଏହା ଏବେ ଘଟିଛି। ଏଣୁ ଭାରତ ରୁଲ୍ ଅଫ୍ ଲ'ର ଦେଶ ନୁହେଁ। ଏହା ହେବାକୁ ହେଲେ ଏହାର ଶକ୍ତିଶାଳୀ ସଂସ୍ଥାଗତ ଦକ୍ଷତା ରହିବା ଉଚିତ ଓ ନାଗରିକମାନଙ୍କର ଅଧିକ ଭାଗିଦାରି ରହିବା ଆବଶ୍ୟକ । ଗଣତାନ୍ତ୍ରିକ ବିଶ୍ୱରେ ଅଧିକ ଭୋଟ ହାରକୁ ନେଇ ଭାରତୀୟମାନେ ଗର୍ବ କରନ୍ତି ଏବଂ ଏହାର ଯଥାର୍ଥତା ବି ରହିଛି। ଦୃଷ୍ଟାନ୍ତ ସ୍ୱରୂପ,ଆମେରିକାରେ ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ଆମେରିକୀୟମାନେ ୫୫% ଭୋଟ୍ ଦେଇ ଡୋନାଲ୍ଡ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଥିଲେ। ଏହି ଭୋଟ ହାର ଭାରତର ୨୦୧୯ ସାଧାରଣ ନିର୍ବାଚନର ମୋଟ ଭୋଟ ହାର (୬୭%) ତୁଳନାରେ ୧୨ % କମ୍। କିନ୍ତୁ ଆମେରିକୀୟମାନେ ନିର୍ବାଚନ ପଦ୍ଧତି ବାହାରେ ରହି ମଧ୍ୟ ଗଣତନ୍ତ୍ରରେ ଭାଗ ନିଅନ୍ତି। କ୍ଷମତାର ସ୍ୱେଚ୍ଛାଚାରୀ ପ୍ରୟୋଗ ବିରୋଧରେ ସେମାନେ ପ୍ରତିବାଦ କରନ୍ତି ଯାହା ବ୍ଲାକ୍ ଲାଇଭସ୍ ମ୍ୟାଟର ବିଦ୍ରୋହରେ ଦେଖିବାକୁ ମିଳିଛି, ଯେଉଁଠି ଲକ୍ଷ ଲକ୍ଷ ଲୋକ ଆମେରିକାରେ ଥିବା ଅଫ୍ରିକୀୟଙ୍କ ବିରୋଧରେ ପୋଲିସ ବଳ ପ୍ରୟୋଗକୁ ବିରୋଧ କରିଛନ୍ତି। ଏହା ପ୍ରତିବାଦ ନୀତି ଓ ନିୟମରେ ପରିବର୍ତ୍ତନ ଆଣିପାରିଛି।

ଭାରତରେ ଏଭଳି ପ୍ରତିବାଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ହେଲେ ସାମ୍ବିଧାନିକ ଅଧିକାର ପାଇଁ ଭାରତୀୟମାନେ ସ୍ୱର ଉଠାଇବାରେ କମ୍ ଆଗ୍ରହୀ ଥିବା ଲକ୍ଷ୍ୟ କରାଯାଉଛି। ନିର୍ଦ୍ଦିଷ୍ଟ ଭାବେ ଯେଉଁଠି ବ୍ୟକ୍ତିଗତ ସ୍ୱାର୍ଥ ନାହିଁ ସେଠାରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଅନ୍ୟମାନଙ୍କ ପାଇଁ ସ୍ୱର ଉଠାଇବା ବିଧିବ୍ୟବସ୍ଥା ଓ ଗଣତାନ୍ତ୍ରିକ ରାଷ୍ଟ୍ରର ଆଧାରଶିଳା। ଭାରତରେ ସ୍ଥାନୀୟ ପ୍ରତିବାଦକୁ ଲୋକେ ସମ୍ଭବତଃ ଠିକ୍ ବୋଲି ଗ୍ରହଣ କରିନିଅନ୍ତି। ଘଟଣା ସମ୍ପର୍କରେ ତତ୍‌କ୍ଷଣାତ୍ ସଚେତନ ହେଉଥିବା ଲୋକମାନେ ସେହି ଅଞ୍ଚଳରେ ପ୍ରତିବାଦ କରନ୍ତି ଏବଂ ଠିକ୍ ସମୟରେ ସେମାନେ ଅପସରି ଯାଆନ୍ତି। ।

ଏହି ସ୍ଥିତିରୁ ବାହାରି ଆମେ କିପରି ଏକ ରୁଲ୍ ଅଫ ଲ'ର ଦେଶ ହୋଇପାରିବା ? ଏହାର ଉତ୍ତର ଆବଶ୍ୟକ ନାହିଁ, ଏପରି କି ଏହା ମଧ୍ୟ ହେବା ଭଳି ଲାଗୁନି । ଏହା ନିର୍ବାଚନରେ କୌଣସି ପାର୍ଟିର ପରାଜୟ କିମ୍ବା ବିଜୟ ଦ୍ୱାରା ହୋଇପାରିବ ନାହିଁ। କାରଣ, ଭାରତରେ ସ୍ୱେଚ୍ଛାଚାରୀଙ୍କ ଅଭାବ ନାହିଁ ଏବଂ ଏହି ସମସ୍ୟା ଭବିଷ୍ୟତରେ ମୁଣ୍ଡ ଟେକିବ। ଏହା ପରିବର୍ତ୍ତନ ହେବା ଦରକାର । ବାହ୍ୟ ଚାପ ହେଉ କି କୌଣସି ଏକ ଘଟଣା ଦ୍ୱାରା ଏହି ପରିବର୍ତ୍ତନ କେବେ ହେବ ତାହା ସ୍ପଷ୍ଟ ନୁହେଁ। ହେଲେ ଗଣତାନ୍ତ୍ରିକ ରାଷ୍ଟ୍ରର ମାଲିକାନା ନାଗରିକଙ୍କ ହାତରେ ରହିବା ଉଚିତ ,ଯାହା ଏବେସୁଦ୍ଧା ହୋଇନାହିଁ। ତେବେ ସରକାର ତାଙ୍କ ଅଧିକାର ବା କ୍ଷମତାର ଦୁରୁପଯୋଗ ନ କରିବା ଏବଂ ଏକ ରାଜନୈତିକ ଦଳ ଦେଶକୁ ଭୁଲ୍ ବାଟରେ ନ ନେବା ଲାଗି ଆମେ ଆଶା କରିବା। କିନ୍ତୁ ଆମେ ଏବେ ଯାହା ଦେଖୁଛୁ ତାହା ସ୍ପଷ୍ଟ ପ୍ରମାଣ କରୁଛି ଯେ ତାହା ପର୍ଯ୍ୟାପ୍ତ ନୁହେଁ।

Email:aakar.patel@gmail.com

# ଅପେକ୍ଷାର ଯନ୍ତ୍ରଣା ଓ ଆନନ୍ଦ

ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେ ମଣିଷ ହେଉ କି ମଣିଷର ଶବ, ପ୍ରିୟ ପୁରୁଷ ହେଉ କି ପ୍ରିୟାର ପ୍ରେମପତ୍ର, କାହା ପାଇଁ ଅପେକ୍ଷା କରିବା କେତେ ଯନ୍ତ୍ରଣାଦାୟକ, ତାହା ଭୁକ୍ତଭୋଗୀ ବ୍ୟତୀତ ଅନ୍ୟ କେହି ଜାଣିପାରିବେ ନାହିଁ। ଦୂରରୁ କେହି ଆସୁଛନ୍ତି, ଅଥଚ ପାଖରେ ପହଞ୍ଚୁ ନାହାନ୍ତି, ପୁଣି କାହାକୁ ଭେଟିବାର ଅଛି, ମାତ୍ର କେଇ ମିଟର ଦୂରରେ ଥାଇ ସାକ୍ଷାତର ସୁଯୋଗ ମିଳୁନାହିଁ, ଅନ୍ତହୀନ ଅପେକ୍ଷାର ବଡ଼ ଦାରୁଣ ଅନୁଭବ ଯେ। ଲାଗୁଥିବ, ନିଜ ବାଞ୍ଛିତ ବସ୍ତୁ ବା ଈପ୍‌ସିତ ମଣିଷଟି ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛି। ଅପ୍ରାପ୍ତିର ପ୍ରତ୍ୟେକ ମୁହୂର୍ତ୍ତ ପାଲଟି ଯାଉଛି ଘଣ୍ଟାଠାରୁ ଆହୁରି ଦୀର୍ଘ।

କେଉଁଠାକୁ ଯିବାକୁ ଥିବ ବା ଅନ୍ୟ କେଉଁଠୁ କାହାର ଆସିବାର ଥିବ। ଷ୍ଟେସନରେ ପହଞ୍ଚି ଜାଣିବାକୁ ମିଳିବ ଟ୍ରେନ୍ ତିନିଘଣ୍ଟା ବିଳମ୍ବ। ସମସ୍ତ ପ୍ରସ୍ତୁତି ସହ ଚାକିରିଟିଏ ପାଇଁ ସାକ୍ଷାତ୍‌କାର ଦେବାର ଥିବ, ଖବର ମିଳିବ ଅନିବାର୍ଯ୍ୟ କାରଣ ପାଇଁ କର୍ତ୍ତୃପକ୍ଷ ସାକ୍ଷାତ୍‌କାର ଘୁଞ୍ଚାଇ ଦେଇଛନ୍ତି ଅନ୍ୟ ଏକ ତାରିଖକୁ। ପୁଣି ନିର୍ବନ୍ଧ ସରିଯାଇଛି। ବିବାହ ପାଇଁ କନ୍ୟାଘରେ ଯାବତୀୟ ପ୍ରସ୍ତୁତି ପର୍ବ ଚାଲିଥିଲାବେଳେ ଖବର ମିଳିବ, ବରର ଜେଜେବାପାଙ୍କ ଦେହାନ୍ତ ପାଇଁ ଏବେ ବିବାହ ବନ୍ଦ, ଅନ୍ୟ ଏକ ତିଥିକୁ ନିର୍ଘଣ୍ଟ। ଏସବୁ ଅପେକ୍ଷା ପୀଡାଦାୟକ ନିଶ୍ଚୟ, ମାତ୍ର ଏ ଅପେକ୍ଷାର ଅବଧି ନିୟନ୍ତ୍ରଣରେ ଥାଏ। ଉପଲବ୍ଧି ବିଳମ୍ବିତ ହୁଏ ସିନା, ଅନିଶ୍ଚିତ ହୁଏନା।

ମାତ୍ର ଆଉ କିଛି ଅପେକ୍ଷାର ଅନ୍ୟ ନାମ କେବଳ ଅନିଶ୍ଚିତତା। ଏଭଳି ଅପେକ୍ଷାର ଅବସାନ କେବେ ହେବ ତାହା ଅପେକ୍ଷା କରୁଥିବା ଲୋକର ନିୟନ୍ତ୍ରଣରେ ନ ଥାଏ। କାରଣ ଯାହାଙ୍କ ପାଇଁ ଏ ଅପେକ୍ଷା, ସେ ଏତେ ମାମୁଲି ଲୋକ ନୁହନ୍ତି ଯେ କେହି ତାଙ୍କୁ ଘଣ୍ଟା ଦେଖାଇ କୈଫିୟତ ମାଗିବ! କହିପାରିବ, ''ସମୟଟା କ'ଣ ତୁମର ବ୍ୟକ୍ତିଗତ ସମ୍ପତ୍ତି ଯେ ତାକୁ ଯେମିତି ଚାହିଁବ ସେମିତି ଭୋଗ କରିବ! ଆମ ଭଳି ସାଧାରଣ ଲୋକଙ୍କ ସମୟର କ'ଣ କିଛି ମୂଲ୍ୟ ନାହିଁ?'' ମନ ଭିତରେ ଏମିତି ଯେତେ ପ୍ରଶ୍ନ ଉଠିଲେ ବି ତାହା ଉଚ୍ଚାରିତ ହେବାକୁ ସୁଯୋଗ ପାଇବ ନାହିଁ। 'ବଡ଼ ଲୋକଙ୍କୁ ଉତ୍ତର ନାହିଁ' ନ୍ୟାୟରେ ଏମିତି ପ୍ରଶ୍ନ ପଚାରି କେହି ନିଜ ଔଦ୍ଧତ୍ୟର ପ୍ରମାଣ ଦେବାକୁ ଆଗେଇ ଆସିବ ନାହିଁ।

ସୁତରାଂ ସଭାର ମୁଖ୍ୟ ଅତିଥି ବା ଉଦ୍‌ଘାଟକ ହେବାକୁ ସଦୟ ସ୍ୱୀକୃତି ଦେଇଥିବା କେହି ବରେଣ୍ୟ ଜନନେତା ନିର୍ଦ୍ଧାରିତ ସମୟର ଦୁଇଘଣ୍ଟା ବିଳମ୍ବରେ ଆସି ପହଞ୍ଚିଲେ ବି ତାଙ୍କ ଗଳାରେ ଲମ୍ବିଯିବା ପାଇଁ ଫୁଲମାଳମାନେ ପରମ ତୃପ୍ତିରେ ବ୍ୟାକୁଳ ପ୍ରତୀକ୍ଷାରେ ଥିବେ ସିନା, କେବେ ବି ମଉଳିଯିବେ ନାହିଁ। ଅତିଥି ମହୋଦୟ ପୁଲକିତ ହୋଇଉଠିବେ ଅପେକ୍ଷମାଣ ଦର୍ଶନାର୍ଥୀଙ୍କୁ ଦେଖି। ମନେ ମନେ ସାବାସି ଦେଉଥିବେ ନିଜ ଭିତରେ ଥିବା ସମର୍ଥ ନେତୃପୁରୁଷକୁ । ନିଜ ନିଜର ଜଞ୍ଜାଳଙ୍କୁ ପଛରେ ପକାଇ ଶହ ଶହ ଲୋକ ଘଣ୍ଟା ଘଣ୍ଟା ଧରି ଯଦି ତାଙ୍କୁ ଅପେକ୍ଷା ନ କଲେ, ତେବେ ଧିକ ସେଇ ନେତୃତ୍ୱକୁ! ଅବଶ୍ୟ ମହାମାନ୍ୟ ଅତିଥି ଅତ୍ୟନ୍ତ ଉଦାର ଚିତ୍ତରେ ମାଇକ୍ରୋଫୋନ ଆଗରେ ନିଜ ବିଳମ୍ବ ପାଇଁ କ୍ଷମା ଚାହିଁବେ। ଏ ସବୁ ସଭାସମିତିରେ ନିଜ ଉପସ୍ଥିତି ଅପେକ୍ଷା ଜନଗଣଙ୍କ କଲ୍ୟାଣ ପ୍ରତି ସେ ସତତ ସମର୍ପିତ ବୋଲି ଦାବି କରିବେ।

ତେବେ ମହମ୍ମଦ ପର୍ବତ ପାଖକୁ ନ ଯାଇ ପର୍ବତ ଯଦି ମହମ୍ମଦଙ୍କ ପାଖକୁ ଯାଏ ତେବେ ସେତେବେଳେ ଦେଖିବାକୁ ମିଳିବ ଭିନ୍ନ ଏ ମହମ୍ମଦଙ୍କୁ। ମାନନୀୟ ଥିବେ ଉପରେ। ତଳେ ଥିବେ ବେଶ୍ କିଛି ଲୋକ ଅପେକ୍ଷାରେ। ନିଜ ନିଜର ଗୁହାରି ଜଣାଇ ବରାଭୟ ଲାଭ କରିବାକୁ ଆସିଥିବେ ସେମାନେ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲା ପରେ ସଂଲଗ୍ନ କର୍ମଚାରୀଙ୍କୁ ମାନନୀୟ କେତେବେଳେ ଉପଲବ୍ଧ ହେବେ ବୋଲି ପଚାରିଲେ ଉତ୍ତର ମିଳିବ, 'ଅପେକ୍ଷା କର'। ପୁଣି ଅପେକ୍ଷା ଯେତେ ଯନ୍ତ୍ରଣାଦାୟକ ହେଲେ ବି ପ୍ରତିଶ୍ରୁତି ବା ସେଭଳି କିଛି ପାଇବା ଆଶାରେ ସବୁ ଯନ୍ତ୍ରଣା ସହି ହୋଇଯାଉଥିବ। ଅଥଚ ସମସ୍ତଙ୍କ ବିକଳ ପ୍ରତୀକ୍ଷାର ଅନ୍ତ ଘଟାଇ ମହୋଦୟ ଉପରୁ ତଳକୁ ଆସିବେ ଓ ତାଙ୍କୁ ଏତେ ସମୟ ଧରି ଅପେକ୍ଷା କରୁଥିବା ଲୋକଙ୍କୁ ଆଡ ଆଖିରେ ବି ନ ଚାହିଁ କାର୍‌ରେ ବସି ଚାଲିଯିବେ! ଛୋଟ କୈଫିୟତଟିଏ ଶୁଣାଯିବ ଦପ୍ତରର କର୍ମଚାରୀଙ୍କ ଆଡୁ '' ଏକ ଜରୁରୀ କାର୍ଯ୍ୟରେ ମହୋଦୟ ବାହାରକୁ ଚାଲିଗଲେ। କାଲି ଆସନ୍ତୁ, ଦେଖା ହେବ।'' ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାର ଯନ୍ତ୍ରଣା ଯାହା ତୀବ୍ରରୁ ତୀବ୍ରତର ହୋଇ ଆସୁଥିବ, ତାହା ଅଚାନକ ବିଲୀନ ହୋଇଯିବ ଅପ୍ରାପ୍ତିର ଅନ୍ଧକାର ମଧ୍ୟରେ । ଗୋଟିଏ ଆଶାର ଅପମୃତ୍ୟୁ ଘଟୁଥିବା ବେଳେ ନୂଆ ଆଶାଟିଏ ମୁଣ୍ଡ ଟେକୁଥିବ ଆସନ୍ତାକାଲିର ଅପେକ୍ଷା ହୋଇ!!

ଅପେକ୍ଷାର ଲମ୍ବାଧାଡ଼ି ଆହୁରି ଦେଖିବାକୁ ମିଳେ ଉଚ୍ଚରୁ ସର୍ବୋଚ୍ଚ ଦପ୍ତରର ହାକିମମାନଙ୍କ ଅଫିସ୍ କକ୍ଷ ଆଗରେ। ଆପଣାର ନାମ, ଧାମ ଓ ସାକ୍ଷାତର କାରଣ ଦର୍ଶାଇ ଚିଟ୍ ପଠାଇ ଅପେକ୍ଷା କରିବାକୁ ପଡ଼େ ବହୁ ସମୟ ଧରି। ସମୟ ଯେତେ ବିଳମ୍ବିତ ହେଉଥାଏ, ସର୍ବୋଚ୍ଚ ହାକିମଙ୍କ ହୃଦୟ ଓ ମଗଜର ହାବଭାବ ସମ୍ପର୍କରେ ଚିନ୍ତା କରି ଦର୍ଶନାର୍ଥୀର ହୃଦସ୍ପନ୍ଦନ ସେତେ ବଢ଼ିବଢ଼ି ଚାଲିଥାଏ ସିନା, ଡାକରା ସହଜରେ ଆସେନା। ଗଳାରେ ସଂଭ୍ରାନ୍ତ ସନ୍ତକନାମା ଝୁଲାଇ ସରକାରୀ ସିଂହାସନରେ ବସିଥିବା ମହାମହିମଙ୍କ ପାଖକୁ କେହି କେହି ବି ବିନା ଚିଟ୍‌ରେ ଯା'ଆସ କରୁଛନ୍ତି । ଅଥଚ ଯେଉଁମାନଙ୍କ କରରେ ସମୃଦ୍ଧ ହୋଇଥାଏ ହାକିମଙ୍କ କୁର୍ସି, ସେଇ ସାଧାରଣବର୍ଗଙ୍କଠାରୁ ଚିଟ୍ ନାମରେ ଦାବି କରାଯାଏ ସୌଜନ୍ୟ ଓ ଶୃଙ୍ଖଳା। ସାମନ୍ତବାଦର ସ୍ପ୍ରିଂ ଦିଆ ଦରଜା ସେପଟରେ ହାକିମଙ୍କ ନଥି କାର୍ଯ୍ୟ ଶେଷ ହେଲା ପରେ ଯେଉଁ ବହୁ ପ୍ରତୀକ୍ଷିତ ଡାକରା ଆସେ, ସେଇ ଡାକରା ଅପେକ୍ଷାରେ ଅବସାନ ଘଟାଏ ସିନା, ପ୍ରାର୍ଥନା ତଥାପି ଅପୂରଣୀୟ ରହିଯାଏ। ନାଲିଫିତାର ଫାଶ ଭିତରୁ ସହଜରେ ମୁକୁଳି ପାରେନା ବିଚରା ସାଧାରଣ ଲୋକଟିର ଆକୁଳ ପ୍ରାର୍ଥନା। ବାରମ୍ବାର ଲୋଡା ପଡେ ପ୍ରାର୍ଥନା ପେସ୍ କରିବାର ସେଇ ମହର୍ଗ ସାକ୍ଷାତ ଓ ଗୋଟିଏ ସାକ୍ଷାତ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାର ଦାରୁଣ ଯନ୍ତ୍ରଣା ।

କିଛିଦିନ ତଳେ ନିଜ ପେନ୍‌ସନ୍ ବିଭ୍ରାଟ ସମ୍ପର୍କରେ ଆଲୋଚନା କରିବାକୁ ଜଣେ ପଦବୀମୁକ୍ତ ହାକିମ ଆପଣାର ସୁଦୃଶ୍ୟ ପରିଚୟ ପତ୍ର ପଠାଇ ବହୁ ସମୟ ଅପେକ୍ଷା କରିବା ପରେ ଡାକରା ନ ଆସିବାରୁ ବ୍ୟସ୍ତ ହୋଇପଡିଲେ । ନୀରବରେ ବସି ବସି ଅତୀତରେ ହଜାଇ ଆସିଥିବା ନିଜ ଉଜ୍ଜ୍ୱଳ ପଦବୀର ଅନ୍ଧାରୀ ଅଧ୍ୟାୟକୁ ମନେପକାଉଥିଲେ ସେ । ଏପଟେ ତାଙ୍କ ପରିଚୟ ପତ୍ରକୁ ହାତରେ ଧରି ପେନ୍‌ସନ୍ ଅଧିକାରୀ ଜଣେ ସହକର୍ମୀଙ୍କୁ କହୁଥିଲେ, ନିଜ ଚାକିରି କାଳ ଭିତରେ ଏମିତି କେତେ ଲୋକଙ୍କୁ କେତେ ସମୟ ଅପେକ୍ଷା କରାଇଥିବେ ଏ ମହାତ୍ମା । ଏବେ ବୁଝନ୍ତୁ ଅପେକ୍ଷା କରାଇବାର ଆନନ୍ଦ କେତେ ଓ ଅପେକ୍ଷା କରିବାର ଯନ୍ତ୍ରଣା କେତେ!

ପ୍ରକୃତରେ ପଛ ଧାଡିର ସାଧାରଣ ମଣିଷଙ୍କୁ ଅବଜ୍ଞା କରୁଥିବା 'ଆଗଧାଡିର ମହଙ୍ଗା ମଣିଷମାନେ ଯଦି ଥରେ ଜାଣନ୍ତେ ଯେ ମହାକାଳ ଦିନେ ସେମାନଙ୍କୁ ନିର୍ଦ୍ଦୟ ଭାବେ ପଛଧାଡିକୁ ଫିଙ୍ଗିଦେବ, ତେବେ ସେମାନେ ହୁଏତ ନିଜ କର୍ମକୁ ନେଇ ଉନ୍ମତ୍ତ ହୁଅନ୍ତେ ନାହିଁ । ନିଜକୁ ଅନନ୍ୟ, ଅସାଧାରଣ ମନେକରି କେଇ ମିନିଟ୍‌ର ସାକ୍ଷାତ ପାଇଁ ସାଧାରଣମାନଙ୍କୁ କେଇ ଘଣ୍ଟା ଅପେକ୍ଷା କରାନ୍ତେ ନାହିଁ । ମାତ୍ର ଏହା ହିଁ ବିଡମ୍ବନା ଯେ, ରଙ୍ଗମଞ୍ଚର ନକଲି ଚେହେରା ଏମାନଙ୍କୁ ମୋହାବିଷ୍ଟ କରି ପକାଏ ଓ ସେମାନେ ଯେ କିଛି ସମୟ ପାଇଁ ଅନ୍ୟମାନଙ୍କ ଠୁଁ ଭିନ୍ନ, ସବୁ ସମୟ ପାଇଁ ନୁହେଁ, ଏକଥା ବିସରି ଯାଆନ୍ତି। ତେବେ ଅପେକ୍ଷା କରାଉଥିବା ଲୋକଟି ଆନନ୍ଦ ପାଏ କି ନାହିଁ କେଜାଣି, କିନ୍ତୁ ଏ କଥା ସତ୍ୟ ଯେ, ଅପେକ୍ଷା କରୁଥିବା ଲୋକଟି ଯନ୍ତ୍ରଣା ହିଁ ପାଉଥାଏ । ମାତ୍ର କଦବା କେମିତି ଏମିତି କିଛି ବିରଳ ବ୍ୟତିକ୍ରମ ପରିଲକ୍ଷିତ ହୁଏ, ଯାହା ଏକ ସଦାସ୍ୱୀକୃତ ସତ୍ୟକୁ ସମ୍ପୂର୍ଣ୍ଣ ଓଲଟାଇ ଦିଏ । ବିଶ୍ୱବନ୍ଦିତ ବିଜ୍ଞାନୀ ଆଇନଷ୍ଟାଇନଙ୍କ ଜୀବନର ଛୋଟ ଏକ ଘଟଣା ସେମିତି ଏକ ବ୍ୟତିକ୍ରମ ।

ନିଯୁର୍କର ଏକ କମନୀୟ ସନ୍ଧ୍ୟାକୁ ଉପଭୋଗ କରିବା ଲକ୍ଷ୍ୟରେ ଦିନେ ଆଇନଷ୍ଟାଇନ ତାଙ୍କ ଗବେଷଣାଗାରରୁ ପଦାକୁ ବାହାରି ଆସିଲେ ଓ ଧୀର ଗତିରେ ପଦଚାରଣ କରିବାକୁ ଲାଗିଲେ ରାଜପଥ ଉପରେ । ଅନ୍ୟମନସ୍କ ଭାବେ ଚାଲୁ ଚାଲୁ ସେ ରାସ୍ତା ମଝିକୁ ଚାଲି ଆସିଲେ । ଅଚାନକ ତାଙ୍କ ଏହି ଅନ୍ୟମନସ୍କତା ଦୂର ହୋଇଗଲା, ଯେତେବେଳେ ସେ ଦେଖିଲେ ଯେ, ତାଙ୍କ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମୋଟର ଶୃଙ୍ଖଳିତ ସେମାନଙ୍କ ଭଳି କୌଣସି ସଙ୍କେତକୁ ଅପେକ୍ଷା କରି ଛିଡା ହୋଇ ରହିଛନ୍ତି । ସେ ଗୋଟିଏ କାର ପାଖରେ ନଇଁପଡିଲେ ଓ ଅତ୍ୟନ୍ତ ଉତ୍ସୁକତାର ସହ କାର ଡ୍ରାଇଭରଙ୍କୁ ପଚାରିଲେ 'ନିକଟରେ ତ କାହିଁ କେଉଁଠି ସିଗ୍‌ନାଲ ପୋଷ୍ଟରେ ଲାଲ ସଙ୍କେତ ନାହିଁ । ତେବେ ଗାଡି ସବୁ ଏମିତି ଅଟକି ଯାଇଛନ୍ତି କାହିଁକି ? କେଉଁଠି କିଛି ଦୁର୍ଘଟଣା ଘଟିନାହିଁ ତ ?''

ଅଳ୍ପ ହସି ବିନମ୍ରତାର ସହ ଡ୍ରାଇଭର ଉତ୍ତର ଦେଲେ, ନାହିଁ, କେଉଁଠି କିଛି ଦୁର୍ଘଟଣା ଘଟିନାହିଁ। ଗାଡି ମୋଟର ବିକଟ ଗର୍ଜନରେ ଆପଣଙ୍କ ଭାବନାରେ ବାଧା ସୃଷ୍ଟି ହେବ ବୋଲି ଗାଡି ଚାଳକମାନେ ଗାଡି ଚାଳନାରୁ ନିବୃତ୍ତ ରହିଛନ୍ତି । ଚାଳକଙ୍କ କଥାରେ ଆଇନଷ୍ଟାଇନଙ୍କ ଉପରେ ଆକାଶ ଖସିପଡିଲା ପରି ବୋଧ ହେଲା। ବିଜ୍ଞାନାଗାରରୁ ବାହାରକୁ ଆସି କେଡେ ଅପରାଧଟିଏ କରିନାହାନ୍ତି ସେ। ଏତେ ଲୋକଙ୍କୁ ଏତେ ସମୟ ଧରି ଅପେକ୍ଷାରେ ରଖିଛନ୍ତି। ସେ ଆଉ କି ମଣିଷଟିଏ ଯେ, ତାଙ୍କ ପାଇଁ ଏତେ ଲୋକ ଅଟକି ରହିବେ। ନିଜ ମୁହଁ ଲୁଚାଇବାକୁ ତରବରରେ ବିଜ୍ଞାନାଗାର ଭିତରକୁ ପଶିଗଲେ ଆଇନଷ୍ଟାଇନ ।

ନିଜ ନିଜ ପରିସରରେ ସାଧାରଣ ଲୋକଙ୍କୁ ଅପେକ୍ଷା କରାଇ ପାରିବାର ବିରଳ ଅଧିକାର ହାସଲ କରିଥିବା ତଥାକଥିତ ଅଢେଇଦିନିଆ ଅସାଧାରଣମାନଙ୍କ ହୃଦୟ ଆଇନଷ୍ଟାଇନଙ୍କ ପରି ହୁଅନ୍ତା ସିନା, ଯେତେ ବିଳମ୍ବ ହେଲେ ବି ଅପେକ୍ଷା, ଯନ୍ତ୍ରଣାଦାୟକ ହୁଅନ୍ତା ନାହିଁ । ସେମିତି ଲୋକଙ୍କ ପାଇଁ ଅପେକ୍ଷା କରିବାରେ ମିଳନ୍ତା ଏକ ଅଦ୍‌ଭୁତ ଅଫୁରନ୍ତ ଆନନ୍ଦ।

-ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିଆଣି, ଭୁବନେଶ୍ୱର,
ମୋ-୮୮୯୫୬୭୨୪୧୦୫

# ଟ୍ରାଇ ମୁଖିଆ

ବ୍ୟକ୍ତିତ୍ୱ



ପି.ଡି. ବାଘେଲା

ଭାରତ ବିଶ୍ୱର ସର୍ବବୃହତ୍ ଟେଲିକମ୍ୟୁନିକେଶନ ବଜାର। ଏହାର ପଞ୍ଜୀକୃତ ସବ୍‌ସ୍କ୍ରାଇବର ବା ଉପଭୋକ୍ତାଙ୍କ ସଂଖ୍ୟା ୧୨୦ କୋଟି। ଭାରତ ସରକାର ଆୟକର ପରେ ଟେଲିକମ୍ୟୁନିକେଶନରୁ ଦ୍ୱିତୀୟ ସର୍ବାଧିକ ରାଜସ୍ୱ ସଂଗ୍ରହ କରିଥାଆନ୍ତି। ଏକ ବିଶାଳ ସେବା ପ୍ରଦାନକାରୀ ସଂସ୍ଥା ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରିବା ସହ ଏହାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସକାଶେ ଭାରତ ସରକାର ୧୯୯୭ରେ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ନାମରେ ଏକ ବୈଧାନିକ ନିୟନ୍ତ୍ରକ ଗଠନ କରିଥିଲେ। ଏଥିରେ ଜଣେ ଅଧ୍ୟକ୍ଷ, ଦୁଇ ଜଣ ପୂର୍ଣ୍ଣକାଳୀନ ଓ ଦୁଇ ଜଣ ସାମୟିକ ସମୟ ପାଇଁ ସଦସ୍ୟ ରହିବାର ବିଧି ରହିଆସିଛି। ଜାନୁୟାରୀ ୨୦୦୦ରେ ଏହି ଆଇନକୁ ଅଧ୍ୟାଦେଶ ଜରିଆରେ ସଂଶୋଧନ କରାଯାଇ ଟେଲିକମ୍ ଡିସ୍‌ପୁଟ୍‌ସ୍ ସେଟଲ୍‌ମେଣ୍ଟ ଆଣ୍ଡ ଆପିଲେଟ ଟ୍ରିବ୍ୟୁନାଲ (ଟିଡିଏସ୍‌ଏଟି) ବ୍ୟବସ୍ଥା କରାଯାଇଥିଲା। ଟେଲିକମ୍ ସଂକ୍ରାନ୍ତ ନ୍ୟାୟିକ ଓ ବିବାଦୀୟ କାର୍ଯ୍ୟର ସମାଧାନ ଦାୟିତ୍ୱ ଟ୍ରାଇ ନିକଟରୁ ଟିଡିଏସ୍‌ଏଟିକୁ ଦିଆଯାଇଥିଲା। ତେବେ ରାଜସ୍ୱ ସୃଷ୍ଟି ଭଳି ବଡ଼ ଦାୟିତ୍ୱ ଟ୍ରାଇ ନିକଟରେ ଥିବାରୁ ଏ ଦିଗରେ ଏହାର ଅଧ୍ୟକ୍ଷ ପ୍ରମୁଖ ଭୂମିକା ନିର୍ବାହ କରିଥାଆନ୍ତି। ୩୦ ସେପ୍ଟେମ୍ବରରେ ଆର୍.ଏସ୍. ଶର୍ମା ଅବସର ନେବା ପରେ ତାଙ୍କ ସ୍ଥାନରେ ୧୯୮୬ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ତିନି ବର୍ଷ କିମ୍ବା ୬୫ ବର୍ଷ ବୟସରେ ପହଞ୍ଚିବା ଯାଏ ଏହି ପଦବୀରେ ରହିପାରିବେ ବୋଲି ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ପକ୍ଷରୁ କୁହାଯାଇଛି।

ବାଘେଲା ସର୍ବଭାରତୀୟ ସେବା ଅଧିକାରୀ ଭାବେ ରାଜ୍ୟଠାରୁ କେନ୍ଦ୍ର ଯାଏ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଛନ୍ତି। ଗୁଜରାଟର ବି. କେ. ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟରୁ ଫାଇନାନ୍ସରେ ଏମ୍‌ବିଏ କରିଥିବା ବଘେଲା ଗୁଜରାଟର କମିଶନର ଅଫ୍ କମର୍ସିଆଲ୍ ଟାକ୍ସ ହେବା ପୂର୍ବରୁ ୨୦୦୮ରେ ସେ କାଣ୍ଡଲା ବନ୍ଦରର ଅଧ୍ୟକ୍ଷ ଥିଲେ। କୁହାଯାଉଛି ସେ ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭ ଦୃଷ୍ଟିକୁ ଆସିଥିଲେ। ୨୦୧୭ରେ ଜିଏସ୍‌ଟି କାର୍ଯ୍ୟକାରୀ କରିବାରେ ସେ ପ୍ରମୁଖ ଅମଲାତନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଜିଏସ୍‌ଟି ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ କମିଟିର ଆବାହକ ମଧ୍ୟ ଥିଲେ।

ତେବେ କେନ୍ଦ୍ରରେ ଫର୍ମାସ୍ୟୁଟିକାଲ୍ସ ସଚିବ ଭାବେ କାର୍ଯ୍ୟ କରି ସେ ବହୁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଔଷଧ ଏବଂ ଡାକ୍ତରୀ ଯନ୍ତ୍ରପାତିର ମୂଲ୍ୟ ନିୟନ୍ତ୍ରଣ କରି ପ୍ରଶାସନିକ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ଏବେ ବାଘେଲା ଟେଲିକମ୍ କ୍ଷେତ୍ରର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କ ଆଗରେ ଅନେକ ଆହ୍ୱାନ ରହିଛି। ଗତ କିଛିବର୍ଷ ଧରି ଭାରତୀୟ ଟେଲିକମ୍ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖା ଦେଇଚାଲିଛି। ୨ଜି ସ୍ପେକ୍ଟ୍ରମ୍ ଦୁର୍ନୀତିଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀ ମଧ୍ୟରେ ବ୍ୟବସାୟିକ କାରଣକୁ ନେଇ ବିବାଦ ଉପୁଜିଚାଲିଛି। ପୁଣି ୫ଜି ଟେଲିକମ୍ୟୁନିକେଶନ ଭିତ୍ତିଭୂମି ଲାଗି ଯୋଜନା ଚାଲିଛି। ଅଦ୍ୟାବଧି ୫ଜି ନିଲାମ ପ୍ରକ୍ରିୟା ହୋଇପାରି ନ ଥିବାରୁ ଏହା ବାଘେଲାଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ହୋଇପାରେ। ସେହିପରି ପାରମ୍ପରିକ କେବୁଲ ଟିଭି ସହ ଫାଇବର-ଅପ୍‌ଟିକ୍ ସଂଯୋଗ କରାଯାଇ କନ୍‌ଭର୍ଜଡ୍ ମିଡିୟମ୍ ବିଷୟରେ ଚିନ୍ତା କରାଯାଉଛି। ବିଶେଷଜ୍ଞମାନେ କହୁଛନ୍ତି ଯେ, ଫିକ୍ସଡ୍ ଲାଇନ୍ ଓ କେବୁଲ ଟିଭି ମାର୍କେଟ ମଧ୍ୟରେ ମିଶ୍ରଣ କରାଗଲେ ଏକକ ବ୍ୟବସ୍ଥା ସୃଷ୍ଟି କରାଯାଇପାରିବ। ତେବେ ବିଶ୍ୱବ୍ୟାପୀ ଟେଲିକମ୍ କ୍ଷେତ୍ରରେ ଦିନକୁ ଦିନ ଯେଉଁ ପରୀକ୍ଷଣ କରାଯାଇ ନୂତନ ବ୍ୟବସ୍ଥା ବିକଶିତ କରାଯାଉଛି ବାଘେଲା ସେହି ଧାରାରେ ଭାରତକୁ ସାମିଲ କରି ଆଗକୁ ବଢ଼ାଇ ନେବେ ବୋଲି ଆଶା।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଡ. ଶିଳ୍ପା କୁମାର। ବୟସ ୨୯। ଦିଲ୍ଲୀର ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଚାକିରି ଛାଡ଼ି ହିମାଚଳ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ କାର୍ଯ୍ୟ କରିବାକୁ ବାହାରି ଯାଇଛନ୍ତି। ହିମାଚଳ ପ୍ରଦେଶର କିନ୍ନାଉରୁ ଜିଲାର ର୍‍ୟାକ୍‌ଚାମ ଗାଁରେ ଥିବା ପବ୍ଲିକ୍ ହେଲ୍‌ଥ୍ ସେଣ୍ଟର(ପିଏଚସି)ରେ ଯୋଗ ଦେଇ ଆଦିବାସୀମାନଙ୍କ ସେବାରେ ଲାଗିଛନ୍ତି। ସେଠାକାର ପରିବେଶ ସହ ନିଜକୁ ଖାପ ଖୁଆଇ ଦୁର୍ଗମ ଗାଁଗୁଡ଼ିକୁ ଚାଲି ଚାଲି ଯାଇ ଲୋକମାନଙ୍କୁ ଚିକିତ୍ସା କରୁଛନ୍ତି। ଏପରିକି ଲକ୍‌ଡାଉନ ପରେ ବି ତାଙ୍କ ଘର ବେଙ୍ଗାଲୁରୁକୁ ନ ଫେରି ର୍‍ୟାକ୍‌ଚାମରେ ରହିଛନ୍ତି। ସେଠାରେ କୌଣସି ମେଡିକାଲ୍ ଷ୍ଟାଫ୍ ନ ଥିଲେ ବି ସେ ଏକାକୀ ସବୁ କାର୍ଯ୍ୟ ୫ ମାସ ତୁଲାଇଛନ୍ତି। କୋଭିଡ୍ ଉପରେ ଲୋକମାନଙ୍କୁ ସଚେତନ କରିବା ସହ ସେମାନଙ୍କ ପରୀକ୍ଷା ବି କରୁଛନ୍ତି। ପିଏଚ୍‌ସି ଉପରେ ର୍‍ୟାକଚାମର ୮୦୦ ବାସିନ୍ଦା ସମେତ ସାଙ୍ଗଲା ବ୍ଲକର ଗାଁଗୁଡ଼ିକ ବି ନିର୍ଭର କରନ୍ତି। ଡ. ଶିଳ୍ପା ଘରକୁ ଘର ଯାଇ ଲୋକମାନଙ୍କ ରୋଗ ଚିହ୍ନଟ କରି ସେମାନଙ୍କୁ କାର୍ଡ ଦେଉଛନ୍ତି। ଏବେ ତାଙ୍କୁ ସାଙ୍ଗଲାକୁ ବଦଳି କରାଯାଇଛି। ଶିଳ୍ପାଙ୍କ ବାପା ଛତିଗଡ଼ରେ ଚାକିରି କରିଥିବା ସମୟରେ ସେଠାରେ ଜନ୍ମ ହୋଇ ବଢ଼ିଛନ୍ତି। ପରେ ସେ ଲୁଧିଆନା ଦୟାନନ୍ଦ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଶେଷ କରି ପ୍ରଥମେ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ନିଯୁକ୍ତି ପାଇଥିଲେ।

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅଘର୍‌ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ। -(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | | E | | 1 | 6 | | | | | 3 | |
| | | 6 | | 8 | A | B | | | | 9 | 5 | | | |
| | | | C | | | | 3 | 9 | | | | | | |
| E | | | | 7 | | 2 | | | B | | | | | |
| | 9 | | | | 3 | 5 | | | E | | | 2 | | |
| | | B | 0 | | | | | | | | 9 | | 1 | 4 |
| 5 | | 9 | | 6 | | C | | | 2 | | 1 | | | 0 |
| | | C | 3 | E | 7 | | | 5 | | 6 | 0 | | A | |
| A | 6 | | | | | | | E | 4 | 7 | D | | | 2 |
| 2 | 7 | | 1 | A | | | | 0 | | | | | | |
| | | 1 | | 0 | | D | 9 | A | 3 | | | | E | |
| 8 | B | | | | | | 0 | | 7 | | | | 2 | D |
| C | | 7 | | 3 | | | 5 | | | | | 6 | | |
| | | E | | | 4 | | 6 | | | 2 | C | | | |
| | | | E | B | C | | | | 1 | | 4 | | 0 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | D | 5 | B | 6 | 7 | E | 0 | 4 | 9 | 8 | 1 | A | C |
| B | 7 | E | 8 | 4 | 0 | C | 2 | A | D | 1 | 6 | 5 | 3 | 9 |
| 8 | 4 | 0 | 7 | 9 | C | 3 | D | 1 | 2 | 5 | A | B | 6 | E |
| 1 | 9 | C | 3 | A | D | 5 | 4 | 6 | B | E | 7 | 0 | 8 | 2 |
| 6 | 5 | A | 2 | E | 1 | 8 | 9 | B | 0 | C | 3 | 4 | 7 | D |
| E | A | 6 | 0 | 1 | 3 | 9 | B | 4 | 5 | D | C | 7 | 2 | 8 |
| 9 | C | 4 | E | 6 | 7 | A | 1 | 5 | 8 | 2 | B | 3 | D | 0 |
| 0 | B | 8 | D | 2 | A | E | 6 | 7 | 1 | 3 | 4 | 9 | C | 5 |
| 3 | D | 1 | 4 | 5 | 8 | 0 | C | 2 | 7 | 6 | 9 | A | E | B |
| 5 | 2 | 7 | B | C | 9 | D | 8 | 3 | A | 0 | E | 6 | 4 | 1 |
| C | 8 | 9 | A | 7 | 2 | B | 5 | E | 3 | 4 | 0 | D | 1 | 6 |
| 7 | 1 | 2 | C | 8 | 5 | 4 | 3 | 9 | 6 | B | D | E | 0 | A |
| D | 6 | 3 | 9 | 0 | B | 1 | 7 | C | E | A | 2 | 8 | 5 | 4 |
| A | E | B | 1 | 3 | 4 | 6 | 0 | D | C | 8 | 5 | 2 | 9 | 7 |
| 4 | 0 | 5 | 6 | D | E | 2 | A | 8 | 9 | 7 | 1 | C | B | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବିଧାନ କାହା ସ୍ୱାର୍ଥ ସାଧନ ପାଇଁ ନୁହେଁ

ମହାଶୟ,

ସତୁରି ବର୍ଷରେ ପହଞ୍ଚିଛି ଆମ ସମ୍ବିଧାନର ଶାସନ । ଅର୍ଥନୈତିକ ଅଭିବୃଦ୍ଧି ହ୍ରାସର ଧାରା ନୀତି ନିର୍ଦ୍ଧାରକଙ୍କ ଆଖିରୁ ନିଦ ହଜାଇ ଦେଇଥିବା ବେଳେ ଏବେ କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ଆଉ ଏକ ଆହ୍ୱାନ ସୃଷ୍ଟି କରିଛି । କେନ୍ଦ୍ର ସରକାର ସ୍ୱୀକାର କରନ୍ତୁ ବା ନ କରନ୍ତୁ ଭାରତର ଉପଭୋକ୍ତା ବଜାର କ୍ରମଶଃ ମହଙ୍ଗା ହେବାରେ ଲାଗିଛି । ଭାରତର ଆର୍ଥିକ ଦୁଃସ୍ଥିତିକୁ 'ସମ୍ପୂର୍ଣ୍ଣ ମାନବକୃତ' ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ମତ ଦେଇଥିବା ବେଳେ ନରେନ୍ଦ୍ର ମୋଦିଙ୍କ 'ସକ୍ ଥେରାପି'ରୁ ଭାରତୀୟ ଅର୍ଥନୀତି ମୁକୁଳି ପାରିନାହିଁ ବୋଲି ପ୍ରତିଭୂତି ନିବେଶ ବିଶେଷଜ୍ଞ ଖ୍ରୀଷ୍ଟୋଫର ଉଡ୍ କହିଛନ୍ତି । ପୁଣି ମହାରାଷ୍ଟ୍ରର 'ରାଷ୍ଟ୍ରପତି ଶାସନ' ପ୍ରତ୍ୟାହାର ଘୋଷଣା ଏବଂ ରାତି ପାଉ ପାଉ ରାଜ୍ୟପାଳଙ୍କ ଦ୍ୱାରା ଭାଜପାର ଦେବେନ୍ଦ୍ର ଫଡନବିସ ଏବଂ ଏନସିପିର ଅଜିତ ପାୱାରଙ୍କୁ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇବା ପରେ ଆଚମ୍ବିତ ହେଲେ ଦେଶବାସୀ । ଏହା କେଉଁ ରାଜନୈତିକତାର ପରିଚୟ । ମାତ୍ର ବିଡମ୍ବନାର ବିଷୟ ଯେ, ଭାରତରେ ରାଜନୈତିକ ଦଳ ରହିଛି ଏବଂ ଏମାନଙ୍କ ସଂଖ୍ୟା ସିନା ବୃଦ୍ଧି ପାଇବାରେ ଲାଗିଛି ହେଲେ ଦଳୀୟ ବ୍ୟବସ୍ଥା ଆଦୌ ସୁଦୃଢ ନୁହେଁ । ମନେ ରଖିବାକୁ ହେବ ଦଳଠାରୁ ଊର୍ଦ୍ଧ୍ୱରେ ଦେଶ । ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା ଏକ ଶୋଷଣ ବିହୀନ ଅହିଂସା ସମାଜ । ଆମେ ମୂଲ୍ୟବୋଧବିହୀନ ଶିକ୍ଷାକ୍ଷେତ୍ରରେ ଯେତେ ଆଗକୁ ଯାଉଛୁ ସେହି ଅନୁପାତରେ ହିଂସା, ଶୋଷଣ, ଦୁର୍ନୀତି ଓ ବର୍ବରତା ବୃଦ୍ଧି ପାଇବାରେ ଲାଗିଛି । ଦେଶର କୃଷକ ସମାଜ ଆଜି ପର୍ଯ୍ୟନ୍ତ ବ୍ୟବସ୍ଥାଗତ ଅବହେଳାର ଶିକାର ହେଉଛନ୍ତି । ସାମାଜିକ ମୂଲ୍ୟବୋଧ, ନୈତିକତା ଆଜି କେତେକ ତଳିତଳାନ୍ତ ଏସବୁ ଘଟଣାକୁ ନିରୀକ୍ଷଣ କଲେ ଜଣାପଡିଛି । ମୂଲ୍ୟବୋଧ ଏବଂ ନୈତିକତାର ଚରମ ଅଧୋପତନ ଯୋଗୁ ଅହିଂସାର ପୂଜାରୀଙ୍କ ଚାରଣ ଭୂମିରେ ହିଂସା ଓ ବର୍ବରତା କାୟା ବିସ୍ତାର କରିବାରେ ଲାଗିଛି ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର,
ସତ୍ୟବାଦୀ ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ନେହ ଶିକୁଳିରେ ପଡ଼ିଛନ୍ତି ବନ୍ଧା

**ଟିକିଏ ଆଦର, ସରାଗ ପାଇ ବଦଳିଯାଇଛନ୍ତି ସେମାନେ। ବଦଳିଯାଇଛି ସେମାନଙ୍କ ହିଂସ୍ର ପ୍ରବୃତ୍ତି। ସେଇଥି ପାଇଁ ତ ସେମାନେ ବନ୍ଧା ପଡ଼ିଛନ୍ତି ସ୍ନେହ ଶିକୁଳିରେ। ଆଧୁନିକ ସମୟରେ ମଣିଷର ମଣିଷପଣିଆ ମରି ମରି ଯାଉଥିବାବେଳେ ଜଙ୍ଗଲୀଜନ୍ତୁ ହୋଇ ବି ସେମାନେ ବୁଝିପାରୁଛନ୍ତି ମନର କଥା। ହାତୀ-ମାହୁନ୍ତ ମଧ୍ୟରେ ଥିବା ଅନାବିଳ ସମ୍ପର୍କର ଏଭଳି ଭାବଧାରା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାର କପିଳାସ ପ୍ରାଣୀ ଉଦ୍ୟାନରେ। ଏଠାକାର ରେସ୍କ୍ୟୁ ସେଣ୍ଟରରେ ଥିବା ୪ ପ୍ରଶିକ୍ଷିତ ହାତୀ ଚିଡ଼ିଆଖାନାର ଶୋଭା ବଢ଼ାଉଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ସାଜିଛନ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ। ଅକ୍ଟୋବର ୪ ବିଶ୍ୱ ପ୍ରାଣୀ ମଙ୍ଗଳ ଦିବସ ଅବସରରେ ଏହି ପୋଷା ହାତୀଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

**ଆଜି ବିଶ୍ୱ ପ୍ରାଣୀ ମଙ୍ଗଳ ଦିବସ**

ରତନ ନାୟାର
ଢେଙ୍କାନାଳ ଅଫିସ, ୩।୧୦

ଶିମିଳିପାଳ ପରେ ରାଜ୍ୟର ଦ୍ୱିତୀୟ ହସ୍ତୀବହୁଳ ଜିଲା ଭାବେ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଢେଙ୍କାନାଳ। ଜିଲାର ସଂରକ୍ଷିତ ଜଙ୍ଗଲ ଏବଂ ଥଣ୍ଡା ଜଳବାୟୁ ହାତୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ହେଲେ ଅନେକ ସମୟରେ ଜଙ୍ଗଲରେ ହାତୀ ଶାବକକୁ ମା' ପରିତ୍ୟାଗ କରିବା ଏବଂ ପଲରୁ ଅଲଗା ହୋଇଯାଉଥିବା ହାତୀ ଛୁଆର ରକ୍ଷଣାବେକ୍ଷଣ କରିବାକୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଆରମ୍ଭ ହୋଇଛି ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର। ଏବେ ଏହି କେନ୍ଦ୍ରରେ ଅଛନ୍ତି ୪ ତାଲିମପ୍ରାପ୍ତ ହାତୀ କାର୍ତ୍ତିକ, ଚନ୍ଦୁ, ଉମା ଏବଂ ହିରୋ। ସେହିପରି ତାଳଚେର ଅଞ୍ଚଳରୁ ଟ୍ରାଙ୍କୁଲାଇଜ୍ ହୋଇ ଆସିବା ପରେ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ଅଛି ଦନ୍ତା ହାତୀ 'ରାକେଶ'। ଏହି ସବୁ ହାତୀ ଏବେ ଜୁ'ର ପ୍ରମୁଖ ଆକର୍ଷଣ ପାଲଟିଛନ୍ତି।

୨୦୧୦ ଜୁଲାଇ ୭ରେ କଟକ ଜିଲା ଆଠଗଡ଼ ବନଖଣ୍ଡରୁ ଉଦ୍ଧାର ହୋଇ ରେସ୍କ୍ୟୁ ସେଣ୍ଟରକୁ ଆସିଥିଲା 'କାର୍ତ୍ତିକ'। ସେହିପରି ୨୦୧୧ ଡିସେମ୍ବର ୧୪ରେ 'ଚନ୍ଦୁ'କୁ ବରଗଡ଼ ଜିଲା ବନଖଣ୍ଡରୁ, ୨୦୧୨ ସେପ୍ଟେମ୍ବର ୪ରେ 'ଉମା'କୁ ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜରୁ ଏବଂ ୨୦୧୮ରେ 'ହିରୋ'କୁ ସମ୍ବଲପୁର ଜିଲା ବାମରା ବନଖଣ୍ଡର କିସିନ୍ଦା ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର କରି ଅଣାଯାଇଥିଲା। ଏଠାରେ ଥିବା ସବୁଠାରୁ ବୟସ୍କ ହାତୀ କାର୍ତ୍ତିକ ଏବଂ ସବୁଠାରୁ ଛୋଟ ହାତୀ 'ହିରୋ'। ସେହିପରି ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରହିଛି ଦନ୍ତାହାତୀ 'ରାକେଶ'। ଏବେ ୬ ମାହୁନ୍ତଙ୍କ କାନ୍ଧରେ ହାତୀଙ୍କ ସବୁ ଦାୟିତ୍ୱ। ସମ୍ପୃକ୍ତ ମାହୁନ୍ତଙ୍କ ମଧ୍ୟରେ ଆସାମର ୨ ଜଣ ଅଛନ୍ତି। ଉଭୟେ 'ରାକେଶ' କଥା ବୁଝୁଛନ୍ତି। ସେମାନଙ୍କୁ ଠିକା କର୍ମଚାରୀ ହିସାବରେ ମାସକୁ ୧୮ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଅନ୍ୟ ୪ଜଣଙ୍କୁ ଦୈନିକ ପାରିଶ୍ରମିକ ହିସାବରେ ୧୧,୨୦୦ ଟଙ୍କା ମିଳୁଛି। ପାରିଶ୍ରମିକ ଯଥେଷ୍ଟ ହେଉ ନ ଥିଲେ ମଧ୍ୟ ହାତୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଉଦାହରଣ ସୃଷ୍ଟି କରିଛନ୍ତି ମାହୁନ୍ତମାନେ। ସେମାନଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ପୋଷା ମାନିଯାଇଛନ୍ତି ହାତୀ। ପର୍ଯ୍ୟଟକଙ୍କୁ ଦେଖିଲେ ଶୁଣ୍ଢ ଟେକି ନମସ୍କାର କରିବା, ମୁଣ୍ଡ ହଲାଇବା ଏବଂ ହାତରୁ ଫଳ ନେଇ ଖାଉଛନ୍ତି ସେମାନେ।

ଏମାନଙ୍କୁ ବାଦ୍‌ଦେଲେ ପ୍ରାଣୀ ଉଦ୍ୟାନରେ ହରିଣ, ଶମ୍ବର, ଭାଲୁ, ମିଥୁନ ଗାଈ, ଅଜଗର, ଅହିରାଜ, ଠେକୁଆ, ଭାଲୁ, ପାହାଡ଼ି ମୂଷା ଭଳି ୨୪୭ ପ୍ରଜାତିର ପ୍ରାଣୀ ଅଛନ୍ତି। ହେଲେ ଏସବୁ ସତ୍ତ୍ୱେ ଚିଡ଼ିଆଖାନାକୁ ମିଳୁଥିବା ଅନୁଦାନ ପର୍ଯ୍ୟାପ୍ତ ହେଉନାହିଁ। ସେଣ୍ଟ୍ରାଲ ଜୁ' ଅଥରିଟି ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଧିକ ଅନୁଦାନ ମିଳିଲେ ଏହି ଚିଡ଼ିଆଖାନା ମହତ୍ତ୍ୱ ଜାତୀୟସ୍ତରରେ ବଢ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀ ସଂରକ୍ଷଣ ବାର୍ତ୍ତା ପହଞ୍ଚାଇବାକୁ ପ୍ରତିବର୍ଷ ଅଗଷ୍ଟ ୧୨ରେ ବିଶ୍ୱ ହାତୀ ଦିବସ ପାଳନ କରାଯାଉଛି। ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଚଳିତ ୫ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ରହିଛି। ରେସ୍କ୍ୟୁ ସେଣ୍ଟରରେ ଥିବା ହାତୀଙ୍କ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଖର୍ଚ୍ଚ ମିଳୁଛି। ଆସାମରୁ ଆସିଥିବା ୨ ମାହୁନ୍ତଙ୍କ ଠିକା କର୍ମଚାରୀ ଏବଂ ଅନ୍ୟ ୪ଜଣଙ୍କୁ ଦୈନିକ ହିସାବରେ ମାସକୁ ପାରିଶ୍ରମିକ ଦିଆଯାଉଛି।


ହାତୀ ଉପରେ ଜଣେ ମାହୁନ୍ତ ବସିଛନ୍ତି।

- **କପିଳାସ ପ୍ରାଣୀ ଉଦ୍ୟାନର ଆକର୍ଷଣ ୪ ପୋଷା ହାତୀ**
- **ବୁଝିପାରୁଛନ୍ତି ମଣିଷର ଭାଷା, କରୁଛନ୍ତି ମନୋରଞ୍ଜନ**

# କୁଣ୍ଡା ଟ୍ରକ୍‌ରୁ ୪୦ଲକ୍ଷର ଗଞ୍ଜେଇ ଜବତ: ୬ ଗିରଫ


ଜବତ ଗଞ୍ଜେଇ ଓଜନ କରାଯାଉଛି।

ମୁନିଗୁଡ଼ା,୩।୧୦(ଡି.ଏନ୍.ଏ.)

ଅଭିନବ ଉପାୟରେ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଶୁକ୍ରବାର ରାତିରେ ଏକ କୁଣ୍ଡା ବୋଝେଇ ଟ୍ରକ୍‌ରୁ ୪୯୮ କେଜି ଗଞ୍ଜେଇ ଜବତ କରିଛି। ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡଙ୍ଗାସରଡ଼ା ଗ୍ରାମର ସୁନୀଲ୍ ସିଂ, ଦେବାଶିଷ ସିଂ, କଳାହାଣ୍ଡି ଜିଲାର ରାଜେନ୍ଦ୍ର କାକୋଡ଼ିଆ, ସ୍ୱରୂପ ଉଇକେ, ବଲାଙ୍ଗୀର ଜିଲା ତୁସରିଆ ଥାନା ଅଞ୍ଚଳର ବ୍ରଜ ମୋହନ ଛତ୍ରିଆ ଏବଂ ବିହାରର ହରେନ୍ଦ୍ର ସିଂ। ସୂଚନା ଅନୁଯାୟୀ, ଜିଲାର ଚନ୍ଦ୍ରପୁର ବ୍ଲକ୍ ଡଙ୍ଗାସରଡ଼ା ଗ୍ରାମରୁ ଛତିଶଗଡ଼ର ରାୟପୁରକୁ ଗଞ୍ଜେଇ ଚାଲାଣ କରାଯାଉଥିବା ମୁନିଗୁଡ଼ା ପୋଲିସ ସୂଚନା ପାଇଥିଲା। ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାତିରେ ଧୋବାଗୁଡ଼ି ଛକ ନିକଟରେ ଟ୍ରକ୍(ସିଜି ୦୪ ଏମ୍-୯୦୩୬)କୁ ଅଟକାଇଥିଲେ। ଯାଞ୍ଚବେଳେ କୁଣ୍ଡା ମଧ୍ୟରେ ଅତି ଚତୁରତାର ସହ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଟ୍ରକ୍ ସହ ସାଥିରେ ଯାଉଥିବା ଏକ ମାରୁତି ଅଲ୍‌ଟୋ କାର୍ ଏବଂ ବାଇକ୍‌କୁ ମଧ୍ୟ ଜବତ କରିଛି। ଏ ନେଇ ମୁନିଗୁଡ଼ା ଥାନା କେସ୍ ନଂ. ୧୩୧/୨୦ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# ଗିରଫ ଡାକ୍ତର କୋର୍ଟ ଚାଲାଣ

**ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ଘଟଣା**

ବ୍ରହ୍ମପୁର ଅଫିସ,୩।୧୦

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଡାକ୍ତରଙ୍କୁ ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ହାତୀବନ୍ଧ ସାହିର ଡା.ତପନ କୁମାର ଶତପଥୀ। ମାମଲା ନଂ.୯୯/୨୦ ଦଫା ୩୭୬ରେ ଶତପଥୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶତପଥୀ ବୌଦ୍ଧ ଜିଲା କନ୍ଧମାଳ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ଗତ କିଛିବର୍ଷ ତଳେ ସେ ଜଣେ ଯୁବତୀଙ୍କ ସଂସ୍ପର୍ଶରେ ଆସିଥିଲେ। ବିବାହ ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିଥିଲେ। କିନ୍ତୁ ପରେ ସେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଥିଲେ। ଏ ନେଇ ପୀଡ଼ିତା ଜଣକ ମହିଳା ଥାନାରେ ଡାକ୍ତରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ମହିଳା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଶତପଥୀଙ୍କୁ କନ୍ଧମାଳରୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ପୋଲିସ କହିଛି।


ଗିରଫ ଡାକ୍ତର ତପନ କୁମାର ଶତପଥୀ।

# ଆଜି ବିଧାୟକଙ୍କ କୋଭିଡ୍ ଟେଷ୍ଟ ହେବନି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିଧାନସଭାକୁ ଯାଉଥିବା ବିଧାୟକ ଓ କର୍ମଚାରୀଙ୍କର ରବିବାର କୋଭିଡ୍ ଟେଷ୍ଟ ହେବନାହିଁ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ଏନେଇ ସେ ଶନିବାର ଗୃହରେ ଘୋଷଣା କରିଥିଲେ। କେବଳ ତାପମାତ୍ରା ଓ ଲକ୍ଷଣ ଦେଖାଗଲେ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ବିଧାନସଭା ଶେଷଦିନରେ ପୁନର୍ବାର ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବାଚସ୍ପତି କହିଛନ୍ତି। ସୂଚନାଯୋଗ୍ୟ, ୪ ତାରିଖରେ ପୁନର୍ବାର ବିଧାୟକଙ୍କ କୋଭିଡ୍ ଟେଷ୍ଟ ହେବା ନେଇ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ତିର୍ତ୍ତୋଲ ଦାୟିତ୍ୱ ବାଣ୍ଟିଲା କଂଗ୍ରେସ

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ତାରିଖ ପାଖେଇ ଆସୁଥିବା ବେଳେ ଏବେଠାରୁ ସବୁଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶନିବାର କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ଉପନିର୍ବାଚନ ଦାୟିତ୍ୱ ନେତାମାନଙ୍କ ମଧ୍ୟରେ ବଣ୍ଟାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ପାଇଁ ଦଳୀୟ ନେତୃବୃନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ରଘୁନାଥପୁର ବ୍ଲକ ପାଇଁ ଗୁରୁପଦ ନନ୍ଦ ଓ ମାନସ ଚୌଧୁରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିରିଡି ବ୍ଲକ ବନ୍ଦିତା ପରିଡା ଓ ଗଣେଶ୍ୱର ବେହେରା ଏବଂ ତିର୍ତ୍ତୋଲ ବ୍ଲକ ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି ଓ ଅରିନ୍ଦମ ସର୍ଖେଲଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳୀୟ ପ୍ରଚାର ସୁଚାରୁରୂପେ ସମ୍ପାଦନ ଲାଗି ମଧ୍ୟ ନାମ ଚୟନ କରାଯାଇଛି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ପ୍ରଦୀପ ମାଝି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ରଞ୍ଜୀବ ବିଶ୍ୱାଳ, ସପ୍ତଗିରି ଉଲାକା, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ୍, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗ, ସି.ଏସ୍. ରାଜନ ଏକ୍କା, ଗଣେଶ୍ୱର ବେହେରା, ଅମରନାଥ ପ୍ରଧାନ, ଶରତ ରାଉତ, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ସଂଗ୍ରାମ କେଶରୀ ଜେନା, ବିଶ୍ୱରଞ୍ଜନ ମହାନ୍ତି, ସତ୍ୟପ୍ରକାଶ ନାୟକ, ବନ୍ଦିତା ପରିଡା, ସ୍ମୃତିରେଖା ପହି, ଉମେଶ ଜେନା, ନଳିନୀ ସ୍ୱାଇଁ, ମନୀଷା ତ୍ରିପାଠୀ ପ୍ରମୁଖ ପ୍ରଚାର କାର୍ଯ୍ୟ ତୁଲାଇବେ। ଏନେଇ କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଜୟଦେବ ଯେନାଙ୍କୁ କରୋନା

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଯେନା କରୋନାରେ ସଂକ୍ରମିତ ହୋଇଛନ୍ତି। କୋଭିଡ-୧୯ ପରୀକ୍ଷାରେ ତାଙ୍କର ପଜିଟିଭ୍ ଆସିଛି। ଏନେଇ ଦଳୀୟ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ ନିଜକୁ ଆଇସୋଲେଟ ହେବାକୁ ସେ ନିବେଦନ କରିଛନ୍ତି। ଏକ ଘରୋଇ ହସ୍ପିଟାଲରେ ସେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି।



# ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଶିକ୍ଷାନୀତି ଦିଗ୍‌ଦର୍ଶନ

**ବିଜୁ ଯୁବ ଛାତ୍ର ଜନତା ଦଳ କର୍ମଶାଳା**

**ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏକ ନୂତନ ମାର୍ଗଦର୍ଶନ ଦେବ: ମନ୍ତ୍ରୀ**

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶନିବାର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ-୨୦୨୦ ସମ୍ପର୍କରେ ଏକ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୧,୫୦,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଶ୍ୱର କୋଣ ଅନୁକୋଣରେ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନେ ଯୋଗ ଦେଇଥିଲେ। ଶିକ୍ଷାବିତ୍‌ମାନେ ନିଜର ମତଦେବା ସହ ଏହି ଅଧ୍ୟାଦେଶକୁ ପ୍ରଶଂସା କରିଥିଲେ। ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ତଥା ଆସୋସିଏଟ୍ ପ୍ରଫେସର ସଞ୍ଜୀବ ପଣ୍ଡା ୱେବିନାରରେ ଯୋଗ ଦେଇ ଏହି ଅଧ୍ୟାଦେଶକୁ ସ୍ୱାଗତ କରିବା ସହ ଏହାଦ୍ୱାରା ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଗୋଟିଏ ନିୟମାବଳୀରେ ପରିଚାଳିତ ହୋଇ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି କରି ପାରିବ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ କହିଥିଲେ, ଓଡ଼ିଶା ସରକାରଙ୍କ ଦ୍ୱାରା ଆଗତ ଏହି ଅଧ୍ୟାଦେଶ ଶିକ୍ଷା ପ୍ରଣାଳୀରେ ନୂତନ ସଂସ୍କାର ଆଣିବ। ଅନ୍ୟ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ପ୍ରଫେସର ଜୟନ୍ତ ମହାପାତ୍ର, ପୂର୍ବତନ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନୁପମା ପାଣ୍ଡେ, ଦୀପ୍ତିରଞ୍ଜନ ସାହୁ, ପ୍ରଫେସର କମଳା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ୱେବିନାରରେ ଯୋଗ ଦେଇ ଉଚ୍ଚଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଏହି ନୂତନ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏକ ନୂତନ ଦିଗ୍‌ଦର୍ଶନ ଦେବ। ଏଥିରେ ଯୋଗ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାର ଓ ସ୍ୱଚ୍ଛ ନେତୃତ୍ୱ ମାଧ୍ୟମରେ ପ୍ରସ୍ତୁତ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଓଡ଼ିଶା ବିଶ୍ୱ ଶିକ୍ଷା ସଂସ୍କାର ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ତଥା ବିଧାୟକ ପ୍ରଣବ ବଳବନ୍ତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ସଭାପରିଚାଳନା କରିଥିଲେ।

# କେବିକେ ଯୋଜନା: ୨୦୧୭ରୁ କେନ୍ଦ୍ରୀୟ ଅନୁଦାନ ବନ୍ଦ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

କେବିକେ ଜିଲାରେ କାର୍ଯ୍ୟକାରୀ ହୋଇଥିବା କେବିକେ ସ୍ୱତନ୍ତ୍ର ଯୋଜନା (ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା) ମାଧ୍ୟମରେ କେନ୍ଦ୍ର ସରକାରଙ୍କଠାରୁ ମିଳୁଥିବା ଅନୁଦାନ ୨୦୧୭-୧୮ ଆର୍ଥିକ ବର୍ଷରୁ ବନ୍ଦ ହୋଇଯାଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ରଠାରୁ ଶେଷଥର ପାଇଁ ଅନୁଦାନ ମିଳିଥିଲା। ଏହି ଅନୁଦାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ କଳାହାଣ୍ଡି ଜିଲା ପାଇଁ ୨୪କୋଟି ୨ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛି। ଏଥିରେ ୧୬ଟି ରାସ୍ତା ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ୧୫୩ଟି କଲ୍‌ଭର୍ଟ କାର୍ଯ୍ୟ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବିଧାୟକ ମୌଷଧି ବାଗ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

# ପାନ୍ଥନିବାସ ଲିଜ୍ ଦିଆଗଲେ ନିଯୁକ୍ତି ହରାଇବେନି କର୍ମଚାରୀ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଦ୍ୱାରା ପରିଚାଳିତ ପାନ୍ଥନିବାସ ଓ ପାନ୍ଥିକାଗୁଡ଼ିକ ମଧ୍ୟରୁ ୫ଟି ପାନ୍ଥନିବାସକୁ ପିପିପି ମାଧ୍ୟମରେ ଲିଜ୍ ସୂତ୍ରରେ ଦିଆଯିବ। ପାନ୍ଥନିବାସଗୁଡ଼ିକର ଉନ୍ନତି ଏବଂ ପରିଚାଳନା ନିମନ୍ତେ ଲିଜ୍ ଦେବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା କୌଣସି କର୍ମଚାରୀ ନିଯୁକ୍ତି ହରାଇବେ ନାହିଁ ବୋଲି ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ରାଜ୍ୟରେ ୨୦ଟି ପାନ୍ଥନିବାସ/ପାନ୍ଥିକା ଥିବାବେଳେ ସେଥିରୁ ଧଉଳିସ୍ଥିତ ପାନ୍ଥିକା, ଭଦ୍ରକ ପାନ୍ଥନିବାସ, ଗୋପାଳପୁର ପାନ୍ଥନିବାସ, ତପ୍ତପାଣି ପାନ୍ଥନିବାସ ଓ ବାଲେଶ୍ୱର ପାନ୍ଥନିବାସକୁ ଲିଜ୍‌ରେ ଦିଆଯିବ। ଏହାକୁ ପରିଚାଳନା କରିବା ସଂସ୍ଥା ଓ ସେମାନଙ୍କଠାରୁ ମିଳିବାକୁ ଥିବା ଅପଫ୍ରଣ୍ଟ ଫି, ବିଡିଂ ପ୍ରକ୍ରିୟା ସମାପ୍ତ ହେବାପରେ ସ୍ଥିରୀକୃତ ହେବ। ଏହି ୫ଟି ପାନ୍ଥନିବାସ/ପାନ୍ଥିକାରେ ନିୟୋଜିତ ମୋଟ ୧୦ଜଣ କର୍ମଚାରୀଙ୍କୁ ଓଟିଡିସି ଦ୍ୱାରା ପରିଚାଳିତ ଅନ୍ୟ ପାନ୍ଥନିବାସ/ପାନ୍ଥିକାରେ ନିଯୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

# 'ଘରୋଇ ଶିକ୍ଷାନୁଷ୍ଠାନ ସରକାରଙ୍କୁ ମାନୁନାହାନ୍ତି'

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ଘରୋଇ ସ୍କୁଲ ଏବଂ କଲେଜଗୁଡ଼ିକ ରାଜ୍ୟ ସରକାରଙ୍କୁ ଭ୍ରୂକ୍ଷେପ କରୁନାହାନ୍ତି। କରୋନା ପରିସ୍ଥିତିରେ ଯେତେବେଳେ ଲୋକେ ରୋଜଗାର ହରାଇଛନ୍ତି ଏବଂ ବଞ୍ଚିବାକୁ ସଂଗ୍ରାମ କରୁଛନ୍ତି ସେତେବେଳେ ଘରୋଇ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ତଣ୍ଟିଚିପି ଅର୍ଥ ଆଦାୟ କରୁଛନ୍ତି। ହେଲେ ଏନେଇ ଏ ପର୍ଯ୍ୟନ୍ତ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ ବୋଲି ଅଖିଳ ଭାରତ ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ରୋଶନଲାଲ ବିଟୁ ଅଭିଯୋଗ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରୋଶନଲାଲ କହିଛନ୍ତି, ଆଡମିଶନ ଫି, ଟ୍ୟୁଶନ ଫି, ପାଣି ବିଲ୍ ଓ ଇଲେକ୍ଟ୍ରିକ ବିଲ୍ ଏବଂ ସ୍କୁଲର ଅନ୍ୟାନ୍ୟ ଫି କମାଇବା ପାଇଁ ସରକାରଙ୍କ ତରଫରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉ ନାହିଁ। ଅଭିଭାବକମାନେ ଘରୋଇ ସ୍କୁଲର ମାଲିକଙ୍କ ଚାପରେ ପେଷି ହୋଇଯାଉଥିବା ବେଳେ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଦୁରବସ୍ଥା ପ୍ରତି ଧ୍ୟାନ ଦେଉନାହାନ୍ତି। ଘରୋଇ ସ୍କୁଲ ଓ କଲେଜ ମାଲିକ ଏବଂ ରାଜ୍ୟ ସରକାରଙ୍କ ଭିତିରି ବୁଝାମଣା ହୋଇଥିବା ଅଭିଯୋଗ ହେଉଛି। ତୁରନ୍ତ ସ୍କୁଲ ଏବଂ କଲେଜରେ ଆଡମିସନ ଫି' ସହ ଅନ୍ୟାନ୍ୟ ସମସ୍ତ ଫି' କମାଇବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ରେ ଯେଉଁ ସଂଶୋଧନ କରିଛନ୍ତି, ତାହାକୁ ପ୍ରତ୍ୟାହାର କରିବାପାଇଁ ଛାତ୍ର କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଉତ୍ତରପ୍ରଦେଶ ପୋଲିସର ଆକ୍ରମଣ ଘଟଣା ଗଣତନ୍ତ୍ରର ହତ୍ୟା ହୋଇଛି ବୋଲି ବିଟୁ ଅଭିଯୋଗ କରିଛନ୍ତି।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର ୩ ଘଣ୍ଟାରେ।
ବିଶ୍ୱପ୍ରସିଦ୍ଧ
ବାବା ଜାଫର ଖାନ

ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୃହ କଳହ, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ।
8791155192
8791159152

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ। 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
➔ DMLT 2 Year
➔ OT.Tech 2 Year
➔ Dialysis 2 Year
➔ I.C.U 1 Year
➔ E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE
LIMITED SEAT
KIMS, KHANDAGIRI, BBSR
Mob. 8658179869

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ

9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପୃଥକ୍ ଦୁର୍ଘଟଣାରେ ୨ ମୃତ**

ନବରଙ୍ଗପୁର,(ବି.ପ୍ର)- ନବରଙ୍ଗପୁର ବ୍ଲକରେ ଶନିବାର ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତରଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ବ୍ଲକ ତାରାଗାଁ ୨୬ ନମ୍ବର ଜାତୀୟ ରାଜପଥରେ ବଲେରୋ-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ପାପଡାହାଣ୍ଡି ବ୍ଲକ ଜାମ୍ବଗୁଡା ଗାଁର ବାଇକ୍ ଚାଳକ ପିଣ୍ଟୁ ପାଇକରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସେହିଭଳି ସାନସିଗାଁ ପଞ୍ଚାୟତ ଶିରାଗୁଡା ଗାଁରେ ଦୁଇଟି ବାଇକ୍ ମୁହାଁମୁହିଁ ହେବାରୁ ଜଣେ ପ୍ରାଣ ହରାଇଛନ୍ତି। ସେ ହେଲେ କୁମଝର ଗାଁର ପିତବାସ ହରିଜନ। ଏଥିରେ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ହୋଇଥିବା ଶିରାଗୁଡା ଗାଁର ଖଗପତି ଶିରାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୩।୧୦(ସ୍ୱ.ପ୍ର.)- ଛତିଶଗଡର ଜଗଦଲପୁର ସହରଠାରୁ ୪୦ କିଲୋମିଟର ଦୂରରେ ଶୁକ୍ରବାର ରାତିରେ ମାଓବାଦୀମାନେ କ୍ଷୟକ୍ଷତି ଘଟାଇଛନ୍ତି। ସେମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ବୁଦ୍ଧରା ନାଗ। ନାଗର୍ଣ୍ଣର ଥାନା ଅନ୍ତର୍ଗତ ଗୁମାଲୱାରା ଗ୍ରାମରେ ଏପରି ଘଟଣା ପ୍ରଥମ ଥର ପାଇଁ ଘଟିଛି। ଅଞ୍ଚଳରେ ପ୍ରଥମ ଥର ପାଇଁ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରୁଥିଲେ। ମାତ୍ର ଏଥର ଗ୍ରାମବାସୀ ସେମାନଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି।

### କମ୍ୟୁନିଟି ହଲ୍ ପରିସରରୁ ମୃତଦେହ ଉଦ୍ଧାର

ମୁନିଗୁଡ଼ା,୩।୧୦(ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ା ସଦରସ୍ଥିତ କମ୍ୟୁନିଟି ହଲ୍ ପରିସରରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ହଲ୍ ରୋଷେଇ ଘର ପରିସର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୁନିଗୁଡ଼ା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ଜଣାପଡ଼ିଛି। ତେବେ ରୋଷେଇ ଘରର ବାହାର ଗେଟ୍‌ରେ ତାଲା ପଡ଼ିଥିବାରୁ ବ୍ୟକ୍ତି ଜଣଙ୍କ ଭିତରକୁ କିପରି ଗଲେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ କମ୍ୟୁନିଟି ହଲ୍ ଦାୟିତ୍ୱରେ ଥିବା ପଞ୍ଚାୟତ ସଂପ୍ରସାରଣ ଅଧିକାରୀ କହିଛନ୍ତି, ସେ ଭିତରକୁ କିପରି ଗଲେ ଆମ ନିକଟରେ ସୂଚନା ନାହିଁ।

### କରୋନା ଯୋଦ୍ଧା ସମ୍ମାନିତ

କୋରାପୁଟ,୩।୧୦,(ସ୍ୱ.ପ୍ର.)- କୋରାପୁଟ ଜିଲାର ବିଲାପୁଟ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଛି। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଲଳିତ କୁମାର ପଟ୍ଟନାୟକ କରୋନା ଯୋଦ୍ଧା ତଥା ଡାକ୍ତର ଚନ୍ଦ୍ରଶେଖର ବେହେରାଙ୍କୁ ସମ୍ମାନିତ କରିଛନ୍ତି। ବେହେରା କୋଭିଡ୍-୧୯ ସମୟରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ସମୟରେ ମନ୍ଦିର ପରିଚାଳନା କମିଟିର ଦୟା ଖିନବୁଡି, ଆଶାଲତା ପଟ୍ଟନାୟକ, ବିଶ୍ୱନାଥ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ଛାଡ଼ିଲେ ପୂର୍ବତନ ସରପଞ୍ଚ

ଗୋବିନ୍ଦାପଲି,୩।୧୦(ଡି.ଏନ୍.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ମାଥିଲି ପୂର୍ବତନ ସରପଞ୍ଚ କାନାମରାଜୁ ନାୟକ ଶନିବାର ବିଜେଡିରେ ଯୋଗଦେଇଛନ୍ତି। ତାଙ୍କ ସହ କଂଗ୍ରେସ ନେତା ତଥା କିଆଙ୍ଗ ଗ୍ରାମର ଭାଜପା ଯୁବ ସଂଗଠକ କୁନୁ ବିଶ୍ୱାଳ ମଧ ବିଜେଡିରେ ଯୋଗଦେଇଛନ୍ତି। ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଉଭୟେ ଦଳରେ ସାମିଲ ହୋଇଛନ୍ତି।

### ମାଲକାନଗିରି: ୬୨ ଚିହ୍ନଟ

ମାଲକାନଗିରି,୩।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲାରେ ଶନିବାର ୬୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ମ୍ୟୁନିସିପାଲିଟି ଅଞ୍ଚଳରୁ ୧୧ ଜଣ, ବାଲିମେଲା ଏନ୍‌ଏସିରୁ ୬, ମାଥିଲି ବ୍ଲକରୁ ୬, ମାଲକାନଗିରି ବ୍ଲକରୁ ୧୭, ଖଇରପୁଟ ବ୍ଲକରୁ ୩, କୋରକୋଣ୍ଡା ବ୍ଲକରୁ ୫, ପଡିଆ ବ୍ଲକରୁ ୩, କାଲିମେଲା ବ୍ଲକରୁ ୫, ଚିତ୍ରକୋଣ୍ଡା ବ୍ଲକରୁ ୬ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ଅନ୍‌ଲାଇନ୍ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୩।୧୦: ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସାକ୍ଷରତା ସଂଘର ସଦସ୍ୟମାନଙ୍କ ମଧ୍ୟରେ ଆଇନ ଜିଲାସ୍ତରୀୟ ଅନ୍‌ଲାଇନ୍ ପ୍ରବନ୍ଧ, ଚିତ୍ରାଙ୍କନ, କ୍ଷୁଦ୍ରନାଟକ ପ୍ରତିଯୋଗତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୦ ବିଦ୍ୟାଳୟର ପ୍ରବନ୍ଧ, ୧୧ ବିଦ୍ୟାଳୟର ଚିତ୍ରାଙ୍କନ ଓ ୭ ବିଦ୍ୟାଳୟର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଅତିରିକ୍ତ ଜିଲା ଦୌରା ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ, ସଚିବ ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ଅଧାପକ ଦୁଷ୍ମନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀମାନେ ବ୍ରହ୍ମପୁରଠାରେ ହେବାକୁ ଥିବା ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଅନ୍‌ଲାଇନ ମାଧମରେ ଅଂଶଗ୍ରହଣ କରିବେ।

# ପୌରସଂସ୍ଥାର ଡମ୍ପିଂୟାର୍ଡକୁ ଗ୍ରାମବାସୀଙ୍କ ବିରୋଧ

ଜୟପୁର, ୩।୧୦(ଡି.ଏନ.ଏ.)



ଡମ୍ପିଂ ୟାର୍ଡକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

- ଅଳିଆ ଆବର୍ଜନା ପରିବେଶ ଦୂଷିତ କରିବ
- ଛୁଟି ଥିବାରୁ ବାକ୍ସରେ ପକାଇଲେ ଦାବିପତ୍ର
- ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ

କୋରାପୁଟ ଜିଲା ଜୟପୁର ବ୍ଲକ ବାଲିଆ ମୌଜାର କୁନ୍ତରଖାଲ ଗ୍ରାମ ନିକଟରେ ଥିବା ପୌରସଂସ୍ଥାର ଜମିରେ ଡମ୍ପିଂୟାର୍ଡ ଏବଂ ଅଳିଆ ଆବର୍ଜନାରୁ ପ୍ରସ୍ତୁତ ଖତ ନିର୍ମାଣ କେନ୍ଦ୍ରକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଶନିବାର ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିଲେ। ମାତ୍ର ଶନିବାର କାର୍ଯ୍ୟାଳୟ ଛୁଟି ଥିବାରୁ ମୁଖ୍ୟ ଫାଟକ କାନ୍ଥରେ ଲାଗିଥିବା ବାକ୍ସରେ ଏହି ଦାବିପତ୍ର ପକାଇ ଫେରିଛନ୍ତି। ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଉକ୍ତ ଜମିକୁ ଗ୍ରାମର ଯୁବକ ଓ ଛାତ୍ରମାନେ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏଠାରେ ସହରର ଅଳିଆ ଆବର୍ଜନା ଡମ୍ପିଂ କରାଗଲେ ପରିବେଶ ଦୂଷିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ସମୟରେ ଗ୍ରାମବାସୀ ସୁବାସ ଗଣ୍ଡା, ବିଜୟ ହରିଜନ, ରାମଚନ୍ଦ୍ର ନାୟକ, ଶ୍ୟାମ ଜାନି, ମୁନା ନାୟକ, କୃଷ୍ଣ ବାରିକ, ନକୁଳ ବିଷୋୟୀ, ପ୍ରକାଶ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜୟପୁର ପୌରସଂସ୍ଥା ପକ୍ଷରୁ ୧୯୮୨ରେ ଉକ୍ତ ପଡିଆ କ୍ରୟ କରାଯାଇଥିଲା। ଶୁକ୍ରବାର ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଏବଂ ରାଜସ୍ୱ, ପୌରସଂସ୍ଥା କର୍ମଚାରୀ ଏଠାରେ ପହଞ୍ଚି ଡମ୍ପିଂୟାର୍ଡ ପାଇଁ ମାପଚୁପ କରିବାରୁ ଗ୍ରାମବାସୀ ପହଞ୍ଚି ବିରୋଧ କରିଥିଲେ। ଏଠାରେ ଡମ୍ପିଂୟାର୍ଡ କରାଗଲେ ଗ୍ରାମ ପରିବେଶ ପ୍ରଦୂଷିତ ହେବ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେଲେ ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଥିଲେ।

## ଓଏସ୍‌ଆର୍‌ଟିସି ଡିପୋ ବନ୍ଦ ହେଲେ ଆନ୍ଦୋଳନ

ଜୟପୁର, ୩।୯(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରସ୍ଥିତ ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି)ର ଡିପୋକୁ ବନ୍ଦ କରାଯିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ଭାଜପା ବିରୋଧ କରିଛି। ଏହାକୁ ପୂର୍ବପରି କାର୍ଯ୍ୟକ୍ଷମ ରଖିବାକୁ ଦଳ ଦାବି କରିଛି। ନହେଲେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟକମିଟିର ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ୧୯୫୮ରେ ପ୍ରତିଷ୍ଠା ହୋଇଥିବା ଜୟପୁର ଓଏସଆରଟିସି ୟୁନିଟ ରାଜ୍ୟର ସର୍ବବୃହତ୍ତ ଏବଂ ଲାଭଦାୟକ ଡିପୋ ଭାବେ ସୁନାମ ଥିଲା। ସେହି ସୁନାମ ଫେରାଇ ଆଣିବାକୁ ଉଦ୍ୟମ ନ କରି ଉଚ୍ଚ କର୍ତ୍ତୃପକ୍ଷ ଏଠାରେ ଥିବା ୮ଜଣ ସ୍ଥାୟୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ୧୩୦ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ଏନେଇ କର୍ମଚାରୀଙ୍କ ସମେତ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ୟୁନିଟ ପୂର୍ବପରି ଚାଲୁ ନ ରହିଲେ ଭାଜପା ବ୍ୟାପକ ଆନ୍ଦୋଳନ କରିବ ବୋଲି ସାମନ୍ତରାୟ ଚେତାବନୀ ଦେଇଛନ୍ତି।

## ରସାୟନ ବିଜ୍ଞାନ ବିଭାଗର ୱେବିନାର୍ ପାଠଚକ୍ର

ଗୁଣପୁର,୩।୧୦ (ଡି.ଏନ୍.ଏ.):


ୱେବିନାର୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅଧାପିକା, ଅଧାପକ ମାନେ।

ରାୟଗଡ଼ା ଜିଲା ଗୁଣପୁର କଲେଜଠାରେ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ୱେବିନାର୍ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୌହାଟୀସ୍ଥିତ ଭାରତୀୟ ବୈଷୟିକ ବିଦ୍ୟାନୁଷ୍ଠାନର ରସାୟନ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ଭୀଷ୍ମ କୁମାର ପଟେଲ ଏବଂ ବୁର୍ଲାସ୍ଥିତ ଭିଏସ୍‌ଏସ୍ ବୈଷୟିକ ବିଶ୍ୱବିଦ୍ୟାଳୟ, ରସାୟନ ବିଜ୍ଞାନ ବିଭାଗର ଅନ୍ୟତମ ବରିଷ୍ଠ ବିଶେଷଜ୍ଞ ପ୍ରଫେସର ଶରତ କୁମାର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରି 'ସ୍ଥାୟୀ ବିକାଶରେ ସବୁଜ ରସାୟନର ଭୂମିକା' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ପରିବେଶ ଓ ସ୍ୱାସ୍ଥ୍ୟର ହିତ ପାଇଁ କିଭଳି ରାସାୟନିକ ପଦାର୍ଥ ତିଆରି କରିବା ଉଚିତ ତଥା ପ୍ରଦୂଷଣ ପୂର୍ବର ପ୍ରଦୂଷଣକୁ ରୋକିବାର ଉପଯୁକ୍ତ ପ୍ରଣାଳୀ, କମ୍ ବର୍ଜ୍ୟବସ୍ତୁ ଉତ୍ପାଦନରେ ସବୁଜ ରସାୟନର ଅଧିକ ଦକ୍ଷ ପ୍ରକ୍ରିୟା ପରିକଳ୍ପନା ପ୍ରଭୃତି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷଙ୍କ ସମେତ ବିଭାଗର ମୁଖ୍ୟ ନୀଳମାଧବ ଦାସ, ଅଧାପକ ଶଶୀଭୂଷଣ ମହାନ୍ତି, ଆଇକ୍ୟୁଏସିର ସଂଯୋଜକ ଅଧାପକ ଅମୀୟ ରଞ୍ଜନ ମହାନ୍ତି, ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ଶ୍ୟାମସୁନ୍ଦର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ପ୍ରଫେସର, ଅଧାପିକା, ଅଧାପକ, ପ୍ରାଧାପିକା, ପ୍ରାଧାପକ ଏବଂ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

## ଇନ୍ଦ୍ରାବତୀ ପ୍ରକଳ୍ପରୁ ନବରଙ୍ଗପୁରକୁ ବିଦ୍ୟୁତ୍ ଯୋଗାଣ ଦାବି

ନବରଙ୍ଗପୁର,୩।୧୦(ବି.ପ୍ର.)

- ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଶୁଖା ଅଞ୍ଚଳ ପାଲଟିଛି ତଳମୁଣ୍ଡ ଅଞ୍ଚଳ
- କ୍ଷତି ସହିଛନ୍ତି ଅନେକ ଚାଷୀ
- ଜିଲାକୁ ବିଦ୍ୟୁତ୍ ସଂଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି

ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ୍ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏଥିରୁ କଳାହାଣ୍ଡି ଜିଲାବାସୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ନବରଙ୍ଗପୁର ଜିଲାବାସୀ ମଧ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଅନେକ କ୍ଷତି ସହିଛନ୍ତି। ଏହି ଦୃଷ୍ଟିରୁ ନବରଙ୍ଗପୁର ଜିଲାକୁ ମଧ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ସିଧାସଳଖ ବିଦ୍ୟୁତ୍ ସଂଯୋଗ ଦିଆଯିବାକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି କରିଛନ୍ତି।

ପ୍ରକାଶ ଯେ, କଳାହାଣ୍ଡି ଜିଲାର ଜୟପାଟଣା ଅଞ୍ଚଳର ବାନେରରେ ୨୨୦,୧୩୨ ଓ ୩୩ କେଭି ସବ୍‌ଷ୍ଟେଶନକୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଗ୍ରୀଡ୍‌ରୁ ବାହାରୁଥିବା ଦୁଇଟି ୩୩ କେଭି ଫିଡର ଲାଇନକୁ ମଧ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ୨୨୦ ଗ୍ରୀଡ୍‌ରୁ କୋକସରା ବ୍ଲକ ଲଡୁଗାଁ, ବଡକୁତୁରୁକୁ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ସଂଯୋଗ କରାଯିବ। ପରେ ଅନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହେବ। ଜୟପାଟଣା ଗ୍ରୀଡ୍ ପାଇଁ ୮୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆଗାମୀ ଦିନରେ ୪୭ କି.ମି. ପାଇଁ ୧୩୨ କେଭି ସର୍କିଟ ଲାଇନ କରାଯିବ। କଳାହାଣ୍ଡି ଜିଲାର ଜନସାଧାରଣ ସିଧାସଳଖ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ପାଇବେ। ତେବେ ନବରଙ୍ଗପୁର ଜିଲାରେ ଏବେବି ବିଦ୍ୟୁତ୍ ସମସ୍ୟା ରହିଛି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଉତ୍କଟ। କଳାହାଣ୍ଡି ଜିଲାର ତିନୋଟି ବ୍ଲକକୁ ଯେଉଁଭଳି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି ସେହିଭଳି ନବରଙ୍ଗପୁର ଜିଲାରେ ମଧ କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଚିଠିରେ ଉଲ୍ଲେଖ ରହିଛି। ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ୍ ପ୍ରକଳ୍ପକୁ ୧୯୭୮ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ପରେ ନବରଙ୍ଗପୁର ଜିଲାର ତଳମୁଣ୍ଡ ଅଞ୍ଚଳ ଶୁଖିଲା ପଡିଲା। ନବରଙ୍ଗପୁର ଜିଲାରେ ଅନେକ ପରିବାର ଭିଟାମାଟି ହରାଇଲେ। ଏନେଇ ଜିଲାବାସୀ ମଧ କ୍ଷତି ସହିଛନ୍ତି। ଏଠାରେ ଅନେକ ଅର୍ଥକରୀ ଫସଲ ହେଉଥିଲା। ଭେର୍ଜେନିଆ କମ୍ପାନୀ ନବରଙ୍ଗପୁର ନୂଆଗୁଡା ନିକଟରେ ଏକ ଧୂଆଁ ପ୍ରୋସେସିଂ ୟୁନିଟ କରିବା ପାଇଁ ବ୍ୟବସ୍ଥା କରିଥିଲେ। ଇନ୍ଦ୍ରାବତୀ ବହୁମୁଖୀ ଜଳପ୍ରକଳ୍ପ ହେବା ପରେ କମ୍ପାନୀ ଉଠିଗଲା। ଚାଷୀ ନିଜର ଅର୍ଥକରୀ ଫସଲ ହରାଇବାକୁ ବସିଲେ। ଜିଲାର ତଳମୁଣ୍ଡବାସୀ ଆବଶ୍ୟକ ଉଠା ଜଳସେଚନରୁ ବଞ୍ଚିତ ହେଲେ। ନବରଙ୍ଗପୁରବାସୀ ଏହି ପ୍ରକଳ୍ପ ପାଇଁ ଅନେକ କ୍ଷତି ସହିଛନ୍ତି। ତେଣୁ ନବରଙ୍ଗପୁର ଜିଲା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡାବୁଗାଁ, ୩।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ତୁରୁଞ୍ଜି ଗ୍ରାମରେ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଗାଁର ପଦମ ପନକାଙ୍କ ପୁଅ ରୂପନ (୨୨)। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ଣରେ ରୂପନ ଗାଁରେ ଥିବା ପୋଖରୀ ନିକଟକୁ ଶୌଚହେବାକୁ ଯାଇଥଲେ। ପୋଖରୀରେ ଧୁଆଧୋଇ ହେବା ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇ ମୃତ୍ୟୁବରଣ କରିଥିଲେ। ପଦମ ଶୁକ୍ରବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଶନିବାର ସକାଳେ ସିଂସାରି ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ସିଂସାରି ଫାଣ୍ଡିରେ ୨୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଗଳିତ ମୃତଦେହ ଉଦ୍ଧାର

ଡାବୁଗାଁ, ୩।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ସ୍ଥାନୀୟ କାମତା ଗ୍ରାମ ନିକଟ ସୁଲିଆ ସଂରକ୍ଷିତ ଜଙ୍ଗଲରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଶନିବର ଉଦ୍ଧାର କରିଛି। ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଜଣ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ସୁଲିଆ ଜଙ୍ଗଲରୁ କାଠ ନେଇ ଫେରିବାବେଳେ କାମତା ଗ୍ରାମର କେତେଜଣ ମହିଳା ଉକ୍ତ ଗଳିତ ମୃତଦେହକୁ ଦେଖିଥିଲେ। ମହିଳାମାନେ ସେଠାରୁ ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ସେଠାରେ ପଡିଥିବା ଦେଖିଥିଲେ। ପରେ ଶୁକ୍ରବାର ରାତିରେ ହିଁ ଗ୍ରାମର ମନବୋଧ ଭତ୍ରା ଓ ଅନ୍ୟମାନେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଶନିବାର ସକାଳେ ଥାନା ସବ୍‌ଇନ୍ସପେକ୍ଟର ଅରୁଣ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ପଞ୍ଚନାମା କରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଜଣ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଏ ନେଇ କେସ୍ ନଂ. ୨୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

## ବଦଳି ପରେ କ୍ୱାର୍ଟର୍ସ ଭାଙ୍ଗି ଚାଲିଗଲେ ଜିଆର୍‌ଏସ୍

ବିଷମକଟକ,୩।୧୦:


ଜିଆରଏସ୍ ଭାଙ୍ଗି ଦେଇଥିବା ସରକାରୀ କ୍ୱାର୍ଟର।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବେଥିଆପଡ଼ା ପଞ୍ଚାୟତରେ କାର୍ଯ୍ୟରତ ଜଣେ ଜିଆର୍‌ଏସ୍ ବିଷମକଟକ ମୁଖ୍ୟାଳୟସ୍ଥିତ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ବର୍ଷେତଳେ ସେଠାରୁ ତାଙ୍କୁ ବଦଳି କରାଯାଇଥିଲା। କିନ୍ତୁ ସେ କ୍ୱାର୍ଟର୍ସ ଛାଡି ନ ଥିଲେ। ବ୍ଲକ ପ୍ରଶାସନ ନଜରରେ ଏହି ଘଟଣା ଆସିବା ପରେ ତାଙ୍କୁ କ୍ୱାର୍ଟର୍ସ ଛାଡିବାକୁ ନୋଟିସ କରାଯାଇଥିଲା। ସେଥିରେ ଉତ୍ତ୍ୟକ୍ତ ହୋଇ ଜିଆର୍‌ଏସ୍ ଜଣଙ୍କ କିଛିଦିନ ତଳେ ଉକ୍ତ କ୍ୱାର୍ଟର୍ସ ଛାଡିବା ବେଳେ ତାହାକୁ ଭାଙ୍ଗି ଚାଲିଯାଇଥିବା ଅଭିଯୋଗ ହୋଇଛି।

ପ୍ରକାଶଯେ, ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀମାନେ ରହିବାକୁ ବାସଗୃହ ନିର୍ମାଣ କରାଯାଇଛି। ପଞ୍ଚାୟତ ସମିତି ଅଧୀନରେ କାର୍ଯ୍ୟାଳୟଠାରୁ ୮କି.ମି. ମଧ୍ୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ହିଁ ସରକାରୀ ବାସଗୃହ ପ୍ରଦାନ ନେଇ ନିୟମ ରହିଛି। ଏହାର ଉଲ୍ଲଂଘନ କରାଯାଇ ୨୦୧୮ରେ ବିଭିନ୍ନ ପଞ୍ଚାୟତର ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ମାନଙ୍କୁ ବ୍ଲକ୍ ମୁଖ୍ୟାଳୟରେ ନିୟମିତ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଗୃହଗୁଡ଼ିକୁ ଭଡ଼ାସୂତ୍ରରେ ପ୍ରଦାନ କରାଯାଇଥିଲା। ସେବେଠାରୁ ଜିଆର୍‌ଏସ୍‌ମାନେ ନିଜ ପଞ୍ଚାୟତରେ ନ ରହି ବିଷମକଟକରେ ରହି ଆସୁଥିଲେ। ଇତିମଧ୍ୟରେ କେତେଜଣ ଜିଆର୍‌ଏସ୍‌ଙ୍କ ବ୍ଲକ୍ ବାହାରକୁ ବଦଳି ହୋଇଥିବାରୁ ସେମାନେ ସରକାରୀ ଗୃହ ଛାଡ଼ିବାକୁ ବାଧ ହୋଇଥିଲେ। ବିଷମକଟକ ମୁଖ୍ୟାଳୟଠାରୁ ୨୫କି.ମି. ଦୂରରେ ରହୁଥିବା ବେଥିଆପଡ଼ା ପଞ୍ଚାୟତର ଜିଆର୍‌ଏସ୍ ଟୁକୁନା ପାଣିଗ୍ରାହୀଙ୍କୁ ମଧ ପତ୍ରସଂଖ୍ୟା-୯୫୩ ତା. ୫।୭।୨୦୧୮ରେ ବ୍ଲକ୍ କୋଲନୀରେ ଏକ ସରକାରୀ ଗୃହ ପ୍ରଦାନ କରାଯାଇଥିଲା। କ୍ୱାର୍ଟର୍ସର ରକ୍ଷଣା ବେକ୍ଷଣ କରିବେ, ନିୟମିତ ଭଡ଼ା ଦାଖଲ କରିବେ ଏବଂ କ୍ୱାର୍ଟର୍ସ ଛାଡ଼ିବା ସମୟରେ ଗୃହର କୌଣସି କ୍ଷତି ନ କରି ବ୍ଲକ ଅଧିକାରୀଙ୍କୁ ହସ୍ତାନ୍ତର କରିବେ ବୋଲି ସେତେବେଳେ ତାଙ୍କସହ ଚୁକ୍ତି ହୋଇଥିଲା। ତେବେ ସମ୍ପୃକ୍ତ ଜିଆର୍‌ଏସ୍ ଘର ଛାଡ଼ିବା ସମୟରେ ସରକାରୀ ଗୃହକୁ ସମ୍ପୂର୍ଣ୍ଣ ଭାଙ୍ଗି ଘରର ଟିଣ, ଝରକା, କବାଟ, ଘରର ସିଲିଂ ସମେତ ବିଦ୍ୟୁତ୍ ତାର, ବୋର୍ଡ ଭାଙ୍ଗି ଘରକୁ ସଂପୂର୍ଣ୍ଣ ନଷ୍ଟ କରି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଜିଆରଏସ୍ ପାଣିଗ୍ରାହୀ କହିଛନ୍ତି ମୁଁ ନିଜେ କ୍ୱାର୍ଟର୍ସରେ କବାଟ ଝରକା ଲଗାଇଥିଲି। ମୋ ଜିନିଷ ମୁଁ ନେଇ ଆସିଲି। ବିଡିଓ ଆଲ୍‌ବର୍ଟ ଲାକ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ତତ୍କାଳୀନ ବିଡିଓଙ୍କ ସମୟରେ କ୍ୱାର୍ଟର୍ସଗୁଡ଼ିକ ଭଡ଼ାରେ ଦିଆଯାଇଥିଲା। ମୋ ନିକଟରେ ସେ ବିଷୟରେ ସୂଚନା ନାହିଁ। ଏହାର ତଦନ୍ତ ପରେ ପଦକ୍ଷେପ ନିଆଯିବ।

## ଏମ୍‌ପିଙ୍କ ପ୍ରଚେଷ୍ଟାରେ ବିଶାଖାପାଟଣାରୁ ଆସିଲା ମୃତଦେହ

ଝରିଗାଁ, ୩।୧୦(ସ୍ୱ.ପ୍ର.)

**ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମିଳିଲା ସହାୟତା**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ପଞ୍ଚାୟତ ତାଲିଆମ୍ବ ସାହିର ରବି ହରିଜନ(୧୯) ଦୁର୍ଘଟଣାର ଶିକାର ହୋଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଚିକିତ୍ସା ଟଙ୍କା ପୈଠକରି ନ ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ମୃତଦେହ ଛାଡି ନ ଥିଲେ। ନବରଙ୍ଗପୁର ଏମ୍‌ପିଙ୍କ ପ୍ରଚେଷ୍ଟାରୁ ଶନିବାର ମୃତଦେହକୁ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ରବିଙ୍କ ଚିକିତ୍ସା ଖର୍ଚ୍ଚ ଦିଆଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଗତ ୨୪ତାରିଖରେ ରବିଙ୍କୁ ଏକ ବାଇକ ଧଙ୍ଗଡାମାଲ ଗ୍ରାମ ନିକଟରେ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରେ ନବରଙ୍ଗପୁର ଏବଂ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଲକ୍ଷେ ଟଙ୍କା ଜମା ଦେଲେ ଚିକିତ୍ସା କରାଯିବ ବୋଲି ଡାକ୍ତର କହିଥିଲେ। ରବିଙ୍କ ବାପା ରଘୁ ୫୦ହଜାର ଟଙ୍କା ଜମାଦେବା ପରେ ତାଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ଚିକିତ୍ସା ପାଇଁ ଆହୁରି ୨ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ। ରଘୁ ଝରିଗାଁ ଆସି ଟଙ୍କା ଯୋଗାଡ କରିବାକୁ ଚେଷ୍ଟା ଚଳାଇ ଅସମର୍ଥ ହୋଇଥିଲେ। ଏହା ମଧ୍ୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରବିଙ୍କର ମୃତ୍ୟୁ ଘଟିଥିଲା। ୨ଲକ୍ଷ ଟଙ୍କା ଜମାକରି ମୃତଦେହ ନେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ କହିଥିଲେ। ମୂଲ ଲାଗି ଘର ଚଳାଉଥିବା ରଘୁଙ୍କ ପାଇଁ ଏତେ ଟଙ୍କା ଯୋଗାଡ କରିବା ସହଜ ନ ଥିଲା। ପରେ ରଘୁ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସଙ୍କୁ ଏ ନେଇ ଜଣାଇଥିଲେ। ସେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏବଂ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଜଣାଇଥିଲେ। ଏମ୍‌ପି ମାଝି ମୁଖ୍ୟମନ୍ତ୍ରୀଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଥିଲେ। ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ବିଶାଖାପାଟଣା ଜିଲାପାଳ ଭି.ଭିନୟ ଚାନ୍ଦଙ୍କୁ ଚିଠି(ନଂ. ୧୨୨୬/୨୦) କରିଥିଲେ। ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ରବିଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର, ଚିକିତ୍ସାରେ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ନବରଙ୍ଗପୁର ପୋଲିସ ବିଶାଖାପାଟଣାରେ ପହଞ୍ଚିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ମାଛ ଧରୁଥିବା ବେଳେ ନଦୀରେ ବୁଡ଼ିଗଲେ ଯୁବକ

ଦଶମନ୍ତପୁର,୩।୧୦(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରଣୀବାଡ଼ ପଞ୍ଚାୟତ ସଲପଗୁଡ଼ା ଗ୍ରାମର ଜଣେ ଯୁବକ ମାଛ ଧରିବାକୁ ଯାଇ ନଦୀରେ ବୁଡ଼ି ଯାଇଛନ୍ତି। ସେ ଗ୍ରାମର ଦୁର୍ଯ୍ୟ କୁଲିସିକାଙ୍କ ପୁଅ ଭାସ୍କର କୁଲିସିକା (୨୦)। ଶନିବାର ସକାଳ ୧୦ଟାରେ ଭାସ୍କର ଏବଂ ତାଙ୍କ ସାନଭାଇ ଗ୍ରାମଠାରୁ ୩ କି.ମି. ଦୂରରେ ଥିବା ରକାଟ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ଭାସ୍କର ନଦୀରେ ଜାଲ ପକାଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ସାନଭାଇ ଘଟଣା ସମ୍ପର୍କରେ ଗ୍ରାମକୁ ଆସି ଜଣାଇବା ପରେ ଗ୍ରାମବାସୀ ନଦୀରେ ପଶି ଖୋଜାଖୋଜି କରି ପାଇ ନ ଥିଲେ। ଏହି ସମୟରେ ପୁଅକୁ ଖୋଜିବାକୁ ତାଙ୍କ ମାଆ ପ୍ରତିମଣି ମଧ ନଦୀକୁ ଡେଇଁ ପଡିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି କୂଳକୁ ଆଣିଥିଲେ। ଏନେଇ ଥାନାରେ ଜଣାଇବା ପରେ ସେକେଣ୍ଡ ଅଫିସର ବିଜୟ କୁମାର ପଣ୍ଡା,ଅଗ୍ନିଶମ ବିଭାଗ ଅଧିକାରୀ ଆର୍.ଏସ୍. ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଭାସ୍କରଙ୍କୁ ଉଦ୍ଧାର କରିଥିଲେ।

## ମଦ ବିକ୍ରିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିରୋଧ

ମାଲକାନଗିରି,୩।୧୦ (ଡି.ଏନ୍.ଏ.)


ମାଆଘର ଶାନ୍ତିସେନାକୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାମାନେ ଦାବିପତ୍ର ଦେଉଛନ୍ତି।

- ମଦ ବିରୋଧୀ ଶୋଭାଯାତ୍ରା କଲେ
- ମଦର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇଲେ
- ମଦ ବ୍ୟବସାୟୀଙ୍କ ଉପରେ ପଡୁନି ପ୍ରଭାବ

ମଦ ଉଜାଡ଼ି ଦେଉଛି ଅନେକଙ୍କ ସଂସାର। ଅନେକ ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିଦେଉଛି। ମଦ ବିକ୍ରି ବନ୍ଦ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ କର୍ମୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଥିଲେ ମଧ ମଦ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ଫଳରେ ଦିନକୁ ଦିନ ଚୋରା ମଦ କାରବାର ବଢ଼ୁଛି। ମାଲକାନଗିରି ଜିଲାର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ହେଉଥିବା ଚୋରା ମଦ କାରବାରକୁ ଶନିବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିରୋଧ କରିଛନ୍ତି। ଏହି ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି ଲାଗିରହୁଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା କାଲିମେଳା ବ୍ଲକ ମାଲାଭରମ୍ ପଞ୍ଚାୟତ ଅନନ୍ତପାଲି ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଶନିବାର ଏକାଠି ହୋଇ ମଦ ବିରୋଧୀ ଶୋଭାଯାତ୍ରା କରିଛନ୍ତି। ମଦର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇଛନ୍ତି। ଗ୍ରାମ ଓ ମାଲାଭରମ ପଞ୍ଚାୟତରେ କୌଣସି ମଦ ବ୍ୟବସାୟୀ ମଦ କାରବାର ନ କରିବା ଲାଗି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଗ୍ରାମ ଓ ପଞ୍ଚାୟତରେ ମଦ ବିକ୍ରି ବନ୍ଦ ପାଇଁ କୁନାନପାଲି ଗ୍ରାମର କାନାୟା ଓ ତାଙ୍କ ଭାଇ ଆଦାୟାଙ୍କୁ ଗ୍ରାମବାସୀ କହିଥିଲେ ମଧ ଏହାର କୌଣସି ପ୍ରଭାବ ସେମାନଙ୍କ ଉପରେ ପଡିନାହିଁ। ଏନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମାଆଘର ଶାନ୍ତିସେନା ମହିଳା ସଙ୍ଗଠନକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ଦାବିପତ୍ର ଦେଇ ଏ ଦିଗରେ ପଦକ୍ଷେପ ନେବାକୁ ଜି. ଆସୁମ୍ବୁବି, ଜି. ରତ୍ନାବଳୀ, ବି. ଲକ୍ଷ୍ମୀ, କେ. ଭାଗ୍ୟଲକ୍ଷ୍ମୀ, ବିଟି ସୁପ୍ରିୟା ପ୍ରମୁଖ ଦାବି କରିଛନ୍ତି। କାର୍ଯ୍ୟକ୍ରମକୁ ପ୍ରଭାକର ହନ୍ତାଳ ପରିଚାଳନା କରିଥିଲେ।

## ବିଧାନସଭାରେ ଉଠିଲା ପେପର ମିଲ୍ ପ୍ରସଙ୍ଗ

ଜୟପୁର,୩।୧୦(ନି.ପ୍ର.)- ଜୟପୁର ପେପର ମିଲ ଚାଲୁ କରିବା ଓ ସିକ୍ୟୁରିଟି ଗାର୍ଡମାନଙ୍କ ସମସ୍ୟା ଗୁରୁବାର ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ଉଠାଇଛନ୍ତି। ଦୀର୍ଘ ୧୭ ମାସ ହେଲା ବନ୍ଦଥିବା ସେବା ପେପର ମିଲକୁ ଚାଲୁ କରିବା ପାଇଁ ସେ ଶିଳ୍ପମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ପେପର୍ ମିଲ ଉପରେ ବାକିଥିବା ଜଳ ଓ ବିଦ୍ୟୁତ ପେନାଲ୍ଟି ପରିମାଣ ଛାଡ଼ କରି ତୁରନ୍ତ ମିଲ୍ ଚାଲୁ କରିବାକୁ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ଓପିସିଏଲ ସିକ୍ୟୁରିଟି ଗାର୍ଡଙ୍କୁ ବିନା ନୋଟିସ ରେ ସେପ୍ଟେମ୍ବର ୧ରୁ ଛଟେଇ କରାଯାଇଛି। ସେମାନେ ଦୀର୍ଘ ୧୫/୧୭ ବର୍ଷଧରି କାମ କରିଆସୁଥିଲେ। କରୋନା ସମୟରେ ଏପରି ଛଟେଇ କରିବା ଅମାନବିକତାର ପରିଚୟ ବୋଲି କହି ତୁରନ୍ତ ସମସ୍ତ ଗାର୍ଡଙ୍କୁ ନିଯୁକ୍ତି ଦେବାକୁ ବାହିନୀପତି ଦାବି କରିଛନ୍ତି।

## ସଂକ୍ଷେପରେ

### ରିଲାଏନ୍ସ ରିଟେଲକୁ ମିଳିଲା ଆଉ ୨ ନିବେଶକ

**ନୂଆଦିଲ୍ଲୀ,୩।୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଂଶବିଶେଷ ରିଲାଏନ୍ସ ରିଟେଲ ଭେଞ୍ଚର୍ସରେ ବିଶ୍ୱର ଆଉ ୨ ବୃହତ୍ତ ସଂସ୍ଥା ନିବେଶ କରିବା ନେଇ ଆଗେଇ ଆସିଛନ୍ତି। ଏହି କ୍ରମରେ ଜିଆଇସି ୫,୫୧୨ କୋଟି ଏବଂ ଟିପିଜି ୧୮୩୭ କୋଟି ଟଙ୍କା ନିବେଶ କରିବ ବୋଲି ରିଲାଏନ୍ସ ରିଟେଲ ପକ୍ଷରୁ ସୂଚନା ରହିଛି। ଉକ୍ତ ନିବେଶ ଫଳରେ ଜିଆଇସିକୁ ୧.୨୨% ଏବଂ ଟିପିଜିକୁ ୦.୪୧% ଇକ୍ୱିଟି ଅଂଶଧନ ମିଳିପାରିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ଟିପିଜିର ଏହା ଦ୍ୱିତୀୟ ବୃହତ୍ତ ପୁଞ୍ଜି ନିବେଶ। ଏହା ପୂର୍ବରୁ ଜିଓ ପ୍ଲାଟଫର୍ମରେ ଏହି ଏହି କମ୍ପାନୀ ୪୫୪୬ କୋଟି ଟଙ୍କା ନିବେଶ କରିଥିଲା। ଏହି ନିବେଶ ରିଟେଲ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ଦିଗରେ ସହାୟକ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

### ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ

**ଭୁବନେଶ୍ୱର,୩।୧୦:** ଓଡିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି) ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ସଂସ୍ଥାର ମୁଖ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ଉଭୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜାତିର ପିତା ମାହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଅବଦାନ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର, ପ୍ରକଳ୍ପ ଅଧିକାରୀ ମାନସ ରଞ୍ଜନ ଦାଶ, ବରିଷ୍ଠ ପିଆରଓ ଡ.ବସନ୍ତ କୁମାର ସାହାଣୀ, ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳ, ନିର୍ବାହୀ ଅଧିକାରୀ ଇଂ ଲଲାଟେନ୍ଦୁ ସାହୁ ଏବଂ ୟୁନିୟନର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ୧୧ ଗୁଣ ବଢ଼ିଛି କୃଷି ବଜେଟ

**ନୂଆଦିଲ୍ଲୀ,୩।୧୦**



୨୦୦୯-୧୦ରେ ଉପା ସରକାରଙ୍କ ସମୟରେ ଦେଶର କୃଷି ବଜେଟ ପରିମାଣ ପ୍ରାୟ ୧୨ ହଜାର କୋଟି ଟଙ୍କା ରହିଥିଲା। ବର୍ତ୍ତମାନ ଏହା ୧୧ ଗୁଣ ବଢି ୧.୩୪ ଲକ୍ଷ କୋଟି ଟଙ୍କା ଛୁଇଁଥିବା ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଶନିବାର ସୂଚନା ଦେଇଛନ୍ତି। କୃଷକଙ୍କ ବିକାଶ ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ ମତ ପ୍ରକାଶ କରିଛନ୍ତି। ନୂଆ କୃଷି ବିଲ୍‌ରେ କୃଷକଙ୍କୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ବିକ୍ରିବଟାରେ ସ୍ୱାଧୀନତା ମିଳିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୃଷକମାନେ ନୂଆ ବ୍ୟବସ୍ଥା ଦ୍ୱାରା ସରକାରଙ୍କ ପକ୍ଷରୁ ନିଶ୍ଚିତ କରାଯାଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇବେ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ଦେଶର ବିଭିନ୍ନ ପ୍ରାନ୍ତରେ କୃଷକ ରାସ୍ତାକୁ ଓହ୍ଲାଇଛନ୍ତି। ଏଭଳି ସ୍ଥିତିରେ କୃଷି ମନ୍ତ୍ରଣାଳୟର ବଜେଟ ବଢିବା ଯୋଗୁ ଖାଦ୍ୟଶସ୍ୟ ସଂଗ୍ରହରେ ସରକାର ଅଧିକ ଖର୍ଚ୍ଚ କରିବେ ବୋଲି କୁହାଯାଇଛି। ଏନ୍‌ଡିଏ ସରକାର ନିରନ୍ତର କୃଷକଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ଗଙ୍ଗୱାର ମତ ରଖିଛନ୍ତି।

ଏକ କାର୍ଯ୍ୟକ୍ରମରେ ନୂଆ କୃଷି ବିଲ୍ ଉପରେ ସେ କହିଛନ୍ତି ଯେ, ନୂଆ କୃଷି ବିଲ୍ ଦ୍ୱାରା କୃଷକ ଲାଭବାନ ହେବେ। ଉତ୍ପାଦିତ ସାମଗ୍ରୀକୁ ଅନ୍ୟ ରାଜ୍ୟରେ କୃଷକମାନେ ଉନ୍ନତ ମୂଲ୍ୟରେ ବିକ୍ରି କରିପାରିବେ। ସେହିଭଳି ପୂର୍ବର ସରକାରଙ୍କ ତୁଳନାରେ ଏମ୍‌ଏସ୍‌ପି ବିଶେଷ ଭାବେ ବୃଦ୍ଧି ପାଇଥିବା ସେ ସ୍ପଷ୍ଟୀକରଣ ଦେଇଛନ୍ତି। ଏହାବାଦ ପାର୍ଲାମେଣ୍ଟରେ ପାସ୍ ହୋଇଥିବା ନୂଆ ଶ୍ରମ ସଂସ୍କାର ବିଲ୍ ଦ୍ୱାରା ଶ୍ରମିକଙ୍କ ଲାଗି ମଙ୍ଗଳକାରୀ ହେବ ବୋଲି ସେ ଆଶାବାଦୀ ରହିଥିବା କହିଛନ୍ତି। ଏହା ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଂ ବିଜ୍‌ନେସକୁ ବୃଦ୍ଧି କରାଇବା ଦିଗରେ ଯୋଗଦାନ ରଖିବ। ପରିବର୍ତ୍ତିତ ସମୟରେ ଏହା ଶିଳ୍ପ ଏବଂ ଶ୍ରମିକଙ୍କ ମଧ୍ୟରେ ମଧ୍ୟ ଯୋଗସୂତ୍ର ରକ୍ଷା କରିବା ନେଇ ସେ ଆଶାବାଦୀ ରହିଛନ୍ତି। ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଦିଗରେ ଅଂଶୀଦାରମାନେ ଯୋଗଦାନ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି।

> କୃଷକଙ୍କ ବିକାଶ ଲାଗି ସରକାର କାର୍ଯ୍ୟ କରୁଛନ୍ତି: ସନ୍ତୋଷ ଗଙ୍ଗୱାର

# ହୋଣ୍ଡା ଟୁହ୍ୱିଲର୍ସ ସେପ୍ଟେମ୍ବର ବିକ୍ରିରେ ଉନ୍ନତି

**ନୂଆଦିଲ୍ଲୀ,୩।୧୦**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍(ଏଚ୍‌ଏମ୍‌ଏସ୍‌ଆଇ)ର ସେପ୍ଟେମ୍ବର ମାସ ବିକ୍ରିରେ ଉନ୍ନତି ପରିଲକ୍ଷିତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟ ମାସ ଲାଗି କମ୍ପାନୀର ବିକ୍ରି ଧାରା ଉନ୍ନତି ଆସିଥିବା ଜଣାପଡିଛି। ଅଗଷ୍ଟ ମାସରେ କମ୍ପାନୀ ୪ ଲକ୍ଷ ୟୁନିଟ ଯାନ ବିକ୍ରି କରିଥିଲା। ଏହା ସେପ୍ଟେମ୍ବର ମାସରେ ୫ ଲକ୍ଷ ୟୁନିଟ୍ ଟପିଛି। ନୂଆ ମଡେଲର ବଜାର ପ୍ରବେଶ ଏବଂ ଗ୍ରାହକଙ୍କ ମନୋଭାବ ପରିବର୍ତ୍ତନ ଆସିବାରୁ ହୋଣ୍ଡାର ଘରୋଇ ବଜାର ବିକ୍ରି ଦୁଇ ଅଙ୍କ ବିଶିଷ୍ଟ ୧୦% ରହିଛି। ସେପ୍ଟେମ୍ବରରେ ବିକ୍ରି ୫,୦୦,୮୮୭ ୟୁନିଟ ରହିଛି। ସେହିଭଳି କମ୍ପାନୀର ରପ୍ତାନି ୨୫,୯୭୮ ୟୁନିଟ ରହିଛି। ଫଳରେ ମୋଟ ବିକ୍ରି ୫,୨୬,୮୬୫ ୟୁନିଟ ରହିଛି। ବିକ୍ରିରେ ଉନ୍ନତିକୁ ନେଇ ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ପିଏନ୍‌ବି ପକ୍ଷରୁ 'ଗ୍ରାମ ସମ୍ପର୍କ ଅଭିଯାନ'

**ଭୁବନେଶ୍ୱର,୩।୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ' ଗ୍ରାମ ସମ୍ପର୍କ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି ବହୁମୁଖୀ ଯୋଜନାକୁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପିଏନ୍‌ବି ହେଉଛି ଦେଶର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ଯାହା ଲାଲା ଲଜପତ୍ ରାୟଙ୍କ ନୀତି ଆଦର୍ଶ ସହ ଦେଶପ୍ରେମର ସ୍ପର୍ଶ ରହିଛି। ଏହି ବ୍ୟାଙ୍କ ଓ ତା'ର ପରିଚାଳନରେ ଦେଖିବାକୁ ମିଳେ ବୋଲି ତୋମାର କହିଥିଲେ। ସେହିଭଳି ପିଏନ୍‌ବିର ସିଇଓ ତଥା ଏମ୍‌ଡି ମଲିକାର୍ଜୁନ ରାଓ କହିଥିଲେ, ରାଷ୍ଟ୍ରର ମେରୁଦଣ୍ଡ ହେଉଛନ୍ତି କୃଷି। ବ୍ୟାଙ୍କର ବିଭିନ୍ନ ସୁବିଧା ଆଗକୁ ଆହୁରି ବ୍ୟାପକ କରାଯିବ ବୋଲି ସେ ମତ ଦେଇଛନ୍ତି। ଏହି ଅଭିଯାନ ଦ୍ୱାରା ଡିଜିଟାଲ,କ୍ରେଡିଟ,ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଜ୍ଞାନର ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ଅଭିଯାନ ୨ଅକ୍ଟୋବରରୁ ଡିସେମ୍ବର ୩୧ପର୍ଯ୍ୟନ୍ତ ଜାରି ରହିବ।

# କରୋନା କବଳରେ ବ୍ୟାଙ୍କ କର୍ମଚାରୀ



**ଭୁବନେଶ୍ୱର,୩।୧୦**

> ■୩୦୬୬ ସଂକ୍ରମିତ, ୧୪ ଜଣଙ୍କ ଜୀବନ ଗଲାଣି

ସାରା ରାଜ୍ୟରେ କରୋନା ମହାମାରୀ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ରାଜ୍ୟରେ ବର୍ତ୍ତମାନ ୩୭ରୁ ଊର୍ଦ୍ଧ୍ୱ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଜୀବନକୁ ବିପଦରେ ପକାଇ ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ବିଭିନ୍ନ ସରକାରୀ କାର୍ଯ୍ୟ ସହ ଗ୍ରାହକସେବା ପ୍ରଦାନ କରିଆସୁଛନ୍ତି। ମହାମାରୀ ସମୟରେ ମଧ୍ୟ ବିଭିନ୍ନ ବର୍ଗର ଗ୍ରାହକ ସେମାନଙ୍କର ବହୁ ଆବଶ୍ୟକ କାର୍ଯ୍ୟ ପାଇଁ ବ୍ୟାଙ୍କ ଆସୁଛନ୍ତି। ଫଳରେ ବ୍ୟାଙ୍କରେ ସଂକ୍ରମଣ ବ୍ୟାପିବା ଆଶଙ୍କା ବଢିଛି। ସେହିଭଳି ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ପକ୍ଷରୁ ସୂଚନା ଦିଆଯାଇଛି। କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାଙ୍କିଙ୍ଗ କ୍ଷେତ୍ରରୁ ବର୍ତ୍ତମାନ ସୁଦ୍ଧା ୩୦୬୬ ଜଣ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ବେଳେ୧୪ଜଣଙ୍କର ଜୀବନ ଚାଲିଯାଇଥିବା ଜଣାପଡିଛି। ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି କମିଟି ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ମହାମାରୀ ପ୍ରକୋପ କମିବା ପର୍ଯ୍ୟନ୍ତ କର୍ମଚାରୀ ସଂଖ୍ୟା ୧୦୦% ପରିବର୍ତ୍ତେ ୫୦-୭୦%କୁ ହ୍ରାସ କରିବା, ୧ମ ଓ ୩ୟ ଶନିବାରକୁ ଛୁଟି ଘୋଷଣା କରିବାକୁ କମିଟି ସରକାରଙ୍କୁ ପ୍ରସ୍ତାବ ଦେଇଛି। କମିଟିର ଏହି ପ୍ରସ୍ତାବକୁ ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘର ସଭାପତି (ଓଡ଼ିଶା ଶାଖା) ଦାମୋଦର ନନ୍ଦ ସମର୍ଥନ କରିଥିବା ସୂଚନା ମିଳିଛି।

# ଏସ୍‌ବିଆଇ ଲାଇଫ୍‌ର ଆର୍ଥିକ ପ୍ରତିରୋଧକ ସର୍ଭେ

**ଭୁବନେଶ୍ୱର,୩।୧୦**

ଏସ୍‌ବିଆଇ ଲାଇଫ୍ ପକ୍ଷରୁ ବ୍ୟାପକ ଆର୍ଥିକ ପ୍ରତିରୋଧକ ସର୍ଭେ ପ୍ରକାଶ ପାଇଛି। ଏଥିରେ କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଗ୍ରାହକ ପ୍ରଦାନ କରିଥିବା ଗୁରୁତ୍ୱପୂର୍ଣ୍ଣ ମତାମତ ସାମିଲ ରହିଛି। ନିଲସନ କମ୍ପାନୀ ସହଯୋଗରେ ଏସ୍‌ବିଆଇ ଲାଇଫ ଏହି ସର୍ଭେ କରିଥିଲା। ସର୍ଭେରେ ଭାଗ ନେଇଥିବା ଅଧିକାଂଶ ଲୋକ ଜଣାଇଥିଲେ ଯେ, ସେମାନେ କୌଣସି ନା କୌଣସି ଉପାୟରେ ଶାରୀରିକ ପ୍ରତିରୋଧ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରତି ୧୦ ଜଣରୁ ୮ଜଣ ଭାରତୀୟ ଏହା ଅବଗତ ଅଛନ୍ତି ଯେ ଚାପ ଉଭୟ ଶାରୀରିକ ଏବଂ ମାନସିକ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ। ଏହି ସର୍ଭେରୁ ଲୋକଙ୍କ ତିନି ପ୍ରମୁଖ ଆର୍ଥିକ ଚିନ୍ତା ବିଷୟରେ ଜଣାପଡ଼ିଥିଲା।

# ସ୍ମାର୍ଟଫୋନ ଦେଲେ ୟୁସିସିଆଇ ଲେଡିଜ ଫୋରମ

**ଭୁବନେଶ୍ୱର,୩।୧୦**

ୟୁସିସିଆଇର ଲେଡିଜ ଫୋରମ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଭାବଗ୍ରାହୀ ଆଦର୍ଶ ବିଦ୍ୟାଳୟର ୫ଜଣ ଛାତ୍ରୀଛାତ୍ରଙ୍କୁ ଏହି ଫୋନ ବଣ୍ଟନ କରାଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷାର ବରିଷ୍ଟ ଅଧିକାରୀ ସନ୍ନ୍ୟାସୀ ବେହେରା ଏବଂ ଫୋରମର ସଭାପତି ଡ. ଗୀତାରାଣୀ ପାତ୍ରୀଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କରୋନା ମହାମାରୀ କାରଣରୁ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ କରି ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ଶିକ୍ଷାକୁ ଧ୍ୟାନରେ ରଖି ଏଭଳି ବ୍ୟବସ୍ଥା କରାଯାଇଥିବା ଫୋରମ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଯାଞ୍ଚ ହେବ କୋଭିଡ୍ ...

ହସ୍ପିଟାଲରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନି। କୋଭିଡ୍ ଓ ଅଣକୋଭିଡ୍ ରୋଗୀମାନେ ବିଭିନ୍ନ ସ୍ଥାନରେ ହଇରାଣ ହେଉଛନ୍ତି। ଏନେଇ ବହୁ ଲୋକ ତାଙ୍କ ନିକଟରେ ଅଭିଯୋଗ କରୁଥିବା ନାଏକ କହିଥିଲେ। ଏ ସମ୍ପର୍କରେ ରୁଲିଂ ଦେଇ ବିଭିନ୍ନ ସ୍ଥାନରୁ ତାଙ୍କୁ ମଧ୍ୟ ଏଭଳି ଅଭିଯୋଗ ଆସୁଥିବା ବାଚସ୍ପତି କହିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

### ବିଧାନସଭାରେ ହାଥ୍‌ରସ ...

ଏହି ସମୟରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ଏବଂ ଅନ୍ୟ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ଯୋଗୀଙ୍କ ଇସ୍ତଫା ଦାବି କରିବା ସହ ଯୋଗୀ, ମୋଦି ହାଏ ହାଏ... ନାରା ଦେଇଥିଲେ। ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଜିନ୍ଦାବାଦ କହି ଗୃହରେ ହଟ୍ଟଗୋଳ କରିଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ୧୦ଟା ୪୦ରୁ ୧୦ଟା ୫୫ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୫ ମିନିଟ ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଭ୍ୟମାନେ ପୁଣି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ, ଉତ୍ତରପ୍ରଦେଶ ଘଟଣା ଓଡ଼ିଶା ବିଧାନସଭାରେ ଉଠାଇ ଗୃହର ସମୟ ବରବାଦ କରାଯାଉଛି। ଏହା ପାର୍ଲାମେଣ୍ଟରେ ଆଲୋଚନା ହେବା ପ୍ରସଙ୍ଗ । ବାରମ୍ଵାର ଗଣ୍ଡଗୋଳ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦୌ ଠିକ୍ ନୁହେଁ ବୋଲି ସେ କହିଥିଲେ। ତେବେ ବିରୋଧୀ ନିଜ ଜିଦ୍‌ରେ ଅଡିବସି ହୋ ହଲ୍ଲା ଜାରି ରଖିଥିଲେ। ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ କଂଗ୍ରେସ ସଭ୍ୟଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା। ବାଚସ୍ପତି ବାଧ ହୋଇ ୧୧ଟା ୧୦ ମିନିଟରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ବିଧାନସଭା ବାହାରେ ଗଣମାଧ୍ୟମକୁ ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଥିଲେ, ଆଲୋଚନା ନ କରି କେବଳ ହଟ୍ଟଗୋଳ କରି ଯଦି ବିଧାନସଭାକୁ ମୁଲତବୀ କରାଯିବ ତା'ହେଲେ କୋଭିଡ୍ କଟକଣା ଭିତରେ ବିଧାନସଭା ଚାଲିବାର କିଛି ମାନେ ନାହିଁ । ବିରୋଧୀ ଦଳ ନେତା ବିଧାନସଭା ବାହାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଉତ୍ତର ପ୍ରଦେଶରେ ଏଭଳି ଘଟଣା ବାରମ୍ବାର ଘଟୁଛି। ଆଗରୁ ଜଣାପଡୁ ନ ଥିବା ବେଳେ ଏବେ ଏହି ଘଟଣା ଲୋକଲୋଚନକୁ ଆସିଛି। ଯେଉଁମାନେ ଏଭଳି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସେ କହିଛନ୍ତି। ବିଧାନସଭା ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ହାଥ୍‌ରସର ଦଳିତ ମହିଳାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ବିଜେଡି ଦାବିକରୁଛି। ୟୁପି ପୋଲିସ ଓ ପ୍ରଶାସନ ଯୋଗୀ ସରକାରଙ୍କ ହାତବାରିସି ସାଜିଛି। ବଳାତ୍କାର ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସମ୍ପୃକ୍ତ ଜିଲାପାଳ ବାରମ୍ବାର ମତ ବଦଳାଉଛନ୍ତି। ନ୍ୟାୟ ନ ମିଳିଲେ ଓଡ଼ିଶାର ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ କହିଛନ୍ତି।

### ଅଟଳ ଟନେଲ ....

ନିର୍ମାଣକାରୀ ସଂସ୍ଥା ପ୍ରତିକୂଳ ପାଣିପାଗର ସାମ୍ନା କରି ଅକ୍ଳାନ୍ତ ପରିଶ୍ରମରେ ଏହି ଟନେଲ ତିଆରି କରିଛନ୍ତି। ପ୍ରଧାନମନ୍ତ୍ରୀ ଟନେଲ ଲୋକାର୍ପଣ କରି ୧୫ ଜଣ ଯାତ୍ରୀ ଥିବା ବସ୍‌କୁ ଲାହୁଲ ସ୍ଥିତି ଉପତ୍ୟକାର ସାଉଥ ପୋର୍ଟାଲ ଟନେଲଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୋଦି ସୁଡଙ୍ଗର ସାଉଥ ପୋର୍ଟାଲରୁ ନର୍ଥ ପୋର୍ଟାଲ ବୁଲି ଦେଖିବା ସହ ମୁଖ୍ୟ ସୁଡଙ୍ଗର ଜରୁରୀକାଳୀନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟି ସାକାର ହେବା ସହ ବହୁ ବର୍ଷ ଧରି ପଡି ରହିଥିବା ଏହି ଅଞ୍ଚଳର କୋଟି କୋଟି ଜନସାଧାରଣଙ୍କ ଆଶା ପୂରଣ ହୋଇଛି। ହିମାଚଳ ପ୍ରଦେଶର ନବଗଠିତ ଲେହ-ଲଦାଖ ଅଞ୍ଚଳ ମଧ୍ୟରେ ଏହି ଟନେଲ ଜୀବନରେଖା ସଦୃଶ କାର୍ଯ୍ୟ କରିବ। ଅଟଳ ଟନେଲ ବିଶ୍ୱସ୍ତରୀୟ ସୀମା ସଂଯୋଗ ଯୋଗୁ ଦେଶର ସୀମା ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରିବ। ଅଟଳ ବିହାରୀ ବାଜପେୟୀ ୨୦୦୨ରେ ଏହି ଟନେଲ ଆପ୍ରୋଚ ରୋଡ୍ ଶିଳାନ୍ୟାସ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ନବନିର୍ମିତ ଟନେଲ ମଧ୍ୟରେ ପ୍ରତି ୧୫୦ ମିଟରରେ ଟେଲିଫୋନ ସଂଯୋଗ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରତି ୬୦ ମିଟରରେ ଫାୟାର ହାଇଡ୍ରାଣ୍ଟ ବ୍ୟବସ୍ଥା ରହିଛି। ସେହିପରି ପ୍ରତି ଏକ କିଲୋମିଟରରେ ଆଲୋକ ଓ ବାୟୁ ଗୁଣବତ୍ତା ସ୍ଥିତି ଜାଣିବା ଲାଗି ବ୍ୟବସ୍ଥା କରାଯାଇଛି। ପ୍ରତି ୨୫ ମିଟରରେ ପ୍ରସ୍ଥାନ ସଙ୍କେତ ଥିବାବେଳେ ପ୍ରତି ୫ ଶହ ମିଟରରେ ଜରୁରୀକାଳୀନ ପ୍ରସ୍ଥାନ ବ୍ୟବସ୍ଥା ହୋଇଛି। ଅନୁରୂପ ଭାବେ ପ୍ରତି ୨୫୦ ମିଟରରେ ସିସିଟିଭି କ୍ୟାମେରା ଲଗାଯାଇଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଲାହୁଲ ଉପତ୍ୟକାର ଶିଶୁ ଓ ମନାଲିର ସୋଲାଙ୍ଗଠାରେ ଦୁଇଟି ସାଧାରଣ ସଭାକୁ ଉଦ୍‌ବୋଧନ ଦେଇଛନ୍ତି। ଅଟଳ ଟନେଲ ଲୋକାର୍ପଣ ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ସୁଧ ଉପରେ ...

ନ୍ୟାୟାଳୟଙ୍କୁ ଦେଇଥିବା ସତ୍ୟପାଠରେ କହିଛନ୍ତି, କ୍ଷୁଦ୍ର ଋଣଗ୍ରହୀତାଙ୍କ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି। ସୁଧ ଉପରେ ସୁଧ ଛାଡ ଯୋଗୁ ବ୍ୟାଙ୍କଗୁଡିକ ଉପରେ ପଡିବାକୁ ଥିବା ବୋଝକୁ ସରକାର ବହନ କରିବେ। ଏଥିପାଇଁ ପାର୍ଲାମେଣ୍ଟର ମଞ୍ଜୁରୀ ମଧ୍ୟ ସରକାର ନେବେ। ଏହି ମାମଲାରେ ଆବେଦନକାରୀ କହିଥିଲେ ଯେ, ୬ ମାସର ସମ୍ପୂର୍ଣ୍ଣ ସୁଧ ଛାଡ଼, ମୋରାଟୋରିୟମ ମାମଲାରେ ସୁଧ ଉପରେ ଲାଗୁ ହେଉଥିବା ସୁଧ ଛାଡ଼ ଏବଂ ଲୋକମାନେ ବୃହତ୍ ସଂଖ୍ୟାରେ ଚାକିରି ହରାଇଥିବାରୁ ଋଣ କିସ୍ତି ପଇଠ କ୍ଷେତ୍ରରେ ଅଧିକ ଆଶ୍ୱସ୍ତି ପ୍ରଦାନ କରାଯାଉ।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମୋରାଟୋରିୟମ ଅବଧିର ସବୁ ବର୍ଗର ଋଣ ଉପରେ ଲାଗୁ ହେଉଥିବା ସୁଧ ଯଦି ଛାଡ ହୁଏ ତେବେ ବ୍ୟାଙ୍କଗୁଡିକ ଉପରେ ୬ ଲକ୍ଷ କୋଟି ଟଙ୍କାର ବୋଝ ପଡିବ। ଫଳରେ ବ୍ୟାଙ୍କଗୁଡିକର ମୋଟ ସମ୍ପତ୍ତି ଉପରେ ଏହାର ପ୍ରଭାବ ପଡିବା ସହ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଦୋହଲିଯିବ। ଏହାକୁ ଧ୍ୟାନରେ ରଖି କେବଳ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ବ୍ୟାଙ୍କିଙ୍ଗ୍ ଶିଳ୍ପର ସୂଚନା ମୁତାବକ, କେନ୍ଦ୍ରର ଏହି ଯୋଜନା ମୁତାବକ, ସୁଧ ଉପରେ ସୁଧ ଛାଡ ହେଲେ ୫ରୁ ୬ ହଜାର କୋଟି ଟଙ୍କାର ବୋଝ ପଡିବ। ସେହିଭଳି ବିଭିନ୍ନ ବର୍ଗର ଋଣଗ୍ରହୀତାଙ୍କ ସୁଧ ଉପରେ ସୁଧ ଛାଡ ହେଲେ ପ୍ରାୟ ୧୫ ହଜାର କୋଟି ଟଙ୍କାର ବୋଝ ପଡିବ। କେନ୍ଦ୍ର ସରକାର ଏହାକୁ ସାମାଜିକ ଜନମଙ୍ଗଳ ଉପାୟରେ ଭରଣା କରିପାରିବେ ବୋଲି ବ୍ୟାଙ୍କର୍ସ ମତ ରଖିଛନ୍ତି। ସୁଧ ଉପରେ ଲାଗୁ ହେଉଥିବା ସୁଧ ପ୍ରସଙ୍ଗରେ ବିଚାର କରିବା ଲାଗି କେନ୍ଦ୍ର ସରକାର ପୂର୍ବତନ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରାଜୀବ ମେହର୍ଷିଙ୍କ ଅଧ୍ୟକ୍ଷତାରେ ୩ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଥିଲେ।

### ପୀଡ଼ିତାଙ୍କ ପରିବାରକୁ ....

ଦଳିତ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରିୟଙ୍କା କହିଛନ୍ତି। ସେହିପରି ପୀଡ଼ିତାଙ୍କ ପରିବାରର ସ୍ୱରକୁ କୌଣସି ଶକ୍ତି ଚପାଇଦେଇପାରିବ ନାହିଁ ବୋଲି ରାହୁଲ୍ କହିଛନ୍ତି। ଅପରପକ୍ଷରେ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଯୋଗୀ ଆଦିତ୍ୟନାଥ ସରକାର ସୁପାରିସ କରିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ଜଣାଯାଇଛି।

ଶନିବାର ପୂର୍ବାହ୍ନରେ ରାହୁଲ୍ ଏବଂ ପ୍ରିୟଙ୍କା ନୂଆଦିଲ୍ଲୀଠାରୁ ୧୮୦ କିଲୋମିଟର ଦୂର ହାଥରସ୍ ଅଭିମୁଖେ ବାହାରିଥିଲେ। ଦିଲ୍ଲୀ ଉତ୍ତରପ୍ରଦେଶ ସୀମାରେ ଥିବା ଦିଲ୍ଲୀ-ନଏଡା ଡାଇରେକ୍ଟ(ଡିଏନ୍‌ଡି) ଟୋଲ୍ ପ୍ଲାଜା ନିକଟରେ ଉଭୟଙ୍କୁ ପୋଲିସ ଅଟକାଇଥିଲା। ଏପରି କି ରାହୁଲଙ୍କ ସହ ଯାଉଥିବା କଂଗ୍ରେସ ଏମ୍‌ପିମାନଙ୍କୁ ମଧ୍ୟ ଅଟକାଯାଇଥିଲା। ପ୍ରାୟ ୫ଘଣ୍ଟା ଧରି ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆଲୋଚନା ପରେ ପ୍ରଶାସନ କେବଳ ୫ଜଣଙ୍କୁ ଯିବାକୁ ଅନୁମତି ଦେଇଥିଲା। ଏହା ପରେ ରାହୁଲ୍, ପ୍ରିୟଙ୍କା ହାଥ୍ରାସ ଅଭିମୁଖେ ବାହାରିଥିଲେ। ପୂର୍ବରୁ ଗୁରୁବାର ରାହୁଲ୍ ଓ ପ୍ରିୟଙ୍କା ହାଥ୍‌ରସ ଅଭିମୁଖେ ବାହାରିଥିବାବେଳେ ପୋଲିସ ତାଙ୍କୁ ଅଧବାଟରେ ଅଟକାଇଥିଲା। ଏପରି କି ପୋଲିସ ଓ ରାହୁଲ୍‌ଙ୍କ ମଧ୍ୟରେ ବଚସା ହେଉଥିବାବେଳେ ରାହୁଲ୍ ତଳେ ପଡ଼ିଯାଇଥିଲେ। ପରେ ରାହୁଲ୍ ଓ ପ୍ରିୟଙ୍କାଙ୍କୁ ପୋଲିସ ଅଟକ ରଖି ନୂଆଦିଲ୍ଲୀ ଫେରାଇ ଦେଇଥିଲା।

ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ଘଟଣାର ପ୍ରାଥମିକ ତଦନ୍ତ ଶେଷ କରିଛନ୍ତି ବୋଲି ହାଥରସ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରି ପୀଡ଼ିତାଙ୍କ ଗାଁକୁ କାହାରିକୁ ଯିବାକୁ ଅନୁମତି ଦିଆ ନ ଯିବା ପାଇଁ ଯେଉଁ ବ୍ୟାରିକେଡ ଲଗାଯାଇଥିଲା, ତାକୁ ୨ଦିନ ପରେ ହଟାଇ ଦିଆଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପୀଡ଼ିତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ମିଳିଛି। ହାଥ୍‌ରସ୍ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପଠାଯାଇଛି। ଏପରି କି ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଅୱନିଶ ଅୱସ୍ଥି ଏବଂ ପୋଲିସ ମହାନିର୍ଦ୍ଦେଶକ ଏଚ୍.ସି. ଅୱସ୍ଥିଙ୍କୁ ପୀଡ଼ିତାଙ୍କ ପରିବାକୁ ଭେଟିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୧୪ ତାରିଖରେ ପୀଡ଼ିତା ଯୁବତୀ ମା'ଙ୍କ ସହ ଚାଷ ଜମିକୁ ଯାଉଥିବାବେଳେ ୪ଜଣ ଯୁବକ ତାଙ୍କୁ ଅପହରଣ କରି ନେଇ ଗଣବଳାତ୍କାର କରିବା ସହ ତଣ୍ଟି ଚିପି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ଗତ ୨୯ତାରିଖରେ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ରାତାରାତି ପୋଲିସ ମୃତଦେହକୁ ପୋଡ଼ି ଦେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

### ଲଘୁଚାପ: ୭ ଯାଏ ...

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖ ସକାଳୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ବାଲେଶ୍ୱର, ଭଦ୍ରକ, କୋରାପୁଟ ଏବଂ ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖ ସକାଳ ୮ଟା ୩୦ରୁ ୭ ତାରିଖ ସକାଳ ୮ଟା ୩୦ ଯାଏ କୋରାପୁଟ, ନବରଙ୍ଗପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ନୂଆପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ବୌଦ୍ଧ ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୮ ତାରିଖରୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହୁଛି। ଆସନ୍ତା ୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭନ୍ନ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରେମୁଣାରେ ୧୦ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନୀଳଗିରିରେ ୯, ବାଲେଶ୍ୱର ୮, ସୋର ୭, ବେତନଟୀ ୫, ତିହିଡ଼ି ୫, ଚାନ୍ଦବାଲି ୫, କଟକ ୫, ପାଇକମାଳ ୪, ଭଦ୍ରକ ୪, ଗୋବିନ୍ଦପୁର୪, ଖରିଆର ୪, କଣ୍ଟାପଡ଼ା ୪, ବିଞ୍ଝାରପୁର ୪, ଜଗତ୍‌ସିଂହପୁରରେ ୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

# ଲକ୍‌ଡାଉନର ସଦୁପଯୋଗ କରି ଚର୍ଚ୍ଚାରେ ସୁଧନ୍ୟା

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** କରୋନା ପାଇଁ ସାରା ଦେଶରେ ଦୀର୍ଘଦିନ ଧରି ଲକ୍‌ଡାଉନ୍ ଜାରି ରହିଥିଲା। ସ୍କୁଲ୍, କଲେଜଠୁ ଆରମ୍ଭ କରି କଳକାରଖାନା ସବୁକିଛି ବନ୍ଦ ହୋଇଯାଇଥିଲା। ଛାତ୍ରୀଛାତ୍ରମାନେ ପାଠପଢ଼ା ଛାଡ଼ି ଘରେ ରହିବାରୁ ବହୁ ମୂଲ୍ୟବାନ ସମୟ ନଷ୍ଟ ହୋଇଥିଲା। ହେଲେ ଏହି ସମୟର ସଦୁପଯୋଗ କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ ଓଡ଼ିଆ ଝିଅ। ସେ ହେଲେ ଡାକ୍ତର ସୁଧନ୍ୟା ନାଥ। ୩ଶହରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ସାର୍ଟିଫିକେଟ ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।



> ପାଇଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଜାତୀୟ, ଅନ୍ତର୍ଜାତୀୟ ସାର୍ଟିଫିକେଟ୍

ସୁଧନ୍ୟାଙ୍କ ଘର ଭୁବନେଶ୍ୱରରେ। ୨୦୧୭ରେ ଓୟୁଏଟିରୁ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ସ୍ନାତକ ସାରିବା ପରେ ୨୦୧୯ରେ ଆସାମ କୃଷି ବିଶ୍ୱବିଦ୍ୟାଳୟରୁ ଆନିମଲ ନ୍ୟୁଟ୍ରିଶନରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ବର୍ତ୍ତମାନ ସେ ପଶ୍ଚିମବଙ୍ଗ ପ୍ରାଣୀ ଏବଂ ମତ୍ସ୍ୟ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ସ୍କଲାର। ତେବେ ଦେଶବ୍ୟାପୀ କରୋନା କଟକଣା ଲାଗୁ ହେବା ପରଠୁ ସେ ନିଜ ଘରେ ମା' ବାପାଙ୍କ ସହ ରହୁଛନ୍ତି। ଲକ୍‌ଡାଉନର ପ୍ରଥମ କିଛିଦିନ ସାଧାରଣ ଝିଅଙ୍କ ପରି ଲାପ୍‌ଟପ୍‌ରେ ଫିଲ୍ମ ଦେଖିବାରେ ସମୟ ଗଲା। କିନ୍ତୁ ସେଥିରେ ସୁଧନ୍ୟାଙ୍କ ମନ ମାନିଲା ନାହିଁ। ପ୍ରଥମେ ସୋସିଆଲ ମିଡିଆରୁ ଏକ ୱେବିନାରରେ ଭାଗ ନେଇ ଏକ ସାର୍ଟିଫିକେଟ ପାଇଲେ। ଏହାପରେ ସମୟର ଠିକ୍ ଉପଯୋଗ ପାଇଁ ବିଭିନ୍ନ ୱେବିନାର, ଅନ୍‌ଲାଇନ କମ୍ପିଟିଶନ, ୱାର୍କସପରେ ଭାଗ ନେଇ ଚାଲିଲେ। ନୂଆ ନୂଆ କଥା ଜାଣିବାକୁ ଶତାଧିକ ଇଭେଣ୍ଟରେ ଭାଗନେଇ ସାର୍ଟିଫିକେଟ ସହ ପୁରସ୍କାର ମଧ୍ୟ ପାଇଲେ। ଏସବୁ ଇଭେଣ୍ଟ ମଧ୍ୟରେ ଭେଟେରୀନାରି ବିଜ୍ଞାନର ବିଷୟକୁ ନେଇ ୱେବିନାର, ଟ୍ରେନିଂ, ୱାର୍କଶପ୍, କନଫରେନ୍ସ, କୁଇଜ ସମେତ ଅନ୍ୟ ବିଷୟ ଯଥା ଫୋଟୋଗ୍ରାଫି, ଭିଡିଓଗ୍ରାଫି, ରୋଷେଇ, ଚିତ୍ରକଳା, ସଙ୍ଗୀତ, ଟ୍ରେଜର ହଣ୍ଟ, କ୍ରାକିଂ କ୍ରସ ୱାର୍ଡ, ରିଡିଲ ଇତ୍ୟାଦି ରହିଛି। ଏଯାବତ୍ ସୁଧନ୍ୟା ୩୧୭ଟି ସାର୍ଟିଫିକେଟ ହାସଲ କରିଥିବାବେଳେ ଏହା ଏକ ରେକର୍ଡ ବୋଲି କୁହାଯାଉଛି। ଏହାଛଡା 'ପଶୁଧନ ପ୍ରହରୀ' ଓ 'ବିଜ୍ଞାନ ମିତ୍ର' ଭଳି ଅନ୍ତର୍ଜାତୀୟ ପତ୍ରିକାରେ ୧୧ଟି ଲେଖା ପ୍ରକାଶିତ କରି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ଏନେଇ ସୁଧନ୍ୟା କୁହନ୍ତି, ରେକର୍ଡ ତାଲିକାରେ ସ୍ଥାନ ପାଇବା ମୋର ଲକ୍ଷ୍ୟ ନ ଥିଲା। ସମୟକୁ ମୂଲ୍ୟଯୁକ୍ତ କରିବା ପାଇଁ ଏହା ଏକ ଉଦ୍ୟମ ଥିଲା। ଏବେ ମୋର ଜୁନିୟରମାନେ ମୋ ଦ୍ୱାରା ଅନୁପ୍ରାଣିତ ହୋଇ ୱେବିନାର ଓ କମ୍ପିଟିଶନ ଆଦିରେ ଭାଗ ନେଉଥିବାରୁ ମୋତେ ଆତ୍ମତୃପ୍ତି ଦେଇଛି। ସୂଚନାଯୋଗ୍ୟ, ସୁଧନ୍ୟା ହେଉଛନ୍ତି ଓୟୁଏଟି ଭେଟେରିନାରୀ କଲେଜର ସର୍ଜରୀ ଓ ରେଡିଓଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡାକ୍ତର ଇନ୍ଦ୍ରମଣି ନାଥ ଓ ମାତା କମଳା ନେହେରୁ କଲେଜର ଓଡ଼ିଆ ବିଭାଗର ରିଡର ଡ. ଶାଶ୍ୱତୀ ସୌମ୍ୟା ସାହୁଙ୍କ ଜ୍ୟେଷ୍ଠା କନ୍ୟା। ସୁଧନ୍ୟା ନିଜର ଏହି କୃତିତ୍ୱ ପାଇଁ ମା'ଙ୍କୁ ଅଧିକ ଶ୍ରେୟ ଦିଅନ୍ତି।

# ବାଙ୍ଗାଲୋରର ସହଜ ବିଜୟ

ଆବୁଧାବି,୩।୧୦ (ପି.ଟି.)

ଅଧିନାୟକ ବିରାଟ କୋହଲି ଶେଷରେ ଫର୍ମକୁ ଫେରିଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ କୋହଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୮ ଉଇକେଟରେ ବିଜୟୀ କରାଇଛନ୍ତି। ଯୁବ ଓପନର ଦେବଦତ୍ତ ପଡିକାଲ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି କୋହଲିଙ୍କୁ ରନ୍ ଚେଜ୍‌ରେ ସହଯୋଗ କରିଥିଲେ।

ସ୍ଥାନୀୟ ଶେଖ ଜାଏଦ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ବ୍ୟାଟିଂ କରି

## କୋହଲି, ପଡିକାଲଙ୍କ ଅର୍ଦ୍ଧଶତକ

୬ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍ଗାଲୋର ୧୯.୧ ଓଭରରେ ୨ ଉଇକେଟ ହରାଇ ୧୫୮ ରନକରି ଅତି ସହଜରେ ବିଜୟ ହାସଲ କରିଛି। ମାତ୍ର ୨୪ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ବାଙ୍ଗାଲୋର ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୫ ରନର ସାଧାରଣ ଟାର୍ଗେଟର ପିଛା କରି ବାଙ୍ଗାଲୋର ପ୍ରଥମେ ଓପନର ଆରୋନ ଫିଞ୍ଚଙ୍କୁ ହରାଇଥିଲା। ଫିଞ୍ଚ୍ ମାତ୍ର ୮ ରନ କରିଥିବା ବେଳେ ଶ୍ରେୟାସ ଗୋପାଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ପଡିକାଲ ୪୫ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୧ ଛକା ସହ ୬୩ ରନ କରି ଜୋଫ୍ରା ଆର୍ଚରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅଭିଜ୍ଞ ଏବି ଡିଭିଲର୍ସ ୧୨ ଓ କୋହଲି ୫୩ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହ ୭୨ ରନର ଅପରାଜିତ ଇନିଂସ ଖେଳି ଦଳକୁ ଜିତାଇଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଆର୍ଚର ଓ ଗୋପାଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୩୧ ରନରେ ୩ ଉଇକେଟ ହରାଇଥିଲା। ଦଳ ତରଫରୁ ମହିପାଲ ଲୋମରର ସର୍ବାଧିକ ୪୭ ରନ ସଂଗ୍ରହ କରିଥିଲେ। ବାକି ବ୍ୟାଟ୍ସମ୍ୟାନମାନେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଜୋଶ ବଟଲର ୨୨, ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୫, ସଞ୍ଜୁ ସାମସନ ୪, ରବିନ ଉଥାପ୍ପା ୧୭, ରିୟାନ ପରାଗ ୧୬ ରନ କରି ଆଉଟ ହୋଇଥିଲେ। ସପ୍ତମ ଉଇକେଟରେ ଚର୍ଚ୍ଚିତ ଖେଳାଳି ରାହୁଲ ଟେୱାଟିଆ ଓ ଆର୍ଚର ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ୨୧ଟି ବଲର ସମ୍ମୁଖୀନ ହୋଇ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୪୦ ରନ କରି ଦଳର ସ୍କୋରକୁ ଦେଢ଼ଶହ ରନ ପାର କରାଇଥିଲେ। ୩ ଛକା ସହ ଟେୱାଟିଆ ୧୨ ବଲରୁ ୨୪ ଓ ଆର୍ଚର ଗୋଟଏ ଲେଖାଏ ଚୌକା ଓ ଛକା ସହ ୧୦ ବଲରୁ ୧୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ସର୍ବାଧିକ ୩, ଇସୁରୁ ଉଡାନା ୨ ଓ ନବଦୀପ ସଇନି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


୭୨ ରନ୍‌ର ଅପରାଜିତ ଇନିଂସ୍ ଅବସରରେ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୪/୬, (ଲୋମରର- ୪୭, ବଟଲର- ୨୨, ଟେୱାଟିଆ ୨୪*, ଆର୍ଚର-୧୬*, ଉଥାପ୍ପା- ୧୭, ପରାଗ- ୧୬, ଚହଲ- ୩/୨୪, ଉଡାନା- ୨/୪୧, ସଇନି- ୧/୩୭)।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୧ ଓଭରରେ ୧୫୮/୨, (କୋହଲି- ୭୨*, ଡିଭିଲର୍ସ-୧୨*, ପଡିକାଲ- ୬୩, ଆର୍ଚର- ୧/୧୮, ଗୋପାଲ- ୧/୨୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୫୮୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୩ | ୧ | ୬ | -୦.୯୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | +୧.୦୯୪ |
| ସନ୍‌ରାଇଜର୍ସ | ୪ | ୨ | ୨ | ୪ | -୦.୦୮୪ |
| ନାଇଟ ରାଇଡର୍ସ | ୪ | ୨ | ୨ | ୪ | -୦.୧୨୧ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୩୧୭ |
| କିଙ୍ଗ୍ସ ଇଲେଭେନ | ୪ | ୧ | ୩ | ୨ | +୦.୫୨୧ |
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୧ | ୩ | ୨ | -୦.୭୧୯ |

## ଆଇପିଏଲ୍

(ରବିବାର ମ୍ୟାଚ୍)

**ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ**
**ସ୍ଥାନ:** ଶାରଜା, **ସମୟ:** ଅପରାହ୍ନ ୩ଟା ୩୦

**କିଙ୍ଗ୍ସ ଇଲେଭେନ ବନାମ ସୁପରକିଙ୍ଗ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ଆଜି ମୁମ୍ବାଇ-ହାଇଦ୍ରାବାଦ୍, ଚେନ୍ନାଇ-ପଞ୍ଜାବ ମୁକାବିଲା

**ଦୁବାଇ,୩।୧୦(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯିବ। ଆଇପିଏଲ୍‌ର ଏହି ଦ୍ୱିତୀୟ ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ଡେଭିଡ୍ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ମୁକାବିଲାରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ଲୋକେଶ ରାହୁଲଙ୍କ କିଙ୍ଗ୍ସ ଏକାଦଶ ପଞ୍ଜାବ ମୁହାଁମୁହିଁ ହେବେ।

## ଆତ୍ମବିଶ୍ୱାସରେ ଭରପୂର ମୁମ୍ବାଇ

ବିସ୍ଫୋରକ ବ୍ୟାଟିଂ ଓ ପ୍ରଭାବୀ ବୋଲିଂକୁ ନେଇ ଗତଥରର ଚାମ୍ପିୟନ ମୁମ୍ବାଇ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଛି। ବିଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ହାଇଦ୍ରାବାଦଠାରୁ ମୁମ୍ବାଇ ଦୁଇପାଦ ଆଗରେ ରହିଛି। ମୁମ୍ବାଇ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳିଛି। ଏଥିରେ ୨ଟି ଲେଖାଏ ମ୍ୟାଚ୍‌ରେ ମୁମ୍ବାଇ ବିଜୟୀ ହେବା ସହ ପରାଜୟ ବରଣ କରିଛି। ଦଳ ୪ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଉନ୍ନତ ନେଟ୍ ରନ୍ ରେଟ୍ କାରଣରୁ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ଗତ ମ୍ୟାଚ୍‌ରେ ପଞ୍ଜାବକୁ ହରାଇଥିଲା। ତେଣୁ ମୁମ୍ବାଇ ଦଳରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ଅଧିନାୟକ ରୋହିତ ଶର୍ମାଙ୍କ ସମେତ ଅନ୍ୟ ତାରକା ବ୍ୟାଟ୍ସମ୍ୟାନ ଫର୍ମରେ ରହିଛନ୍ତି।


ଡେଭିଡ୍ ୱାର୍ନର ଓ ରୋହିତ୍ ଶର୍ମା।

ଅନ୍ୟପଟେ ହାଇଦ୍ରାବାଦ ସମାନ ୪ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୨ ପରାଜୟ ସହ ୪ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନ୍ ରେଟ୍ କାରଣରୁ ଚତୁର୍ଥ ସ୍ଥାନରେ ରହିଛି। ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଆହତ ହେବା ଦଳ ପାଇଁ ଚିନ୍ତା ସୃଷ୍ଟି କରିଛି। କେନ୍ ୱିଲିୟମସନ ଦଳରେ ସାମିଲ ହେବା ପରେ ହାଇଦ୍ରାବାଦ ବ୍ୟାଟିଂ ଲାଇନ୍ ଆହୁରି ଦୃଢ ହୋଇଛି। ଯୁବ ଖେଳାଳି ଦଳ ପାଇଁ ନୂଆ ଆଶା ସୃଷ୍ଟି କରିଛନ୍ତି। ଟୁର୍ନାମେଣ୍ଟର ଏହି ୧୭ତମ ମୁକାବିଲା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଶାରଜା କ୍ରିକେଟ ଷ୍ଟାଡିୟମର ବାଉଣ୍ଡାରି ଅପେକ୍ଷାକୃତ ଛୋଟ ହୋଇଥିବାରୁ ଏହି ମ୍ୟାଚ୍‌ରେ ଛକା ଓ ଚୌକା ବୃଷ୍ଟି ହେବା ସମ୍ଭାବନା ରହିଛି।

## ଚାପରେ ଚେନ୍ନାଇ

କ୍ରମାଗତ ୩ଟି ପରାଜୟ ପରେ ଧୋନୀ ଓ ତାଙ୍କ ଦଳ ଚେନ୍ନାଇ ଚାପରେ ରହିଛନ୍ତି। ଗତ ସଂସ୍କରଣଗୁଡିକରେ ଦଳ ଟୁର୍ନାମେଣ୍ଟ ଆରମ୍ଭରୁ ପଏଣ୍ଟ ତାଲିକାର ଶୀର୍ଷରେ ରହିଆସୁଥିବା ବେଳେ ଏଥର କିନ୍ତୁ କଥା ଅଲଗା ହୋଇଛି। ଚେନ୍ନାଇ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଗୋଟିଏରେ ବିଜୟୀ ହୋଇଥିବା ବେଳେ ୩ଟିରେ ପରାଜୟବରଣ କରି ୨ ପଏଣ୍ଟ ପାଇଁ ନିମ୍ନରେ ରହିଛି। ସବୁ ସୁବିଧା ସୁଯୋଗ ଥାଇ ମଧ୍ୟ ଦଳ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ତେଣୁ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଅଧିନାୟକ ଧୋନୀ ନୂଆ ରଣନୀତି ଆପଣାଇବେ ବୋଲି ଆଶା କରାଯାଉଛି। ଗତ ମ୍ୟାଚ୍‌ରେ ଦଳ ହାଇଦ୍ରାବାଦଠାରୁ କେତୋଟି ତ୍ରୁଟି ପାଇଁ ପରାସ୍ତ ହୋଇଥିଲା। ଦଳରେ କେତୋଟି ପରିବର୍ତ୍ତନ କରିଥିଲେ ମଧ୍ୟ ଚେନ୍ନାଇ ବିଜୟୀ ହୋଇପାରି ନ ଥିଲା। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଫେଲ୍ ହେବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଫଳରେ ଧୋନୀ ପ୍ରବଳ ଚାପରେ ରହିଛନ୍ତି। ଭଲ ବ୍ୟାଟିଂ କରୁଥିଲେ ବୋଲିଂ ଦୁର୍ବଳତା ପାଇଁ ଚେନ୍ନାଇ ହାଇସ୍କୋରିଂ ମ୍ୟାଚ୍‌ରେ ପରାସ୍ତ ହୋଇଛି।

ଅପରପକ୍ଷରେ ପଞ୍ଜାବ ମଧ୍ୟ ସମାନ ୪ଟି ମ୍ୟାଚ୍ ଖେଳି ଗୋଟିଏରେ ବିଜୟୀ ହେବା ସହ ୩ଟି ପରାଜୟବରଣ କରିଛି। ଦଳ ୨ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ନେଟ୍ ରନ୍ ରେଟ୍‌ରେ ଚେନ୍ନାଇ ଉପରେ ରହି ସପ୍ତମ ସ୍ଥାନରେ ରହିଛି।

# ଆଇପିଏଲ୍‌ରେ ଦୁର୍ନୀତି: ଏସିୟୁର ତଦନ୍ତ

ନୂଆଦିଲ୍ଲୀ, ୩।୧୦ (ପି.ଟି.)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳୁଥିବା ଜଣେ କ୍ରିକେଟରଙ୍କୁ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ହେବା ଲାଗି ପ୍ରଲୋଭିତ କରାଯାଇଥିବା ଅଭିଯୋଗ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ) ଏହା ଉପରେ ନଜର ରଖିଥିବାବେଳେ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛି। ଆଇପିଏଲ୍‌ର ୧୩ତମ ସଂସ୍କରଣ ୟୁଏଇରେ ଜୈବ-ସୁରକ୍ଷିତ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି। ଏପରିସ୍ଥଳରେ ଜେଣ ଖେଳାଳିଙ୍କୁ ସିଧାସଳଖ ଆପ୍ରୋଚ୍ କରିବା ସହଜ ନୁହେଁ। କେବଳ ଅନ୍‌ଲାଇନ୍ ନେଟୱର୍କ ଦ୍ୱାରା ସମ୍ଭବ ହୋଇପାରେ। ବିସିସିଆଇ ଏସିୟୁ ମୁଖ୍ୟ ଅଜିତ୍ ସିଂ ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଦୁର୍ନୀତିରେ ଲିପ୍ତ ହେବା ଲାଗି ଆପ୍ରୋଚ କରିଥିବା ବ୍ୟକ୍ତିଙ୍କୁ ଟ୍ରାକିଂ କରାଯାଉଛି। ତାଙ୍କର କି ସ୍ୱାର୍ଥ ରହିଛି ତାହା ଯାଞ୍ଚ କରାଯାଉଛି। ଦୁର୍ନୀତି ନିବାରଣ ପ୍ରୋଟୋକଲ ଅନୁସାରେ ଗୋପନୀୟତା ଦୃଷ୍ଟିରୁ ବର୍ତ୍ତମାନ ଖେଳାଳି (ଭାରତୀୟ ଅବା ବିଦେଶୀ) ଅବା ଫ୍ରାଞ୍ଚାଇଜ୍ ନାମ ପ୍ରକାଶ କରାଯାଇ ନାହିଁ। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ବାୟୋ-ବବଲ ପରିବେଶରେ ଅବସ୍ଥାନ କରୁଛନ୍ତି। ତେଣୁ ଯଥା ସମ୍ଭବ ଅନ୍‌ଲାଇନରେ ଦୁର୍ନୀତି ଆପ୍ରୋଚ୍ ସମ୍ଭବନା ଥିବାରୁ ଏସିୟୁ ତାହା ଉପରେ ନଜର ରଖିଛି। ଅଧିକାଂଶ ବିଶେଷ କରି ଯୁବ ଖେଳାଳିମାନେ ଇନ୍‌ଷ୍ଟାଗ୍ରାମ୍ ଓ ଟ୍ୱିଟର ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଅଜ୍ଞାତ ବ୍ୟକ୍ତିଙ୍କ ପ୍ରଲୋଭନର ହେବାର ଆଶଙ୍କା ରହିଛି। ଯେଉଁ ଖେଳାଳିଙ୍କୁ ଆପ୍ରୋଚ୍ କରାଯାଇଥିଲା ସେ ତୁରନ୍ତ ଏ ବିଷୟରେ ଏସିୟୁକୁ ଅବଗତ କରିଛନ୍ତି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଟୁର୍ନାମେଣ୍ଟ ପୂର୍ବରୁ ପ୍ରତ୍ୟେକ ଖେଳାଳି ଏପରିକି ୧୯ବର୍ଷରୁ କମ୍ ଖେଳାଳିଙ୍କୁ ଦୁର୍ନୀନି ନିବାରଣ ପ୍ରୋଟୋକଲ୍ ସମ୍ପର୍କରେ ସଚେତନ କରାଯାଇଛି। ସିଂଙ୍କ ନେତୃତ୍ୱରେ ଏକ ୮ ଜଣିଆ ଦଳ ୟୁଏଇରେ ଡେରା ପକାଇଛନ୍ତି। ବିସିସିଆଇ ୟୁକେର ସ୍ପୋର୍ଟରାଡାର ନାମକ ଏକ କମ୍ପାନୀ ସହ ଚୁକ୍ତି କରିଛି। ଏହା ଫ୍ରଡ୍ ଡିଟେକ୍ସନ ସର୍ଭିସ ଯୋଗାଇ ଦେବ। ଆଇପିଏଲ୍ ବେଳେ ବେଟିଂ ଓ ଅନ୍ୟାନ୍ୟ ଦୁର୍ନୀତି କାର୍ଯ୍ୟ ରୋକିବା କ୍ଷେତ୍ରରେ ଏହା ସହାୟତା କରିବ।

# ଶୀର୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ

ଶାରଜା,୩।୧୦(ପି.ଟି.)

ଅଧିନାୟକ ଶ୍ରେୟାସ ଆୟାରଙ୍କ ବିସ୍ଫୋରକ ବ୍ୟାଟିଂ ଓ ଓପନର ପୃଥ୍ୱୀ ଶ'ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ରନ୍‌ରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୧୬ତମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୪ ଉଇକେଟ ବିନିମୟରେ ୨୨୮ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ୨୧୦ ରନ କରି ପରାସ୍ତ ହୋଇଛି।

## ଶ୍ରେୟାସ ଆୟାର ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଏଥିସହ ଦିଲ୍ଲୀ ମୋଟ୍ ୬ ପଏଣ୍ଟ ହାସଲ କରି ଉନ୍ନତ ରନ୍ ରେଟ୍‌ରେ ତାଲିକାର ଶୀର୍ଷକୁ ଉଠିଛି। ଅପେକ୍ଷାକୃତ ଏହି ଛୋଟ ଗ୍ରାଉଣ୍ଡରେ ଛକା, ଚୌକାର ବୃଷ୍ଟି ହୋଇଥିଲା। ୨୨୯ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି କୋଲକାତା ଅବଶ୍ୟ ସଂଘର୍ଷ କରିଥିଲା। ଦଳ ତରଫରୁ ନୀତୀଶ ରାଣା ୫୮, ଶୁବମନ ଗିଲ୍ ୨୮, ଅନ୍ଦ୍ରେ ରସେଲ ୧୩, ଅଧିନାୟକ ଦୀନେଶ କାର୍ତ୍ତିକ ୬, ପ୍ୟାଟ୍ କମିନ୍ସ ୫, ସୁନୀଲ ନାରିନ ୩, ଇଅନ ମୋର୍ଗାନ ଦ୍ରୁତ ୪୪, ରାହୁଲ ତ୍ରିପାଠୀ ୩୬ ରନକରି ଆଉଟ ହୋଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଅନରିଚ୍ ନୋର୍ଜ ୩, ହର୍ଷଲ ପଟେଲ ୨, କାଗିସୋ ରାବାଡା, ମାର୍କସ ଷ୍ଟୋଇନିସ୍ ଓ ଅମିତ ମିଶ୍ରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ତରଫରୁ ଦୁଇ ଓପନର ଶିଖର ଧାୱନ ଓ ପୃଥ୍ୱୀ ଶ ଦ୍ରୁତ ଗତିରେ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ଅଭିଜ୍ଞ ଧାୱନ ୧୬ ବଲରୁ ୨ ଚୌକା ଓ ୨ ଛକା ସହ ୨୬ ରନ କରି ବରୁନ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଇଅନ ମୋର୍ଗାନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଯୁବ ଓପନର ପୃଥ୍ୱୀ ୪ ଚୌକା ଓ ୪ ଛକା ସହ ୪୧ ବଲରୁ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି କମଲେଶ ନାଗରକୋଟିଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇଥିଲେ। ଉଇକେଟକିପର ରିଷଭ ପନ୍ତ ମଧ୍ୟ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରି ୧୭ ବଲରୁ ୫ ଚୌକା ଓ ୧ ଛକା ସହ ୩୮ ରନ କରିଥିବା ବେଳେ ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ଶିବମ୍ ମାଭିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆୟାର ମାତ୍ର ୩୮ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୬ ଛକା ସହ ଦ୍ରୁତ ୮୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ କୋଲକାତା ତରଫରୁ ରସେଲ ୨, ବରୁଣ ଚକ୍ରବର୍ତ୍ତୀ ଓ ନାଗରକୋଟି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।


ବିସ୍ଫୋରକ ଇନିଂସ୍ ଅବସରରେ ଶ୍ରେୟାସ ଆୟାର।

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୨୮/୪ (ଆୟାର- ୮୮*, ପୃଥ୍ୱୀ- ୬୬, ପନ୍ତ- ୩୮, ଧାୱନ- ୨୬, ରସେଲ- ୨/୨୯, ନାଗରକୋଟି- ୧/୩୫, ବରୁଣ ଚକ୍ରବର୍ତ୍ତୀ-୧/୪୯)।

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୧୦/୮, (ରାଣା- ୫୮, ମୋର୍ଗାନ- ୪୪, ତ୍ରିପାଠି- ୩୬, ଶୁବମନ- ୨୮, ହର୍ଷଲ- ୨/୩୪, ରାବାଡା- ୧/୫୧, ନୋର୍ଜ- ୩/୩୩ )


## ମନେ ପଡ଼ନ୍ତି

**ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ନବ କିଶୋର ପଟ୍ଟନାୟକ
ଆବିର୍ଭାବ: ୦୧।୦୫।୧୯୪୨
ତିରୋଧାନ: ୨୪।୦୯।୨୦୨୦
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ।
ଧ-୬୮୮୩୯

**ଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ମିଛୁ ମିଶ୍ର
ଆବିର୍ଭାବ - ୦୩.୦୪.୧୯୩୩
ତିରୋଧାନ - ୨୫.୦୯.୨୦୨୦
"ପୂରୁବ ସୂରୁଜ ପଶ୍ଚିମକୁ ଗଲେ ଅନ୍ଧକାର ଆସେ ମାଡ଼ି, ତୁମେ ଗଲାପରେ ଏ ଘର ଅଗଣା ସେମିତି ରହିଛି ପଡ଼ି।।"
ନନା, ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳ, ନିରାଡ଼ମ୍ବର, କର୍ତ୍ତବ୍ୟନିଷ୍ଠ ଓ ତ୍ୟାଗପୂତ ଜୀବନାଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆଜି ପବିତ୍ର ଦଶାହତିଥି ଅବସରରେ ତୁମ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
ଦଉତୋଟା, ପ୍ରଭାତଲେନ୍, ପୁରୀ
ଧ-୧୮୪୭୪

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସିଦ୍ଧାର୍ଥ ଶଙ୍କର ଦାସ (ଧଇନ)
ଆବିର୍ଭାବ: ୧୮।୦୫।୧୯୮୪
ତିରୋଧାନ: ୨୪।୦୯।୨୦୨୦
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲ,ତୁମ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁଦିନପାଇଁ ଚିରସ୍ମରଣୀୟ ହୋଇ ରହିଛ ଓ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମା'ବିରଜାଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ଅଶୋକ ଦାସ ଫାଉଣ୍ଡେସନ୍, ଯାଜପୁର
ଧ-୧୮୪୭୯

**ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



୰ ଅଶୋକ କୁମାର ପଟ୍ଟନାୟକ
DGM, NABARD
ମାଧପୁର, କେନ୍ଦୁଝର ଗଡ଼
ଆବିର୍ଭାବ- ୧୬.୧୦.୧୯୬୦
ତିରୋଧାନ- ୨୪.୦୯.୨୦୨୦
ଅଶୋକ ତୋର ଅକାଳ ବିୟୋଗରେ ଆମେ ସମସ୍ତେ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ଆଜି ଏହି ଏକାଦଶ ତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା ତାରିଣୀଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ :
DN High School, Keonjhar (1975 Batch) ର ବନ୍ଧୁ ଓ ପରିବାରବର୍ଗ
ଧ-୧୮୪୭୮

**ଚତୁର୍ଦ୍ଦଶ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଦୀପ କୁମାର ଜେନା
ଖୋର୍ଦ୍ଧା ସଂକୀର୍ତ୍ତନ ମଣ୍ଡଳୀ ସଭାପତି
ଠିକଣା: ଲକ୍ଷ୍ମୀସାଗର, ତଳସାହି
ଜନ୍ମ ତାରିଖ: ୨୦।୦୩।୧୯୬୫
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ବିଟୁ, ଲିଟୁ, ଚିଣ୍ଟୁ, ପରିବାରବର୍ଗ ଓ ସଂକୀର୍ତ୍ତନ ମଣ୍ଡଳୀ
ଫୋନ୍ ନଂ. ୭୦୦୮୮୯୩୮୬୩
ଧ-୧୮୪୭୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଦେବେନ୍ଦ୍ର ନାଥ ଦାସ୍ (ଦେବ ବାବୁ)
ଆଇ.ଆର.ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ- ୨୮.୧୧.୧୯୩୦
ତିରୋଧାନ- ୨୪.୦୯.୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମଦନ ମୋହନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ଜ୍ୱାଇଁ-ଦେବବ୍ରତ, ଝିଅ-ତରଙ୍ଗିଣୀ ଜ୍ୱାଇଁ-ନଳିନୀ, ଝିଅ-ତନୁୟନୀ, ଜ୍ୱାଇଁ-ଶରତ, ଝିଅ-ସୀମନ୍ତିନୀ, ଜ୍ୱାଇଁ-ସତୀଶ, ଝିଅ-ଲିଜା, ଜ୍ୱାଇଁ-ଶାନ୍ତନୁ, ନୀଲ, ଅନନ୍ୟା, ଈଶା, ସମିତ୍, ପ୍ରାଞ୍ଜଳ।
ଧ-୬୯୭୭୩

# ଫ୍ୟୁଜନ୍ ଫ୍ୟାଶନ

ବିଭିନ୍ନ ୱେଷ୍ଟର୍ନ ସହିତ ଇଣ୍ଡିଆନ୍ ପୋଷାକର ଫ୍ୟୁଜନ୍ ବର୍ତ୍ତମାନ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଆଉ ଏହି ଫ୍ୟାଶନକୁ ନେଇ ଏକ୍ସପେରିମେଣ୍ଟ କରିବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି...





ଦିନକୁ ଦିନ ଫ୍ୟୁଜନ୍ ଫ୍ୟାଶନ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହାର ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ଅନେକ ବଡ଼ବଡ଼ ଫ୍ୟାଶନ୍ ଡିଜାଇନର ଏବଂ ଫ୍ୟାଶନ୍ ବ୍ରାଣ୍ଡଗୁଡ଼ିକ ବିଭିନ୍ନ ଇଣ୍ଡିଆନ୍ ଟ୍ରାଡିସ୍‌ନାଲ୍ ପୋଷାକ ସହିତ ୱେଷ୍ଟର୍ନ ୱେର୍‌କୁ ମିକ୍ସ ମ୍ୟାଚ୍ କରି ହେଉ କିମ୍ବା ଏହାକୁ ଫ୍ୟୁଜନ୍ କରି ଲାଟେଷ୍ଟ ଡିଜାଇନ୍‌ର ପୋଷାକ ମଧ୍ୟ ପ୍ରସ୍ତୁତ କରୁଥିବାର ଦେଖିବାକୁ ମିଳୁଛି। ତେବେ ଏଭଳି ଫୁଜନ୍ ଆଉଟ୍‌ଫିଟ୍‌କୁ ଅଧିକ ପସନ୍ଦ କରୁଛନ୍ତି ଆଜିର ଯୁବପିଢ଼ି। କେବଳ ଆମ ଦେଶରେ ନୁହେଁ, ଏଭଳି ଇଣ୍ଡୋ-ୱେଷ୍ଟର୍ଣ୍ଣ ଫ୍ୟୁଜନ୍ ଫ୍ୟାଶନ୍‌ର ଡିମାଣ୍ଡ ବର୍ତ୍ତମାନ ବାହାର ଦେଶଗୁଡ଼ିକରେ ମଧ୍ୟ ବଢ଼ିବାରେ ଲାଗିଛି।

**ବଦଳିଛି ଟ୍ରାଡ଼ିଶନାଲ ଫ୍ୟାବ୍ରିକ୍‌ର ଅନ୍ଦାଜ:** ଦିନ ଥିଲା ପାଟ ବା ବିଭିନ୍ନ ସିଲ୍କ, ସମ୍ବଲପୁରୀ, ଚିକନ୍‌କରି, କଲମକରି, ପସ୍‌ମୀନା, ଚନ୍ଦେରୀ, ପଇଠାନି, ଫୁଲକାରି, ଇକତ୍, କାଞ୍ଜିବରମ୍ ଖଦି ଭଳି କେବଳ କୁର୍ତ୍ତୀ, ପାଇଜାମା, ଶାଢ଼ି ଆଦି ପ୍ରସ୍ତୁତ ହେଉଥିଲା। ହେଲେ ବର୍ତ୍ତମାନ ଏସବୁକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର୍ ଟପ୍ସ, ସ୍କର୍ଟ, ପ୍ଲାଜୋ, ସେପାରେଟର୍ସ ଏବଂ ନୂଆ ଡିଜାଇନର ଶାଢ଼ି ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି। ଆମ ରାଜ୍ୟରେ ରିମ୍‌ଲୀ ମହାନ୍ତି, ନିକିତା ନାୟକ, ଧୀରେନ୍ଦ୍ର ପ୍ରତିପ ସିଂଦେଓ ଏବଂ ରୋଶନ ସାହୁ, ଜ୍ୟୋତ୍ସ୍ନା ଦାଶ, ରଶ୍ମୀ ମହାପାତ୍ରଙ୍କ ଭଳି ଫ୍ୟାଶନ୍ ଡିଜାଇନର୍‌ମାନେ ଏଭଳି ଟ୍ରାଡ଼ିଶନାଲ ଫ୍ୟାବ୍ରିକ୍‌କୁ ନେଇ ବିଭିନ୍ନ ଲାଟେଷ୍ଟ ଡିଜାଇନ୍‌ର ଫ୍ୟୁଜନ୍ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ତେବେ ବର୍ତ୍ତମାନ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ରିତୁ କୁମାର, ମନୀଷ ମାଲହୋତ୍ରା, ସନ୍ଦୀପ୍ ଖୋସ୍‌ଲା, ବିଭୁ ମହାପାତ୍ରଙ୍କ ଭଳି ବଡ଼ବଡ଼ ଫ୍ୟାଶନ୍ ଡିଜାଇନରମାନେ ମଧ୍ୟ ଏହାକୁ ବିଭିନ୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ କରି ନୂଆନୂଆ ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି। ତେବେ ଏଭଳି ଫ୍ୟୁଜନ୍ ଦ୍ୱାରା ନା କେବଳ ଟ୍ରାଡ଼ିଶନାଲ ଫ୍ୟାବ୍ରିକ୍‌ର ଅନ୍ଦାଜ ବଦଳିଯାଇଛି ବରଂ ଏସବୁ ବେଶ୍ ଆଇ କ୍ୟାଚି ହେବା ସହ ଖୁବ୍ ଲୋକପ୍ରିୟ ମଧ୍ୟ ହୋଇପାରୁଛି।

**ଟ୍ରେଣ୍ଡ ପାଲଟୁଛି ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍:** ବର୍ତ୍ତମାନ ଇଣ୍ଡିଆନ୍ ଫେବ୍ରିକ୍‌ରେ ପ୍ରସ୍ତୁତ ୱେଷ୍ଟର୍ନ ଆଉଟ୍‌ଫିଟ୍ ହେଉ ଅବା ୱେଷ୍ଟର୍ଣ୍ଣ ସହିତ ଟ୍ରାଡ଼ିଶନାଲ ଇଣ୍ଡିଆନ୍ ପୋଷାକକୁ ମିକ୍ସ ମ୍ୟାଚ୍ କରି ଦିଆଯାଉଥିବା ଲାଟେଷ୍ଟ ଡିଜାଇନ୍ ଅଧିକ ଆଇ କ୍ୟାଚି ଲାଗୁଛି। ତେଣୁ ଏହାର ଡିମାଣ୍ଡ କେବଳ ଆମ ଦେଶ ନୁହେଁ ବିଦେଶରେ ମଧ୍ୟ ବଢୁଥିବାର ଦେଖିବାକୁ ମିଳୁଛି। ପ୍ରଥମେ ଏଭଳି ପୋଷାକ ହ୍ୟାଣ୍ଡଲୁମ୍ ଏକ୍‌ଜିବିଶନ୍ ବା ହସ୍ତତନ୍ତ ପ୍ରଦର୍ଶନୀମାନଙ୍କରେ ଉପଲବ୍ଧ ହେଉଥିଲା। ହେଲେ ଏହାର ବର୍ଦ୍ଧିତ ଚାହିଦାକୁ ଆଖିଆଗରେ ରଖି ବର୍ତ୍ତମାନ ଅଧିକାଂଶ ଶପିଂମଲ୍, ଗାମେଣ୍ଟ ଶୋ' ରୁମ୍, ଫ୍ୟାଶନ୍ ହାଉସ୍, ବୁଟିକ୍ ଏବଂ ଅନ୍‌ଲାଇନ୍ ଶପିଂ ସାଇଟ୍ ଗୁଡ଼ିକରେ ଏହା ସହଜରେ ମିଳି ପାରୁଛି। ଏମିତିକି ଅନେକ ଫ୍ୟାଶନ୍ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ ପୋଷାକକୁଡ଼ିକ ଲାଗି ସ୍ୱତନ୍ତ୍ର ଶପିଂ ସାଇଟ୍ ମଧ୍ୟ ରହିଛି। ବର୍ତ୍ତମାନ କେବଳ ପର୍ବପର୍ବାଣି, ବିବାହ କିମ୍ବା କୌଣସି ଉତ୍ସବରେ ନୁହେଁ, ଏବେ ବଡ଼ବଡ଼ ଫ୍ୟାଶନ୍ ଶୋ'ରେ ବି ମଡେଲ୍‌ମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି। ବନାରସୀ ସିଲ୍କ କେବଳ ଶାଢ଼ିରେ ସୀମିତ ନାହିଁ ଏହାକୁ ପୁରୁଷମାନଙ୍କ ପାଇଜାମା, ସେରୱାନୀ ଏବଂ ଡିଜାଇନର୍ କୋଟ୍ ଆଦିରେ ଅଧିକ ବ୍ୟବହାର କରାଯାଉଛି। ଯାହାକି ଅପେକ୍ଷାକୃତ ଟ୍ରେଣ୍ଡି ଲୁକ୍ ଦେଉଥିବାରୁ ଯୁବପିଢି ଏହାକୁ ବେଶି ପସନ୍ଦ କରୁଛନ୍ତି। ନୀତା ଲୁଲା, ରିତୁ କୁମାର ଏବଂ ଅନ୍ୟ ନାମୀ ଫ୍ୟାଶନ୍ ଡିଜାଇନରମାନେ ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ନେଇ ନୂଆନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି।



**ମିକ୍ସ ମ୍ୟାଚ୍ ସାଜୁଛି ଲାଟେଷ୍ଟ ଟ୍ରେଣ୍ଡ:** ବର୍ତ୍ତମାନ ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍‌କୁ ଭାରତୀୟ ଝଲକ ଦେବା ଲାଗି କେହି କେହି କୋହ୍ଲାପୁରୀ ଜୁତି କିମ୍ବା ଅନ୍ୟ ଏଥ୍‌ନିକ ଫୁଟ୍‌ୱେର, ଷ୍ଟୋଲ୍, ସ୍କାର୍ଫ, ଏବଂ ଟ୍ରାଡିଶନାଲ୍ ତଥା ଟ୍ରାଇବାଲ୍ ଜୁଏଲେରୀ ଭଳି ଟ୍ରାଡିଶନାଲ ଆସେସରିଜ୍ ବ୍ୟବହାର କରୁଛନ୍ତି। ସେହିପରି ଇଣ୍ଡିଆନ୍ ଡ୍ରେସ୍ ସହିତ ୱେଷ୍ଟର୍ଣ୍ଣ ଆସେସରିଜ୍ ଯେପରି ଶାଢୀ ସାଙ୍ଗକୁ ଲଙ୍ଗ୍ କୋଟ କିମ୍ବା ଧୋତିପ୍ୟାଣ୍ଟ, ଚୁଡିଦାର କୁର୍ତ୍ତା ସାଙ୍ଗକୁ ଡିଜାଇନର ଜ୍ୟାକେଟ୍, ଷ୍ଟାଇଲିସ୍ ଫୁଟୱେର ଆଦି ମିକ୍ସ ମ୍ୟାଚ୍ କରି ପିନ୍ଧିବା ବି ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି।

## ଏମାନେ ଯାହା କୁହନ୍ତି....

### ଅଧିକ ଆଇ କ୍ୟାଚି ହୋଇପାରୁଛି



ଯଦିଓ ପ୍ରତ୍ୟେକ ପାରମ୍ପରିକ ବେଶ ପୋଷାକର ମର୍ଯ୍ୟଦା ଅଲଗା, ହେଲେ ସବୁବେଳେ ଏସବୁ ପିନ୍ଧିଲେ ବୋର୍ ଲାଗେ। ତେଣୁ ବିଭିନ୍ନ ଭେରାଇଟି, ପାଟର୍ନ ଏବଂ ଷ୍ଟାଇଲ୍‌ର ଆଉଟ୍‌ଫିଟ୍‌କୁ ନେଇ ଏକ୍ସପେରିମେଣ୍ଟ କରିବାକୁ ମୋତେ ଭଲ ଲାଗେ। ଏମିତିରେ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ଅଧିକ ଆଇକ୍ୟାଚି ଲାଗୁଥିବା ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍ ୱେର୍ ମୋର ପ୍ରଥମ ପସନ୍ଦ ପାଲଟିଛି। ବିଭିନ୍ନ ଅନ୍‌ଲାଇନ୍ ସାଇଟ୍‌ରୁ ଏଭଳି ଡ୍ରେସ୍ ମଗାଉଛି। ବର୍ତ୍ତମାନ ସମ୍ବଲପୁରୀ କପଡ଼ାରେ ପସ୍ତୁତ ବିଭିନ୍ନ କୁର୍ତ୍ତୀ, ଟପ୍ସ ଆଦି ବ୍ୟବହାର କରୁଛି।

**- ଭାଗ୍ୟଶ୍ରୀ ପ୍ରଧାନ, ଛାତ୍ରୀ, ବାଲେଶ୍ୱର**

### ଅପେକ୍ଷାକୃତ ଟ୍ରେଣ୍ଡି ଲାଗୁଛି



ଇଣ୍ଡିଆନ୍ ସହିତ ୱେଷ୍ଟର୍ନ ଆଉଟ୍‌ଫିଟ୍‌ର ଫ୍ୟୁଜନ୍ ସତରେ ବେଶ୍ ଷ୍ଟାଇଲିସ୍ ଲାଗୁଛି। ତେଣୁ କୌଣସି ପାର୍ଟି, ଫଙ୍କସନ୍ ଥିଲେ ଜିନ୍ସ, ଶାର୍ଟ ସହିତ ଟ୍ରାଡ଼ିଶନାଲ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଡିଜାଇନର୍ ଜ୍ୟାକେଟ୍‌କୁ ମିକ୍ସ ମ୍ୟାଚ୍ କରି ପିନ୍ଧୁଛି। ଅଧିକ ଷ୍ଟାଇଲିସ୍ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ଏହା ସହ ଟ୍ରାଡିସନାଲ୍ ଫୁଟ୍‌ୱେର ଏବଂ ଡ଼ିଜାଇନର ଆସେସରିଜ୍ ବି ବ୍ୟବହାର କରୁଛି। ଏଭଳି ଫ୍ୟାଶନ୍ ଫ୍ୟୁଜନ୍ ଅପେକ୍ଷାକୃତି ଟ୍ରେଣ୍ଡି ଲାଗୁଛି।

**- ମନୋଜ ସାମନ୍ତ, ଭଦ୍ରକ**

## ଏ ସପ୍ତାହର ପ୍ରଶ୍ନ

୧- ଇଣ୍ଟରନ୍ୟାଶନାଲ ସାଇନ୍ ଲାଙ୍ଗୁଏଜ୍ ଡ଼େ- ୨୦୨୦ର ଥିମ୍......... ?
୨- ଭିନ୍ନକ୍ଷମ କ୍ରୀଡ଼ା ସେଣ୍ଟର.......... ସହରରେ ପ୍ରତିଷ୍ଠା କରାଯାଇଛି ?
୩- ୱାର୍ଲ୍ଡ ବୁକ୍ ଆଣ୍ଡ କପିରାଇଟ୍ ଡ଼େ'......... ତାରିଖରେ ପାଳନ କରାଯାଇଥାଏ।
୪- ବିଶ୍ୱର ପ୍ରଥମ ଡିଜିଟାଲ କ୍ୟାମେରା........... ଉଦ୍ଭାବନ କରିଥିଲେ ?
୫- ଖରାଦିନ ଯାକ ରହିଲୁ ବସି
ଚତୁର୍ମାସିଆକୁ......... ?

## ଗତ ଥରର ଉତ୍ତର

| | | | |
|---|---|---|---|
| ୧ | ୧୧୬ | ୨ | ଗୁଜରାଟ |
| ୩ | ୧୯୪୯ | ୪ | ଟଏ ଷ୍ଟୋରି-୪ |
| ୫ | କେରଳ | | |

## ଉତ୍ତରଦାତା



ଅନୀଲ କୁମାର
ଦଳବେହେରା, ନୟାଗଡ଼



ବିପ୍ର କର,
ଭୁବନେଶ୍ୱର



ବିନୋଦ ବିହାରୀ
ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

## ଅଲରାଉଣ୍ଡର ଜ୍ୟୋତିପ୍ରଭା

ମ୍ୟୁଜିକ୍ କାନରେ ବାଜିବା ମାତ୍ରେ ନାଚି ଉଠୁଥିଲା କୁନି ଝିଅଟିର ପାଦ। ଧିରେ ଧିରେ ବୟସ ବଢିବା ସହ ନୃତ୍ୟ ପ୍ରତି ଥିବା ଆଗ୍ରହ ପରିଣତ ହେବାରେ ଲାଗିଲା ନିଶାରେ, ଆଉ ଯାହାକି ବର୍ତ୍ତମାନ ତାଙ୍କୁ ଦେଇଛି ଜଣେ ନୃତ୍ୟଶିଳ୍ପୀର ପରିଚୟ। ସେ ହେଉଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଶମ୍ଭୁନାଥ ପଡ଼ାରେ ରହୁଥିବା ମାଆ ପଦ୍ମିନୀ ଏବଂ ପିତା ସ୍ୱର୍ଗତ ପ୍ରଦୀପ କୁମାର ମହାନ୍ତିଙ୍କ ଝିଅ ଜ୍ୟୋତିପ୍ରଭା। ପିଲାଦିନୁ ସେ ଟିଭିରେ କୌଣସି ଗୀତ ଦେଖିବା ମାତ୍ରେ ଏହାର ତାଳେ ତାଳେ ନାଚି ଉଠୁଥିଲେ। ହେଲେ ୭ମ ଶ୍ରେଣୀରେ ପଢିବା ବେଳେ ଗୁରୁ ମୃଣ୍ମୟୀ ଦାଶଙ୍କ ଠାରୁ ସମ୍ବଲପୁରୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ସେବେଠୁ ସେ ସ୍କୁଲ ସମେତ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। କଳାହାଣ୍ଡି ଜିଲାରେ ଥିବା 'ପ୍ରତିଭା' ନାମକ ଏକ ଅନୁଷ୍ଠାନ ସହିତ ଦୀର୍ଘ ୧୦ ବର୍ଷ ହେବ ଜଡ଼ିତ ରହି ଗୁରୁ ଧ୍ୟାନାନନ୍ଦ ପଣ୍ଡାଙ୍କ ଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରି ଅନେକ ମଞ୍ଚରେ ନୃତ୍ୟ ପରିବେଷଣର ସୁଯୋଗ ପାଇଛନ୍ତି। ସେ କେବଳ ନିଜ ଜିଲା ନୁହେଁ ରାଜ୍ୟ, ଦେଶ ଏବଂ ବିଦେଶରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି। ଭବାନୀପାଟଣା ଦୁରଦର୍ଶନ କେନ୍ଦ୍ରରେ ଅନେକ ଥର ବିଭିନ୍ନ ଲୋକଗୀତ ଏବଂ ବାଦ୍ୟ ତାଳରେ ନୃତ୍ୟ ପରିବେଷଣ କରି ଜଣେ ସଫଳ ନୃତ୍ୟ ଶିଳ୍ପୀ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ସାଂସ୍କୃତିକ ମନ୍ତ୍ରଣାଳୟ ପକ୍ଷରୁ ସ୍କଲାରଶିପ୍ ମଧ୍ୟ ମିଳିଛି। ସେ ଦିଲ୍ଲୀ, ରାଜସ୍ଥାନ, ମୁମ୍ବାଇ, ହାଇଦ୍ରାବାଦ, ଗୋଆ, ଆଶାମ, ଗ୍ୱାଲିଅର୍, ଗ୍ୟାଙ୍ଗଟକ୍, ଡାମନ୍‌ଡ଼ିଉ, ନାସିକ, ହରିଦ୍ୱାର ଆଦି ସ୍ଥାନରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରବା ସହିତ କେନ୍ଦ୍ର ଓ ରାଜ୍ୟ ସାଂସ୍କୃତିକ ମହୋତ୍ସବ ଏବଂ ରାଜ୍ୟ ଓ ଜାତୀୟ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ନୃତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେ କୁହନ୍ତି, ସ୍କୁଲ୍ ଏବଂ କଲେଜରେ ପଢିବା ସମୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା ଲିଖନ, ଖୋଟି ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ଏମିତିକି ବିଭିନ୍ନ କ୍ରୀଡ଼ାରେ ମଧ୍ୟ ମୋର ଭଲ ପ୍ରଦର୍ଶନ ରହିଆସିଛି। ତେଣୁ ନାଶନାଲ ଆଡ଼ଭେଞ୍ଚର ଫାଉଣ୍ଡେଶନ୍ ପକ୍ଷରୁ ପାରାଚ୍ୟୁଟ୍ ଉଡ଼ାଇବାରେ ସାର୍ଟିଫିକେଟ୍ ହାସଲ କରିଛି। ହେଲେ ଏସବୁ ଠାରୁ ନୃତ୍ୟ ମୋତେ ସବୁଠୁ ଅଧିକ ଖୁସି ଦେଇପାରିଛି। ତେବେ ପ୍ରତିଭା ଅନୁଷ୍ଠାନ ସହ ମିଶି ୨୦୧୭ ମସିହାରେ ଲଣ୍ଡନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଦେଶ ମାଟିରେ ନିଜ ରାଜ୍ୟର ଲୋକକଳା ପ୍ରଦର୍ଶନ କରିବାର ଅନୁଭୂତି ସବୁଠୁ ନିଆରା। ଏଭଳି ଏକ ସୁଯୋଗ ପାଇବା ମୋ ପାଇଁ ଖୁବ୍ ଗୌରବର ବିଷୟ।'



ଜଣେ ଆଦିବାସୀ ନୃତ୍ୟଶିଳ୍ପୀ ଭାବେ ପରିଚିତ ଜ୍ୟୋତି ଜଣେ ମେଧାବୀ ଛାତ୍ରୀ ମଧ୍ୟ। କନ୍ଧମାଳରେ ପୋଲିସ କର୍ମଚାରୀ ଭାବେ କାର୍ଯ୍ୟରତ ନିଜ ମାଉସୀଙ୍କ ଘରେ ରହି ସେ ରାଇକିଆସ୍ଥିତ ସୁଧାକୀରଣ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ପଢା ସାରିଥିଲେ ଏବଂ ସେଠାରେ କଲେଜ ଟପର ହୋଇଥିବାରୁ ତାଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ମାଗଣା ଲାପଟପ୍ ମିଳିଥିଲା। ବର୍ତ୍ତମାନ ବଲାଙ୍ଗୀରରେ ଜି.ଏନ୍.ଏମ୍ କୋର୍ସ କରୁଥିବା ଜ୍ୟୋତିପ୍ରଭା କୁହନ୍ତି, ନିଜ ରୁଚି ଲାଗି ପାଠ ପଢାକୁ ଆଦୌ ଅବହେଳା କରେନି। କାରଣ ଭଲ ଶିକ୍ଷାଗତ ଯୋଗ୍ୟତା ଥିଲେ ଯେକୌଣସି କ୍ଷେତ୍ରରେ ଅଗ୍ରସର ହେବା ସହଜ। ତେଣୁ ପଢା ସହିତ ନିଜ ରୁଚିକୁ ସମ୍ମାନ ଦେଇ ଆଗେଇ ଚାଲିଛି। ଆଉ ଭବିଷ୍ୟତରେ ପେସାରେ ଜଣେ ନର୍ସ ଭାବେ ସେବା କାର୍ଯ୍ୟ କରିବା ସହ ନୃତ୍ୟଶିଳ୍ପୀ ଭାବେ ନିଜ ଆଞ୍ଚଳିକ ଲୋକନୃତ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା ଜାରି ରଖିଛି।

- ସଞ୍ଜୀବ ଜୋଷୀ

ୟୁ|ଥ୍|ଆ|ଲ|ର୍ଟ

# ଗାଡ଼ିରେ ବାନ୍ତି ହେଉଥିଲେ...

**ବାଇକ୍ ଭଳି ଖୋଲା ଗାଡ଼ିକୁ ବାଦ୍ ଦେଲେ କାର୍, ବସ୍ ଆଦି ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କ ଠାରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତି ଭଳି ସମସ୍ୟା ଦେଖା ଦେଇଥାଏ। ଯାହାକୁ ମୋସନ୍ ସିକ୍‌ନେସ୍ ବୋଲି କୁହାଯାଇଥାଏ। ଏହି ସମସ୍ୟା କେତେକଙ୍କ ଠାରେ ବଂଶଗତ ବି ହୋଇଥାଏ। ତେବେ ଗାଡ଼ିରେ ବାନ୍ତି ହେବା କାରଣରୁ ଅନେକେ ବିଭିନ୍ନ ସ୍ଥାନକୁ ଯାତ୍ରା କରିବାକୁ ଡରନ୍ତି, ହେଲେ କେତେକ କଥା ପ୍ରତି ଦୃଷ୍ଟି ଦେଲେ ଏହି ସମସ୍ୟା ଦୂର କରାଯାଇ ପାରିବ...**

- ଅନେକେ ଭାବନ୍ତି ଖାଲିପେଟ ରହିଲେ ଯାତ୍ରା ସମୟରେ ବାନ୍ତି ହୋଇ ନ ଥାଏ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। କାରଣ ଖାଲି ପେଟରେ ଗ୍ୟାସ୍ ହେବା, ମୁଣ୍ଡ ବୁଲେଇବା ସମସ୍ୟା ବଢିଥାଏ ଏବଂ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ କିଛି ଖାଇବା ଭଲ। ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ଏସମୟରେ ନ ଖାଇ କିଛି ହାଲକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

- ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁ କରି ବସନ୍ତୁ ନାହିଁ କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସନ୍ତୁ ନାହିଁ । କାରଣ ଏଥିରେ ମୋସନ୍ ସିକ୍‌ନେସ୍‌ର ଆଶଙ୍କା ବେଶୀ। ତେଣୁ ଯାତ୍ରା ବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ।





- ଗାଡ଼ିରେ ଯିବା ବେଳେ ପାଖରେ ଅଦା ଖଣ୍ଡ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋସନ୍ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ।

- ଅନେକଙ୍କ ଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।



ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ନାମେଣ୍ଟରେ ମାଟେଓ ବେରେଟିନିଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଡାନିଏଲ ଅଲ୍ଟମେର୍।

# ଚତୁର୍ଥ ରାଉଣ୍ଡରେ ରୁବ୍ଲେଭ, ବୁଷ୍ଟା

**ପ୍ୟାରିସ୍,୩।୧୦(ଏପି)**

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ କେତୋଟି ବିପର୍ଯ୍ୟୟ ସତ୍ତ୍ୱେ ସିଡେଡ୍ ଖେଳାଳିଙ୍କ ଅଭିଯାନ ଜାରି ରହିଛି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସୁଇଜରଲାଣ୍ଡର ଷ୍ଟାନିସ୍ଲାସ ୱାୱରିଙ୍କାଙ୍କ ବିପର୍ଯ୍ୟୟ ଘଟିଛି। ୧୬ତମ ସିଡ୍ ୱାୱରିଙ୍କା ତୃତୀୟ ରାଉଣ୍ଡରେ ଫ୍ରାନ୍ସର ୱାଇଲ୍ଡ କାର୍ଡ ପାଇଥିବା ଖେଳାଳି ବିଶ୍ୱର ୨୩୯ ନମ୍ବର ଖେଳାଳି ହୁଗୋ ଗାଷ୍ଟାନଙ୍କଠାରୁ ମାରାଥନ ତଥା ସଂଘର୍ଷପୂର୍ଣ୍ଣ ୨-୬, ୬-୩, ୬-୩, ୪-୬, ୬-୦ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗାଷ୍ଟନ ଏବେ ଚତୁର୍ଥ ରାଉଣ୍ଡରେ ୟୁଏସ୍ ଓପନ୍ ଚାମ୍ପିୟନ ଅଷ୍ଟ୍ରିଆର ଡୋମିନିକ୍ ଥିମଙ୍କୁ ଭେଟିବେ। ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୧୩ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ୬-୩, ୬-୨, ୬-୩ ସେଟ୍‌ରେ ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସ୍ପେନର ୧୭ତମ ସିଡ୍ ଖେଳାଳି ଫାବିଓ କାରେନୋ ବୁଷ୍ଟା ୬-୪, ୬-୩, ୫-୭, ୬-୪ ସେଟ୍‌ରେ ୧୦ମ ସିଡ ନିଜ ଦେଶର ରୋବେର୍ଟୋ ବାଟିଷ୍ଟା ଅଗୁଟଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଷ୍ଟା ଚତୁର୍ଥ ରାଉଣ୍ଡରେ ଜର୍ମାନୀ କ୍ୱାଲିଫାୟର ଡାନିଏଲ ଅଲ୍ଟମେର୍‌ଙ୍କୁ ଭେଟିବେ। ୨୨ ବର୍ଷୀୟ ଅଲ୍ଟମେର୍ ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚରେ ସପ୍ତମ ସିଡ୍ ଖେଳାଳି ଇଟାଲୀର ମାଟେଓ ବେରେଟିନିଙ୍କୁ ୬-୨, ୭-୬, ୬-୪ ସେଟ୍‌ରେ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୮୬ତମ ର୍‍ୟାଙ୍କର ଅଲ୍ଟମେର୍ ଏଥିସହିତ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। କ୍ଲେ କୋର୍ଟର ରାଜା କୁହାଯାଉଥିବା ସ୍ପେନ୍‌ର ରାଫାଲ

**ଫ୍ରେଞ୍ଚ ଓପନ ଟେନିସ**

ନାଡାଲ ଚତୁର୍ଥ ରାଉଣ୍ଡରେ ଆମେରିକାର ସେବାଷ୍ଟିଆନ କୋର୍ଡ୍ରାଙ୍କୁ ଭେଟିବା ସ୍ପଷ୍ଟ ହୋଇଛି। ନାଡ଼ାଲ ତୃତୀୟ ରାଉଣ୍ଡରେ ଇଟାଲୀର ଷ୍ଟିଫାନୋ ଟ୍ରାଭାଗ୍ଲିଆଙ୍କୁ ୬-୧, ୬-୪, ୬-୦ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡକୁ ପ୍ରବେଶ କରିଛନ୍ତି। ସେହିପରି କୋର୍ଡ୍ରା ତୃତୀୟ ରାଉଣ୍ଡରେ ପେଡ୍ରୋ ମାର୍ଟିନେଜ ପୋର୍ଟେରୋଙ୍କୁ ୬-୪, ୬-୩, ୬-୧ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଅନ୍ୟଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଷଷ୍ଠ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜେଭେରେଭ ଓ ଇଟାଲୀର ଜାନିକ୍ ସିନର ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି।

# ଆସନ୍ତା ବର୍ଷ ପ୍ରାରମ୍ଭରେ କ୍ରୀଡ଼ା ପ୍ରତିଯୋଗିତା

**ନୂଆଦିଲ୍ଲୀ, ୩।୧୦(ପି.ଟି.):** ଆସନ୍ତାବର୍ଷ ପ୍ରାରମ୍ଭରେ ଆମ ଦେଶରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇପାରିବ ବୋଲି ଆଶା ପ୍ରକାଶ କରି କହିଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ। କୋଭିଡ୍-୧୯ ମହାମାରୀ ଯୋଗୁ ଗତ ମାର୍ଚ୍ଚ ମାସରୁ କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ ରହିଥିଲା। ସେତେବେଳେ କ୍ୟାମ୍ପଗୁଡ଼ିକ ମଧ୍ୟ ବନ୍ଦ ରଖାଯାଇଥିଲା। କିଛି ମାସ ହେଲା ଆଥଲେଟମାନେ ପର୍ଯ୍ୟାୟକ୍ରମେ ଟ୍ରେନିଂ ଆରମ୍ଭ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଅକ୍ଟୋବରରେ କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ହୋଇପାରିବ ବୋଲି ମୋ ମନରେ ଧାରଣା ରହିଥିଲା।






# କେନିନ୍, ଝାଙ୍ଗ୍, ବେର୍ଟେନ୍ସ ଚତୁର୍ଥ ରାଉଣ୍ଡରେ

**ପ୍ୟାରିସ୍, ୩।୧୦(ଏପି)**

ଫ୍ରେଞ୍ଚ୍ ଓପନ୍ ମହିଳା ସିଙ୍ଗଲ୍ସରେ ଆମେରିକାର ସୋଫିଆ କେନିନ୍, ଚାଇନାର ଝାଙ୍ଗ୍ ସୁଆଇ, କିକି ବେର୍ଟେନ୍ସ ଓ ଅନ୍ୟମାନେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା କେନିନ୍ ତୃତୀୟ ରାଉଣ୍ଡ ମୁକାବିଲାରେ ୬-୨, ୬-୦ ସେଟ୍‌ରେ ରୋମାନିଆର ଇରିନା ବାରାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଝାଙ୍ଗ୍ ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ୭-୬, ୭-୬ ସେଟ୍‌ରେ ଫ୍ରାନ୍ସର କ୍ଲାରା ବୁରେଲଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ନେଦରଲାଣ୍ଡ୍ସର ପଞ୍ଚମ ସିଡ୍ ଖେଳାଳି କିକି ବେର୍ଟେନ୍ସ ୬-୨, ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ବେର୍ଟେନ୍ସ ଏବେ ଇଟାଲୀର ମାର୍ଟିନା ଟ୍ରେଭିସାନଙ୍କୁ ଭେଟିବେ। ଟ୍ରେଭିସାନ ଅନ୍ୟଏକ ତୃତୀୟ ରାଉଣ୍ଡ ମୁକାବିଲାରେ ଗ୍ରୀସ୍ ମାରିଆ ସାକାରିଙ୍କୁ ୭-୬, ୬-୨ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି।

# ପରବର୍ତ୍ତୀ ଦଶନ୍ଧିରେ ଆଥ୍‌ଲେଟିକ୍ସ ଶୀର୍ଷକ ୱେବିନାର

**ଭୁବନେଶ୍ୱର, ୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଟାଟା ଷ୍ଟିଲ୍ ତରଫରୁ ପରବର୍ତ୍ତୀ ଦଶନ୍ଧିରେ ଆଥଲେଟିକ୍ସ ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଆଗକୁ ସଫଳତା ପାଇଁ ଦେଶର ସ୍ପୋର୍ଟ୍ସ ଷ୍ଟଲୱାର୍ଟଙ୍କୁ କି କି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ କେଉଁ ମାର୍ଗ ଦେଇ ଗତି କରିବାକୁ ପଡ଼ିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ଯୁବ ସେବା ଓ କ୍ରୀଡ଼ା ସଚିବ ବିଶାଲ ଦେବ, ବିଶ୍ୱ ଆଥଲେଟିକ୍ସ ଉପ ସଭାପତି ଜେଅଫ୍ ଗାର୍ଡନର, ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଡିଲ ସୁମାରିୱାଲା, ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ଅଞ୍ଜୁ ବବି ଜର୍ଜ, ଟାଟା ଷ୍ଟିଲ୍ ଆଥଲେଟିକ୍ସ ସ୍ପୋର୍ଟ୍ସ ଡିପାର୍ଟମେଣ୍ଟର ସିନିୟର କୋଚ୍ ଆନନ୍ଦ ମେଞ୍ଜିସ୍, ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି (ଓଡ଼ିଶା) ମୁଖ୍ୟ କୋଚ୍ ଜେମ୍ସ ହିଲିଅର, ଏନ୍‌ଟିଏଚ୍‌ଏ ଓଡ଼ିଶାର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ଏବଂ ମାଇଁ ସିଟି ଲିଙ୍କ୍ ମାଗାଜିନ୍‌ର ସିନିୟର ଆସୋସିଏଟ୍ ଏଡିଟର ଦୀକ୍ଷା ତିୱାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେମାନେ ଫୁଟ୍‌ବଲର ଭବିଷ୍ୟତ ଏବଂ ଏକ ଉଦୀୟମାନ ଟିମ୍ ଭାବେ ଜାମ୍‌ସେଦପୁର ଏଫ୍‌ସିର କ୍ରମ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାରେ ଭାଗ ନେଇ ବିଶାଲ ଦେବ କହିଥିଲେ ଓଡ଼ିଶା ସରକାର ପେସାଦାର ଢଙ୍ଗରେ କାର୍ଯ୍ୟକରୁଛନ୍ତି। ଭିତ୍ତିଭୂମି ସ୍ଥାପନ କରିବା ସହ ଶ୍ରେଷ୍ଠ ବିଶେଷଜ୍ଞ ଓ ପେସାଦାରଙ୍କୁ ଆଣି ଏକାଡେମୀ ସ୍ଥାପନ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଜିଓଫ୍ ଗାର୍ଡନର କହିଥିଲେ କ୍ରୀଡ଼ାରେ ଡିଜିଟାଲ ଟେକ୍ନୋଲୋଜି ବିଶେଷ ଆଦୃତ ଲାଭ କରିଛି। ଆଡିଲ ସୁମାରିୱାଲା କହିଛନ୍ତି, ଓଡ଼ିଶାରେ କ୍ରୀଡ଼ା ପୃଷ୍ଠଭୂମି ରହିଛି। କିନ୍ତୁ ଭିତ୍ତିଭୂମି ଓ ସୁବିଧା ସୁଯୋଗର ଅଭାବ ରହିଥିଲା। ବିଗତ କିଛି ବର୍ଷ ହେଲା ରାଜ୍ୟ ସରକାର କ୍ରୀଡ଼ାକୁ ଯେପରି ଭାବେ ସହଯୋଗ ପ୍ରଦାନ କରୁଛନ୍ତି ତାହା ଉଲ୍ଲେଖନୀୟ। ଅଞ୍ଜୁ ବବି ଜର୍ଜ କହିଥିଲେ, ଓଡ଼ିଶା ଯେପରି ଭାବେ କ୍ରୀଡ଼ା ପରିବେଶ ବିକଶିତ କରିଛି ତାହା ପ୍ରଶଂସାଯୋଗ୍ୟ। ଭବିଷ୍ୟତରେ ଏହି ରାଜ୍ୟ ଦିନେ ଦେଶର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ହବ୍‌ରେ ପରିଣତ ହେବ ବୋଲି ଆଶା। ଅଲୋଚନାରେ ଭାଗ ନେଇ ଆନନ୍ଦ ମିଞ୍ଜିସ୍ କହିଥିଲେ, ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ଖୁବ୍ ଶୀଘ୍ର ଏନ୍‌ଟିଏଚ୍‌ସି ଓ ଓଡ଼ିଶାରୁ ଅଧିକ ସଂଖ୍ୟାରେ କ୍ରୀଡ଼ାବିତ୍‌ମାନଙ୍କୁ ଦେଖିବାକୁ ମିଳିବେ। ଜେମ୍ସ ହିଲର କହିଛନ୍ତି, ପ୍ରତ୍ୟେକ ଆଥଲେଟ୍‌ଙ୍କ ଅଗ୍ରଗତି ଆମର ମୂଳ ଲକ୍ଷ୍ୟ।

# ପୋଲାର୍ଡ ଓ ହାର୍ଦ୍ଦିକଙ୍କଠାରୁ କୌଶଳ ଶିଖିଛନ୍ତି କିଶନ

**ଶାରଜା, ୩।୧୦ (ପି.ଟି.):** କିରନ ପୋଲାର୍ଡ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଅନେକ କୌଶଳ ସେ ହାସଲ କରିପାରିଥିବା କହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ଯୁବ ବ୍ୟାଟ୍ସମ୍ୟାନ ଇଶାନ କିଶନ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ବିସ୍ଫୋରକ ୯୯ ରନ ସଂଗ୍ରହ କରି ଦୃଷ୍ଟିଆକର୍ଷଣ କରିଥିବା କିଶାନ କହିଛନ୍ତି, କେବଳ ବ୍ୟାଟିଂ ନୁହେଁ ଟି୨୦ ଖେଳର ଅନ୍ୟ କେତୋଟି ଦିଗରୁ ସେ ଏହି ଦୁଇ ସିନିୟର ଖେଳାଳିଙ୍କଠାରୁ ଜ୍ଞାନ ଆହରଣ କରିଛନ୍ତି। ପୋଲାର୍ଡ ଓ ହାର୍ଦ୍ଦିକଙ୍କ ସହ ସେ ୩ବର୍ଷ ହେଲା ଖେଳି ଆସୁଛନ୍ତି।






# କ୍ୱାରାଣ୍ଟାଇନ୍‌ରେ ବେନ୍ ଷ୍ଟୋକ୍ସ ରହିବେ ୬ଦିନ

**ଦୁବାଇ, ୩।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ବିଶ୍ୱର ଟପ୍ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ରବିବାର ୟୁଏଇରେ ପହଞ୍ଚିବେ। ସେ ତାଙ୍କ ଦଳ ରାଜସ୍ଥାନ ରୟାଲ୍ସରେ ଯୋଗଦେବା ପୂର୍ବରୁ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଷ୍ଟୋକ୍ସ ତାଙ୍କ ଅସୁସ୍ଥ ପିତା ଜେଡ୍‌ଙ୍କୁ ଦେଖିବା ଲାଗି ନ୍ୟୁଜିଲାଣ୍ଡ ଯାଇଥିଲେ। ତେଣୁ ଟୁର୍ନାମେଣ୍ଟ ଆରମ୍ଭରେ ସେ କିଛି ମ୍ୟାଚ୍ ମିସ୍ କରିଛନ୍ତି। ରାଜସ୍ଥାନ ରୟାଲ୍ସ ଷ୍ଟୋକ୍ସଙ୍କୁ ୧୨.୫ କୋଟି ଟଙ୍କାରେ କ୍ରୟ କରିଛି। ତାଙ୍କର ୬୭ ଟେଷ୍ଟ, ୯୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୬ ଅନ୍ତର୍ଜାତୀୟ ଟି୨୦ ମ୍ୟାଚର ଅଭିଜ୍ଞତା ରହିଛି। ଇଂଲଣ୍ଡର ବିଶ୍ୱକପ୍ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ୨୦୧୯ରେ ଏକ ଆଶେସ ଟେଷ୍ଟରେ ସେ ମ୍ୟାଚ ବିଜୟୀ ଶତକ ହାସଲ କରିଥିଲେ। ତାଙ୍କ ଅନୁପସ୍ଥିତିରେ ରୟାଲ୍ସ ୩ଟି ମ୍ୟାଚରୁ ଦୁଇଟିରେ ବିଜୟ ହାସଲ କରିଛି। ସୂଚନାଯୋଗ୍ୟ, ପିତା ବ୍ରେନ୍ କ୍ୟାନସରରେ ପୀଡ଼ିତ ଥିବା ଖବର ପାଇ ୨୯ ବର୍ଷୀୟ ଷ୍ଟୋକ୍ସ ଅଗଷ୍ଟରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ମଝିରୁ ଖ୍ରିଷ୍ଟଚର୍ଚ୍ଚ ଯାତ୍ରା କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ